R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୭
ତିଥି : ଅଷ୍ଟମୀ
୦୯ ଫେବୃଆରୀ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 127
09 February 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମାଲକାନଗିରିରେ ଆଶ୍ରୟ ନେଲେ ଛତିଶଗଡ଼ ବିଧାୟକ




ମାଲକାନଗିରି,୮।୨,(ସବ୍ୟ) : ଓଡ଼ିଶାରେ ଆଶ୍ରୟ ନେଲେ ଛତିଶଗଡ଼ର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ବିଧାୟକ ଲଖମା କୱାସୀ । ସୁପ୍ରିମକୋର୍ଟଙ୍କ ସର୍ତ୍ତମୂଳକ ଜାମିନ ପରେ ମାଲକାନଗିରି ସହରକୁ ନିଜ ଅସ୍ଥାୟୀ ଠିକଣା ଭାବେ ବାଛି ନେଇଛନ୍ତି କୱାସୀ ଲଖମା । ବହୁ ଚର୍ଚ୍ଚିତ ଛତିଶଗଡ଼ ମଦ ଘୋଟାଲା ମାମଲାରେ ପ୍ରାୟ ବର୍ଷେ ଧରି ରାୟପୁର ସେଣ୍ଟ୍ରାଲ୍ ଜେଲରେ ବିଚାରାଧୀନ କଏଦୀ ଭାବେ ସଜା କାଟୁ ଥିଲେ ଲଖମା ।

ଗତ ଫେବୃୟାରୀ ୩ ତାରିଖରେ ଲାଖମାଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ । ତେଣୁ ଲଖମା ମାଲକାନଗିରି ସହରର ଏକ ଭଡ଼ା ଘରେ ରହିବା ଲାଗି ସ୍ଥିର କରି ମାଲକାନଗିରି ଆସିଛନ୍ତି । ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ଆଶଙ୍କା କରି କୋର୍ଟ ତାଙ୍କୁ ଛତିଶଗଡ଼ ବାହାରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ କେବଳ ଶୁଣାଣିର ଗୋଟିଏ ଦିନ ଆଗରେ ଛତିଶଗଡ଼ ଯିବେ ଲଖମା । କୋର୍ଟଙ୍କ ବିନା ଅନୁମତିରେ ଫୋନ ନମ୍ବର ବଦଳାଇ ପାରିବେନି । ଇଡି ଓ ସ୍ଥାନୀୟ ପୁଲିସର ବିନା ଅନୁମତିରେ ଅନ୍ୟ କୌଣସି ସ୍ଥାନକୁ ଯାଇପାରିବେନି ।

## ମାଲେସିଆ ପିଏମଙ୍କ ସହ ମୋଦୀଙ୍କ ଆଲୋଚନା

# ଆତଙ୍କବାଦ ପ୍ରସଙ୍ଗରେ ଦୋମୁହାଁ ନୀତି ଚଳିବନି

କ୍ୱାଲାଲମ୍ପୁର,୮।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ମାଲେସିଆ ଗସ୍ତ ସାରି ଫେରିବା ପୂର୍ବରୁ ରବିବାର କ୍ୱାଲାଲମ୍ପୁରଠାରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଛନ୍ତି। ମୋଦୀ ଏହି ଅବସରରେ ଆତଙ୍କବାଦର ତୀବ୍ର ସମାଲୋଚନା କରିଥିଲେ। ଅନୱରଙ୍କ ସହିତ ମିଳିତ ପ୍ରେସ୍ ବିବୃତିରେ ଆତଙ୍କବାଦକୁ ବିଶ୍ୱଶାନ୍ତି ପାଇଁ ସବୁଠୁ ବଡ଼ ବିପଦ ବୋଲି କହିବା ସହିତ ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ ସୁରକ୍ଷା ସହଯୋଗ ଉପରେ ଚର୍ଚ୍ଚା କରିବା ସମୟରେ ସ୍ପଷ୍ଟ କରିଥିଲେ ଯେ, ଭାରତ ଆତଙ୍କବାଦ ପ୍ରସଙ୍ଗରେ କୌଣସି ପ୍ରକାର ନରମ ମନୋଭାବ ପୋଷଣ କରିବ ନାହିଁ। ଆତଙ୍କବାଦର ମୁକାବିଲା ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଦୋହରାଇ କହିଛନ୍ତି, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ସ୍ପଷ୍ଟ ରହିଛି, ଏଥିରେ ଦୋମୁହାଁ ନୀତି କିମ୍ବା କୌଣସି ବୁଝାମଣା ଚଳିବ ନାହିଁ।ରବିବାର ଭାରତ-ମାଲେସିଆ ଅଡିଓ-ଭିଜୁଆଲ୍ ସହ-ଉତ୍ପାଦନ, ବିପର୍ଯ୍ୟୟ ପରିଚାଳନା ସହଯୋଗ, ଦୁର୍ନୀତି ବିରୋଧରେ ଲଢ଼ିବା, ଜାତିସଂଘର ଶାନ୍ତିରକ୍ଷା, ସେମିକଣ୍ଡକ୍ଟର ସହଯୋଗ ପରି ୬ଟି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଯେଉଁଥିରେ ଉଭୟ ନେତା ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆର ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ବ୍ୟାପକ ସ୍ତରରେ ତାମିଲ ଭାଷାର ଉପସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ଜନସମ୍ପର୍କକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ତାମିଲ ଭାଷା ପ୍ରତି ଭଲ ପାଇବା ଭାରତ ଏବଂ ମାଲେସିଆକୁ ଯୋଡ଼ି ରଖିଛି। ମାଲେସିଆରେ ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ତାମିଲ ଭାଷାର ଦୃଢ଼ ଉପସ୍ଥିତି ସ୍ପଷ୍ଟ ଭାବରେ ବିଦ୍ୟମାନ। ମୁଁ ନିଶ୍ଚିତ ଯେ, ଆଜିର ଅଡିଓ-ଭିଜୁଆଲ୍ ଚୁକ୍ତିନାମା ସହିତ, ଚଳଚ୍ଚିତ୍ର ଏବଂ ସଙ୍ଗୀତ, ବିଶେଷକରି ତାମିଲ ଚଳଚ୍ଚିତ୍ର, ଆମ ହୃଦୟକୁ ଅଧିକ ନିକଟତର କରିବ। ଦୁଇ ଦେଶ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କ ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଅଡିଓ ଭିଜୁଆଲ୍ ଚୁକ୍ତିନାମା ଚଳଚ୍ଚିତ୍ର ଏବଂ ସଙ୍ଗୀତରେ ଅଧିକ ଆଦାନପ୍ରଦାନକୁ ଉତ୍ସାହିତ କରିବ, ବିଶେଷକରି ତାମିଲ ସିନେମା ପ୍ରତି ବୋଲି ମୋଦୀ କହିଥିଲେ।ଦୁଇ ଦେଶ ମିଳିତ ଭାବେ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବେ ଓ ପ୍ରତିରକ୍ଷା ସହଯୋଗିତାକୁ ଅଧିକ ବ୍ୟାପକ କରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସୁରକ୍ଷା ଭଳି ଉଦୀୟମାନ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଭାଗିତା ଆହୁରି ମଜବୁତ ହେବ। ଶକ୍ତି, ଭିତ୍ତିଭୂମି, ଉତ୍ପାଦନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗିତା ନିରନ୍ତର ଭାବେ ବୃଦ୍ଧି ପାଇଛି ବୋଲି ମୋଦୀ କହିଥିଲେ। ମାଲେସିଆ ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୈତିକ ବିକାଶର ପ୍ରଶଂସା କରିଥିଲେ ଏବଂ ବ୍ୟାପାର କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗିତାର ଗୁରୁତ୍ୱକୁ ପ୍ରଶଂସା କରିଥିଲେ।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

ମୁରିବାହାଲ/ଚିକିଟି/ବ୍ରହ୍ମପୁର,୮।୨: ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ୍ ଗାଁ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକାରେ ବାଇକ୍ ଆରୋହୀ ଅଜା,ନାତି ସହ ଆଉ ଦୁଇ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିବା ଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି । ତୁରେକେଲା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର ଗୋଟିଏ ପରିବାରର ୪ ଜଣ ଏକ ବାଇକରେ କୌଣସି କାମରେ ଜ୍ୱାଇଁଙ୍କ ଗାଁ ଯାଇ ନିଜ ଘରକୁ ଫେରୁଥିବା ବେଳେ ଘଟଣାସ୍ଥଳରେ ଅଜଣା ଗାଡ଼ିଟି ଧକ୍କା ଦେଇଥିଲା । ଫଳରେ ସମସ୍ତେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର କ୍ଷୀର ପୁଟେଲ(୫୫),ସ୍ତ୍ରୀ ଫୁଲମତି ପୁଟେଲ(୫୦) ଧଅଁରାଖମନ ଗାଁର ନବବିବାହିତ ଜ୍ୱାଇଁ ମୋହନ ପୁଟେଲ(୨୩) ଓ ସମ୍ପର୍କୀୟ ନାତି ଦେବାଶିଷ ପୁଟେଲ(୬)ଙ୍କ ମୃତ୍ୟୁ ଘଟିଛି ବୋଲି ଜଣାପଡିଛ । ତୁରେକେଲା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ ସହ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି ଯାଞ୍ଚ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି । ୪ଜଣଙ୍କ ମୃତ୍ୟୁରେ ୨ଟି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ମୃତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ବ୍ରହ୍ମପୁର ବଡ଼ମେଡିକାଲରୁ ଆନ୍ଧ୍ରପ୍ରଦେଶକୁ ରୋଗୀ ସ୍ଥାନାନ୍ତର ବେଳେ ଗଂଜାମ ଜିଲ୍ଲାର ଏକ ପରିବାର ଦୁର୍ଘଟଣାର ସାମ୍ନା କରିଛନ୍ତି। ଏହି ଦୁର୍ଘଟରାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଡବ୍ଲୁ.ଡାଲିଆ (୪୬) ଓ ଡବ୍ଲୁ. ମୋହିନାମ୍ମା (୫୦)। ଗୁରୁତରମାନେ ହେଲେ ଡବ୍ଲୁ ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଶିଶୁ ସମସ୍ତ ଗୁରୁତର ପାତି ସୁନାପୁର ଗାଁ ବାସିନ୍ଦା ଅଟନ୍ତି ।ରିପୋର୍ଟ ଅନୁସାରେ ଗଞ୍ଜାମ ଚିକିଟି ବ୍ଲକ ସୁନାପୁର ପଞ୍ଚାୟତ ଅନ୍ତର୍ଗତ ପାତି ସୁନାପୁର ଗାଁର ଏକ ପକ୍ଷାଘାତ ରୋଗୀ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସା ହେଉଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କ ସମ୍ପର୍କୀୟମାନେ ଶନିବାର-ରବିବାର ରାତିରେ ସ୍କୋର୍ପିଓ ଯୋଗେ ବ୍ରହ୍ମପୁର ବଡ଼ମେଡିକାଲରୁ ଆନ୍ଧ୍ରପ୍ରଦେଶର ଏମ୍ସ ବିଶାଖାପାଟଣାକୁ ନେଉଥିବା ବେଳେ ଦୁର୍ଘଟଣାର ସାମ୍ନା କରିଥିଲେ। ଆନ୍ଧ୍ରପ୍ରଦେଶର ଟେକିଲି ନନ୍ଦିଗାଁ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଫଳରେ ପକ୍ଷାଘାତ ରୋଗୀ ସମେତ ତାଙ୍କ ଭାଉଜଙ୍କ ପ୍ରଣହାନୀ ଘଟିଛି। ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ନିଆଯାଇଛି। ଆଉ ଜଣକୁ ବିଶାଖାପାଟଣାର ଏକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ଡବ୍ଲୁ ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଶିଶୁ ସମସ୍ତ ଗୁରୁତର ପାତି ସୁନାପୁର ଗାଁ ବାସିନ୍ଦା ଅଟନ୍ତି। ଅଧିକ ଗୁରୁତର ହୋଇଥିବା ( ୯ ପୃଷ୍ଠାରେ )

# ରାତିରେ ଶୀତ, ଦିନରେ ଖରା

ଭୁବନେଶ୍ୱର,୮।୨,(ସବ୍ୟ) : ରାଜ୍ୟରେ ପୁଣି ଶୀତ ଫେରିଛି । ଉତ୍ତର-ପଶ୍ଚିମ ଦିଗ ଆଡୁ ଥଣ୍ଡା ପବନ ବହୁଥିବା ଯୋଗୁଁ ଆଭ୍ୟନ୍ତରୀଣ ଅଞ୍ଚଳରେ ଶୀତର ପ୍ରକୋପ ବଢ଼ିଛି । ତେବେ ରାତିରେ ଶୀତ ଅନୁଭୂତ ହେବାକୁ ଥିବା ବେଳେ ଦିନରେ ତାପମାତ୍ରା ବଢ଼ିବ । ଫେବୃଆରୀ ଶେଷ ପର୍ଯ୍ୟନ୍ତ ରାତିରେ ଶୀତ ଜାରି ରହିବ । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

### ଜି. ଉଦୟଗିରିରେ ପାରଦ ୪.୪ ଡିଗ୍ରୀ
### ଫେବୃଆରୀ ଶେଷ ଯାଏଁ ଥଣ୍ଡା ରହିବ

ଓଡ଼ିଶାର ଦାର୍ଜିଲିଂ ଜି.ଉଦୟଗିରି ସହରରେ ସପ୍ତାହ ହେବ ହାଡ଼ଭଙ୍ଗା ଶୀତରେ ଅସ୍ତବ୍ୟସ୍ତ ଅଞ୍ଚଳବାସୀ । ଜାଡ଼ ଥଣ୍ଡା ସହ କୋହଲା ପବନ ଯୋଗୁଁ ସନ୍ଧ୍ୟା ପୂର୍ବରୁ ସହର ଜନ ଶୂନ୍ୟ ହୋଇଯାଉଛି । ରବିବାର ଭୋରରୁ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ ସେଲସିୟସ ରହିଛି । ଗତକାଲି ତାପମାତ୍ରା ୫.୬ ଡିଗ୍ରି ସେଲସିୟସ ରହିଥିଲା । ( ୯ ପୃଷ୍ଠାରେ )



## ଭାରତ ଫେରିଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ,୮।୨: ଫେବ୍ରୁଆରିର ପ୍ରଥମ ସପ୍ତାହରେ ସେମାନେ ଯେତିକି ସେୟାର ବିକ୍ରି କରିଛନ୍ତି ତାହା ତୁଳନାରେ ଅଧିକ କିଣିଛନ୍ତି। ଇକ୍ୱିଟିରେ ୮୧୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ନୂଆଦିଲ୍ଲୀ: କ୍ରମାଗତଭାବେ ୩ ମାସ ହେଲା ଭାରତୀୟ ପୁଞ୍ଜି ବଜାରରୁ ଅଧିକ ମାତ୍ରାରେ ସେୟାର ବିକ୍ରି କରି ଆସୁଥିବା ବିଦେଶୀ ନିବେଶକମାନେ ସଂପ୍ରତି ଭାରତମୁହାଁ ହୋଇଛନ୍ତି। ଫେବ୍ରୁଆରିର ପ୍ରଥମ ସପ୍ତାହରେ ସେମାନେ ଯେତିକି ସେୟାର ବିକ୍ରି କରିଛନ୍ତି ତାହା ତୁଳନାରେ ଅଧିକ କିଣିଛନ୍ତି। ଇକ୍ୱିଟିରେ ୮୧୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ବିଶେଷକରି ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ରାଜିନାମା ଢାଞ୍ଚା ଘୋଷଣାର ପ୍ରଥମ ସପ୍ତାହରେ ଏହା ହୋଇଛି। ଜାନୁଆରି ମାସରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ୩୫,୯୬୨ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩୭୬୫ କୋଟି ଉଠାଇ ନେଇଥିଲେ। ୨୦୨୫ ମସିହାରେ ସେମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ବା ୧୮.୯ ବିଲିଅନ ଡଲାର ପ୍ରତ୍ୟାହାର କରି ନେଇଥିଲେ। ମୁଦ୍ରା ବିନିମୟ ବଜାରରେ ଅସ୍ଥିରତା, ବିଶ୍ୱରେ ଦେଖାଦେଇଥିବା ରଜେନୈତିକ ଓ ସାମରିକ ସମସ୍ୟା, ଶୁଳ୍କ ଲଢ଼େଇ ଆଦି କାରଣରୁ ଏପରି ହୋଇଥିଲା। ତେବେ ସୂଚନା ଅନୁଯାୟୀ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରେ ଫେବ୍ରୁଆରି ମାସର ପ୍ରଥମ ୬ ଦିନରେ ଭାରତରେ ୮୧୨୯ କୋଟି ଟଙ୍କା ନିବେଶ କରିଛନ୍ତି।

# ପାରିବାରିକ କଳହରୁ ହତ୍ୟାକାଣ୍ଡ

କାମାକ୍ଷାନଗର,୮।୨: କଙ୍କଡାହାଡ଼ ଥାନା ଇଲାକା ମରୁଆବିଲ ପଞ୍ଚାୟତ କମ୍ପୁଲେଇ ଗାଁରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ନିଜର ଜନ୍ମିତ ପୁଅକୁ ଛୁରୀ ଭୁସି ହତ୍ୟା କରିଛି ବାପା। ମୃତକ ହେଲେ କ୍ଷୀରୋଦ ସାହୁ(୨୬)। ହତ୍ୟାକାରୀ ବାପା ବିଭୁତି ସାହୁ(୫୫)। ପରିବାର ଲୋକଙ୍କ କହିବାନୁଯାୟୀ କୌଣସି କାରଣକୁ ନେଇ ଉଭୟ ବାପା ଓ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ବିଭୁତି ନିଶାସକ୍ତ ଅବସ୍ଥାରେ ଘରେ ପାଟିତୁଣ୍ଡ କରିବା ସହ ପୁଅ କ୍ଷୀରୋଦକୁ ମାରିବା ପାଇଁ ଇଟା, ପଥର ପକାଇଥିଲା, ଯାହାକୁ ନେଇ କ୍ଷୀରୋଦ କଙ୍କଡାହାଡ଼ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ତାଙ୍କୁ ନ୍ୟାୟ ମିଳିବା ବଦଳରେ ତାଙ୍କୁ ଗାଳି କରି ଘରକୁ ଫେରାଇ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବରେ ଆଜି ସକାଳୁ ପୁଣି କ୍ଷୀରୋଦ ଥାନାରେ ଅଭିଯୋଗ କରି ଘରକୁ ଫେରିଥିଲେ ହେଲେ ଘରକୁ ପହଁଚିଲା ମାତ୍ରେ ଘରେ ଜହ୍ଲା ବାପା ପୁଅ ଉପରେ ଏକ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲା। ପରିବାର ଲୋକ କ୍ଷୀରୋଦକୁ ମୁର୍ମୁଷୁ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ପୁଲିସର ଅବହେଳାକୁ ନେଇ କ୍ଷୀରୋଦଙ୍କ ମୃତ୍ୟୁ ହୋଇଥିବା ନେଇ କ୍ଷୀରୋଦଙ୍କ ମା ଓ ଭାଇ ବୋହୂ ଅଭିଯୋଗ କରିଛନ୍ତି। କ୍ଷୀରୋଦଙ୍କ ମେଡିକାଲରେ ମୃତ୍ୟୁ ହୋଇଥିବା ଖବର ପାଇ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ କାମାକ୍ଷାନଗର ମେଡିକାଲରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ କଙ୍କଡାହାଡ଼ ଥାନା ଅଧିକାରୀଣି କଳ୍ପନା ବେହେରା ସୂଚନା ଦେଇଛନ୍ତି ଗତକାଲି ୧୧୨ ନମ୍ବରକୁ ଏକ ଫୋନ କଲ ଆସିଥିଲା କମ୍ପୁଲେଇ ଗ୍ରାମର ଜଣେ ମହିଳା ଫୋନ କରିଥିଲେ ଘରେ ବାପା ଆକ୍ରମଣ କରୁଛନ୍ତି ପୁଅ ଉପରେ। ଏହି ଖବର ପାଇ ରାତି ପ୍ରାୟ ୧୧ ଟା ସମୟରେ ପୋଲିସ ଯାଇ ଗାଁରେ ପହଁଚିଲା ବେଳକୁ ସମସ୍ତେ ଶୋଇ ପଡ଼ିଥିବା ନେଇ ପୁଲିସ (୯ ପୃଷ୍ଠାରେ)



## ପାଦ୍ରୀଙ୍କ ସମେତ ୧୧ ଜଣଙ୍କୁ ଅପହରଣ

ଆବୁଜା,୮।୨: ନାଇଜେରିଆର କାଡୁନା ରାଜ୍ୟରେ ଏକ ଭୟଙ୍କର ହିଂସା ଘଟଣା ସାମ୍ନାକୁ ଆସିଛି। ଏକ ଗାଁରେ ବନ୍ଧୁକଧାରୀ ତାଣ୍ଡବ ରଚିଛନ୍ତି। ଆକ୍ରମଣରେ ତିନି ଜଣ ନିରୀହ ଗ୍ରାମବାସୀଙ୍କ ଜୀବନ ଯାଇଛି। ଅନେକ ଲୋକଙ୍କୁ ବନ୍ଧକ କରାଯାଇଛି। ରିପୋର୍ଟ ଅନୁଯାୟୀ, ଜଣେ କ୍ୟାଥୋଲିକ ପାଦ୍ରୀଙ୍କୁ ଅପହରଣ କରିବା ଘଟଣା ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ସରକାରଙ୍କ ପ୍ରୟାସ ସତ୍ତ୍ୱେ, ନାଇଜେରିଆର ଉତ୍ତରାଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଜଣାପଡ଼ିଛି। ହତ୍ୟାକାଣ୍ଡ ପରେ, ବନ୍ଧୁକଧାରୀମାନେ ବନ୍ଧୁକ ମୁନରେ ମୋଟ ୧୧ ଜଣଙ୍କୁ ଅପହରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ କ୍ୟାଥୋଲିକ ପାଦ୍ରୀ ମଧ୍ୟ ଅଛନ୍ତି।

# ବରଯାତ୍ରୀ ବେଶରେ ଆସିଲେ, ଲୁଟି ନେଲେ ୩ ଲକ୍ଷ

ଭୁବନେଶ୍ୱର,୮।୨,(ସବ୍ୟ) : ନୂଆପଲ୍ଲୀ ଥାନା ଅନ୍ତର୍ଗତ ଏକ ତାରକା ହୋଟେଲରେ ଆୟୋଜିତ ବିବାହ ଉତ୍ସବକୁ ବରଯାତ୍ରୀ ହୋଇ ଆସିଲେ, ସାଢେ ତିନିଲକ୍ଷ ଟଙ୍କା ଲୁଟିନେଇ ଖସିଗଲେ ଦୁର୍ବୃତ୍ତ । ଥାନାରେ ଏତଲା ହେବା ପରେ ପୋଲିସ ସିସି କ୍ୟାମେରା ପ୍ରଭୃତି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି ।

ଶନିବାର ଦିନ ତାରକା ହୋଟେଲରେ ବିବାହ ଉତ୍ସବର ଆୟୋଜନ ହୋଇଥିଲା । ଦୁଇ ଲୁଟେରା ବରଯାତ୍ରୀ ହୋଇ କାର୍‌ରେ ଆସିଲେ । ହୋଟେଲର ବିବାହ ମଣ୍ଡପ ନିକଟକୁ ଯାଇ ସମସ୍ତ ବରଯାତ୍ରୀଙ୍କ ସହ ମିଶି ନାଚିଲେ । ଏହାପରେ ଉଭୟେ ଖାଇବା, ପିଇବା ସାରିଲେ । ଏହି ସମୟରେ କନ୍ୟା ପକ୍ଷର ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗିଫଫ ମିଳିଥିବା ଟଙ୍କା ବ୍ୟାଗ୍‌କୁ ଦୁଇ ଦୁର୍ବୃତ୍ତ ଲୁଟିନେଲେ ।

ଟଙ୍କା କେତେ ମିଳୁଛି ଓ ସେସବୁକୁ କେଉଁଠି କିପରି ରଖାଯାଉଛି ତାହା ମଧ ଲୁଟେରା ନଜର କରିଥିଲେ । ସଙ୍ଗୀତ କାର୍ଯ୍ୟକ୍ରମରେ କନ୍ୟା ପକ୍ଷ ମସ୍‌ଗୁଲ୍ ଥିବାବେଳେ ଟଙ୍କା ବ୍ୟାଗ୍‌କୁ ଜଣେ ଲୁଟେରା ଧରି ହୋଟେଲ ବାହାରକୁ ଆସିଥିଲା । ଏହା ପୂର୍ବରୁ ତା'ର ସହଯୋଗୀ ବାହାରକୁ ଆସି ପାର୍କିଂରୁ ତାଙ୍କ କାର୍‌କୁ କାଢି ଷ୍ଟାର୍ଟ କରି ରଖିଥିଲା । କାର୍ ପାଖକୁ ଟଙ୍କା ବ୍ୟାଗ୍ ଧରିଥିବା ଲୁଟେରା ସାମାନ୍ୟ ଦଉଡି ଆସି ସିଟ୍‌ରେ ବସିବା ପରେ କାର୍ ଦ୍ରୁତ ଗତିରେ ସେଠାରୁ ଚାଲିଯାଇଥିଲା ।



ଟଙ୍କା ବ୍ୟାଗ୍‌କୁ ରଖିଥିବା କନ୍ୟାପକ୍ଷ ଲୋକେ ଖୋଜିବା ବେଳକୁ ପାଇନଥିଲେ । ଉପାୟଶୂନ୍ୟ ହୋଇ ନୂଆପଲ୍ଲୀ ଥାନାକୁ ଯାଇ ଏତଲା ଦାଏର କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ଟିମ୍ ହୋଟେଲକୁ ଆସି ଯାଞ୍ଚ କରିବା ସହ ସିସି କ୍ୟାମେରା ଫୁଟେଜ ସଂଗ୍ରହ କରିଛି । ତଦନ୍ତ ଆରମ୍ଭ ହୋଇଥିଲେ ମଧ ଲୁଟେରାଙ୍କ ସମ୍ପର୍କରେ ସେପରି କିଛି ସଠିକ୍ ଖୋରାକ ପୋଲିସକୁ ମିଳିପାରି ନାହିଁ । ଏହି ଲୁଟ୍ ଘଟଣା କିଛି ନୂଆ କଥା ନୁହେଁ । ୨୦୨୪-୨୫ ମସିହାରେ ମଧ ଏହିପରି ଚାରୋଟି ଲୁଟ୍ ଘଟଣା ଘଟିଥିବା ବେଳେ ପୋଲିସ ଅଦ୍ୟାବଧି ତା'ର ସନ୍ଧାନ ପାଇନାହିଁ ।

## ନିବେଶ ନାଁରେ ୫୦ ଲକ୍ଷ ଠକେଇ

# ଆନ୍ତଃରାଜ୍ୟ ସାଇବର ଠକ ଗିରଫ


ଭୁବନେଶ୍ୱର,୮।୨,(ସବ୍ୟ) : ନିବେଶ ନାଁରେ ୫୦ଲକ୍ଷ ୧୬ ହଜାର ଟଙ୍କା ଠକି ନେଇଥିବା ସାଇବର ଠକ ଅରବିନ୍ଦ ପାଉଲ (୪୬)କୁ ଭୁବନେଶ୍ୱର ସାଇବର ଥାନା ପୋଲିସ ପଶ୍ଚିମବଙ୍ଗ ହୁଗୁଲିରୁ ଗିରଫ କରିଛି ।

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁରରେ ରହୁଥିବା ଭାଗିରଥି ମହାନ୍ତ ଅନ୍‌ଲାଇନ୍‌ରେ ଟଙ୍କା ନିବେଶ କରିଥିଲେ । ତାଙ୍କୁ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ନିବେଶ ପାଇଁ ପ୍ରଲୋଭିତ କରାଯାଇଥିଲା । ସୋସିଆଲ୍ ମିଡିଆରୁ ବିଜ୍ଞାପନ ଦେଖିବା ପରେ ଭାଗିରଥି ଟେଲିଫୋନ୍ ନମ୍ବର ଅନୁଯାୟୀ ଯୋଗାଯୋଗ କରିଥିଲେ । ହ୍ୱାଟ୍‌ସଆପ୍ ଗ୍ରୁପ୍ କୋଡିନେଟର କୀର୍ତ୍ତି ଗୁପ୍ତାଙ୍କ କହିବାନୁଯାୟୀ ସେ ତାଙ୍କ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଗ ଦେଇଥିଲେ ।

ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଠକମାନେ ବିଭିନ୍ନ ନକଲି କମ୍ପାନୀ ନାଁରେ ପ୍ରଲୋଭିତ କରି ନିବେଶ କରିବାକୁ ପରାମର୍ଶ ଦେଉଥିଲେ । ଯେଉଁ ପରାମର୍ଶର ବଶବର୍ତ୍ତୀ ହୋଇ ୨୦୨୪ ନଭେମ୍ବର ୮ ତାରିଖରେ ସେ ଗ୍ରୁପ୍‌ରେ ଆସୁଥିବା ପ୍ରଲୋଭନରେ ସେ ପ୍ରଲୋଭିତ ହୋଇଯାଇଥିଲେ । ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସ୍ପଷ୍ଟ ଭାବେ କୁହାଯାଉଥିଲା ଯେ, ୫୦ ହଜାରରୁ ଊର୍ଦ୍ଧ୍ୱର୍ ଟଙ୍କା ନିବେଶ କଲେ ଅଧିକ ଉପକାର ପାଇବେ । ଭାଗିରଥି ପ୍ରଲୋଭିତ ହୋଇ ବିଭିନ୍ନ କମ୍ପାନୀ ନାଁରେ ଥିବା ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ବିନିଯୋଗ କଲେ । ୫୦ଲକ୍ଷ ୧୬ ହଜାର ଟଙ୍କା ନିବେଶ କରିବା ପରେ ପ୍ରତିଶ୍ରୁତି ଅନୁଯାୟୀ କିଛି ଟଙ୍କା ମିଳିଲା ନାହିଁ । ମୂଳ ଟଙ୍କା ଫେରିପାଇବାକୁ ଚାହିଁବାରୁ ସେଥିରେ ନିରାଶ ହେଲେ ।

ସେମାନେ ଠକ ବୋଲି ସ୍ପଷ୍ଟ ହେବା ପରେ ଭାଗିରଥି ଭୁବନେଶ୍ୱର ସାଇବର ଥାନାରେ ଏତଲା ଦାଏର କରିଥିଲେ । ତାଙ୍କ ଏତଲା ଅନୁଯାୟୀ ( ୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ବ୍ରେକ ନେଇଥିବା ସମୟରେ ମୁଁ ମୋର ସମସ୍ତ ଫିଲ୍ମକୁ ଆଉଥରେ ଦେଖିଛି । ଏହି ସମୟରେ ପରିବାରକୁ ପୂରା ସମୟ ଦେଇଛି, ବିଶେଷଭାବେ ପୁଅକୁ ଅଧିକ ସମୟ ଦେଇଛି । ଏହାର ଖୁବ ଆବଶ୍ୟକତା ଥିଲା ।

**ବିକ୍ରାନ୍ତ ମେସି, ଅଭିନେତା**



ଯେତେବେଳେ ଜଣେ ଅଭିନେତା କୌଣସି ସ୍କ୍ରିପ୍ଟ ପଢିଥାଏ ସେତେବେଳେ ସେ ଚରିତ୍ରର ଗ୍ରାଫ ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଥାଏ । ମୋ ପାଇଁ ମର୍ଦ୍ଦାନୀ ୩ ଫିଲ୍ମ ଖୁବ ଆକର୍ଷକ ଥିଲା, ଏହାର ଚରିତ୍ର ମୋତେ ଖୁବ ପସନ୍ଦ ଆସିଥିଲା ।

**ଶିବାନୀ ରୟ, ଅଭିନେତ୍ରୀ**



ଲୋକଙ୍କ ଭାବନାକୁ ମୁ ସମ୍ମାନ ଦେଉଛି । ସେମାନଙ୍କର ମତକୁ ଗମ୍ଭୀରତାର ସହିତ ନେଉଛି । ଯେତେବେଳେ ଲୋକଙ୍କର କିଛି ମତ ପ୍ରକାଶ ପାଇଥାଏ ସେତେବେଳେ ଏହାକୁ ଶୁଣିବା ସହିତ ବୁଝିବାର ଆବଶ୍ୟକତା ରହିଛି ।

**ମନୋଜ ବାଜପାୟୀ, ଅଭିନେତା**

## ଓଏମଏଡି ଡାଏଟ୍

ଆଜିକାଲି ଅନେକ ଡାଏଟ୍ ସମସ୍ତେ ଫଲୋ କରୁଛନ୍ତି, ସେଥିରୁ ଗୋଟିଏ ହେଲା ଓଏମଏଡି । ଯାହାରର ଅର୍ଥ ହେଉଛି ଦିନକୁ ମାତ୍ର ଥରେ ଖାଇବା । ଏହା 'ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ' ର ଏକ କଠୋର ରୂପ, ଯାହା ଓଜନ କମାଇବା ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱରେ ଅତ୍ୟନ୍ତ ଲୋକପ୍ରିୟ ହେବାରେ ଲାଗିଛି । ଏହି ଡାଏଟ୍ ପ୍ଲାନରେ ଜଣେ ବ୍ୟକ୍ତି ଦିନର ୨୪ ଘଣ୍ଟା ମଧ୍ୟରୁ ୨୩ ଘଣ୍ଟା ଉପବାସ ରହେ ଏବଂ ବାକି ୧ ଘଣ୍ଟା ମଧ୍ୟରେ ନିଜର ସମସ୍ତ କ୍ୟାଲୋରୀ ଗ୍ରହଣ କରିଥାଏ । ଯେତେବେଳେ ଆମେ ୨୩ ଘଣ୍ଟା ପର୍ଯ୍ୟନ୍ତ କିଛି ଖାଉନାହୁଁ, ଶରୀରରେ ଇନସୁଲିନ୍ ସ୍ତର କମିଯାଏ । ଫଳରେ ଶରୀର ଶକ୍ତି ପାଇଁ ଜମା ହୋଇଥିବା ଚର୍ବିକୁ ବ୍ୟବହାର କରିବା ଆରମ୍ଭ କରେ, ଯାହାକୁ 'କେଟୋସିସ୍' ଅବସ୍ଥା କୁହାଯାଏ । ସେହିଭଳି ଦିନକୁ ଥରୁଟିଏ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ସ୍ୱାଭାବିକ ଭାବେ କମ୍ କ୍ୟାଲୋରୀ ଗ୍ରହଣ କରିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।

### ଡାଏଟ୍‌ର ମୁଖ୍ୟ ଉପାଦାନ

ଏହି ଡାଏଟ୍‌ରେ ଆପଣ କ'ଣ ଖାଇବେ ତାହା ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ସମୟର ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ (ଡାଲି, ଅଣ୍ଡା, ପନୀର), ସୁସ୍ଥ ଚର୍ବି (ଅଲିଭ୍ ଅଏଲ୍, ବାଦାମ), ଏବଂ କାର୍ବୋହାଇଡ୍ରେଟ୍ (ଶାଗ, ପନିପରିବା) ରହିବା ଆବଶ୍ୟକ । ଉପବାସ ସମୟରେ ଆପଣ କେବଳ ପାଣି, ବିନା ଚିନିର ବ୍ଲାକ୍ କଫି କିମ୍ବା ଗ୍ରୀନ୍ ଟି ପିଇପାରିବେ । ଏହି ସମୟରେ ଆପଣ ନିଜ ସୁବିଧା ଅନୁସାରେ ଦିନର ଯେକୌଣସି ଗୋଟିଏ ସମୟ (ଯେପରିକି କେବଳ ରାତି ଭୋଜନ) ସ୍ଥିର କରିପାରିବେ, କିନ୍ତୁ ପ୍ରତିଦିନ ସେହି ସମୟରେ ହିଁ ଖାଇବା ଉଚିତ ।

### ଉପକାରିତା

ଏହା ଶରୀରର ଚର୍ବିକୁ କମାଇବାରେ ସବୁଠାରୁ ପ୍ରଭାବଶାଳୀ ଉପାୟ । ଦୀର୍ଘ ସମୟ ଉପବାସ ରହିବା ଦ୍ୱାରା ଶରୀରର କୋଷଗୁଡ଼ିକ ନିଜକୁ ନିଜେ ସଫା କରିଥାନ୍ତି ଏବଂ ମୃତ କୋଷଗୁଡ଼ିକୁ ବାହାର କରି ଦିଅନ୍ତି, ଯାହାଦ୍ୱାରା ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀମା ହୋଇଥାଏ । ଅନେକ ଲୋକ ଅନୁଭବ କରନ୍ତି ଯେ ଉପବାସ ସମୟରେ ସେମାନଙ୍କର ମସ୍ତିଷ୍କ ଅଧିକ ସକ୍ରିୟ ରହେ ଏବଂ କାମରେ ଏକାଗ୍ରତା ବଢ଼ିଥାଏ । ଏହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ଏବଂ ଟାଇପ୍-୨ ମଧୁମେହର ଆଶଙ୍କା କମାଇବାରେ ସାହାଯ୍ୟ କରେ ।

### ସମ୍ଭାବ୍ୟ କ୍ଷତିକାରକ ପ୍ରଭାବ

ଓମାଡ୍ ସମସ୍ତଙ୍କ ପାଇଁ ଉପଯୁକ୍ତ ନୁହେଁ, ଏହାର କିଛି ଖରାପ ଦିଗ ମଧ୍ୟ ରହିଛି । ମାତ୍ର ଗୋଟିଏ ଥର ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ହେଉଥିବା ସମସ୍ତ ଭିଟାମିନ୍ ଓ ମିନେରାଲ୍ ମିଳିବା କଷ୍ଟକର ହୋଇଥାଏ । ଦୀର୍ଘ ସମୟ ନଖାଇ ରହିବା ଦ୍ୱାରା ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା ଏବଂ ମନରେ ଅସ୍ଥିରତା ଦେଖାଦେଇପାରେ । ଥରକରେ ବହୁତ ଅଧିକ ଖାଦ୍ୟ ଖାଇବା ଦ୍ୱାରା ପେଟ ଫାମ୍ପିବା ଏବଂ ଗ୍ୟାସ୍ ସମସ୍ୟା ହୋଇପାରେ । ମହିଳାମାନଙ୍କ କ୍ଷେତ୍ରରେ ଏହି କଠୋର ଉପବାସ ଯୋଗୁଁ ମାସିକ ଋତୁଚକ୍ରରେ ଅନିୟମିତତା ଦେଖାଦେଇପାରେ । ତେଣୁ ଏହି ଡାଏଟ କରିବା ଆଗରୁ ଯେମିତି ବି ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ, ଏହା ବାଧ୍ୟତାମୂଳକ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହିଁ ଖାଦ୍ୟ ଗ୍ରହଣ କରନ୍ତୁ ।



## ବାବା ଆମଟେ

**ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି**

ବାବା ଆମଟେ ଭାରତର ଜଣେ ମହାନ ସମାଜସେବୀ ତଥା ମାନବିକତାର ଅନନ୍ୟ ପ୍ରତୀକ ଥିଲେ, ଯିଏ ନିଜର ସମଗ୍ର ଜୀବନ କୁଷ୍ଠରୋଗୀଙ୍କ ସେବା ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉତ୍ସର୍ଗ କରିଦେଇଥିଲେ । ୧୯୧୪ ମସିହା ଡିସେମ୍ବର ୨୬



ତାରିଖରେ ମହାରାଷ୍ଟ୍ରର ୱାର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହିଙ୍ଗନଘାଟରେ ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ସେ ସମସ୍ତ ବିଳାସବ୍ୟସନ ମଧ୍ୟରେ ବଢ଼ିଥିଲେ ସୁଦ୍ଧା ସମାଜରେ ପ୍ରଚଳିତ ଜାତିପ୍ରଥା ଏବଂ ଭେଦଭାବ ତାଙ୍କୁ ସବୁବେଳେ ବ୍ୟଥିତ କରୁଥିଲା । ସେ ଜଣେ ସଫଳ ଓକିଲ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଜେଲ୍ ଯାଇଥିବା ସଂଗ୍ରାମୀମାନଙ୍କ ପକ୍ଷରୁ ଓକିଲାତି କରୁଥିଲେ । ତେବେ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ସେତେବେଳେ ଆସିଥିଲା, ଯେତେବେଳେ ସେ ଜଣେ କୁଷ୍ଠରୋଗୀଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦେଖିଲେ; ସେହି ମୁହୂର୍ତ୍ତରେ ସେ ଓକିଲାତି ଛାଡ଼ି କୁଷ୍ଠରୋଗୀଙ୍କ ସେବା ପାଇଁ ସଂକଳ୍ପବଦ୍ଧ ହେଲେ । ୧୯୪୯ ମସିହାରେ ସେ ଚନ୍ଦ୍ରପୁର ଜିଲ୍ଲାରେ 'ଆନନ୍ଦବନ' ନାମକ ଏକ ଆଶ୍ରମ ପ୍ରତିଷ୍ଠା କଲେ, ଯାହା ଆଜି ହଜାର ହଜାର କୁଷ୍ଠରୋଗୀଙ୍କ ପାଇଁ ଏକ ନୂତନ ଜୀବନର କେନ୍ଦ୍ର ପାଲଟିଛି । ବାବା ଆମଟେ କେବଳ କୁଷ୍ଠରୋଗୀଙ୍କ ପାଇଁ ନୁହେଁ, ବରଂ ପରିବେଶ ସୁରକ୍ଷା ଏବଂ 'ନର୍ମଦା ବଞ୍ଚାଅ' ଆନ୍ଦୋଳନ ସହିତ ଜଡ଼ିତ ରହି ଜନଜାତିଙ୍କ ହକ ପାଇଁ ମଧ୍ୟ ଲଢ଼େଇ କରିଥିଲେ । ତାଙ୍କର ନିସ୍ୱାର୍ଥପର ସେବା ପାଇଁ ତାଙ୍କୁ ପଦ୍ମବିଭୂଷଣ, ମାଗସେସେ ପୁରସ୍କାର ଏବଂ ଗାନ୍ଧୀ ଶାନ୍ତି ପୁରସ୍କାର ଭଳି ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୦୮ ମସିହା ଫେବୃଆରୀ ୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା, କିନ୍ତୁ ମାନବ ସେବା ଓ ପ୍ରେମର ଯେଉଁ ଜ୍ୟୋତି ସେ ପ୍ରଜ୍ୱଳିତ କରିଥିଲେ, ତାହା ଆଜି ମଧ୍ୟ ବିଶ୍ୱବାସୀଙ୍କୁ ପ୍ରେରଣା ଦେଉଛି ।

## ଓଟର ପାସପୋର୍ଟ

ସାଉଦୀ ଆରବରେ ବର୍ତ୍ତମାନ ମଣିଷଙ୍କ ପରେ ଓଟମାନଙ୍କର ପାସପୋର୍ଟ ମିଳିବାରେ ଲାଗିଛି । ସେଠିକାର ସରକାରଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ବର୍ତ୍ତମାନ ଓଟ ମାନଙ୍କୁ ବି ପାସପୋର୍ଟ ରଖିବାକୁ ହେବ । ସୂଚନା ଅନୁସାରେ ଓଟକୁ ସାଉଦି ଆରବର ସଂସ୍କୃତି ଓ ସମ୍ମାନର ଅଂଶ ଭାବେ ଗଣାଯାଇଥାଏ । ତେଣୁ ସେମାନଙ୍କୁ ବିଧିବଦ୍ଧ ଭାବେ ପାସପୋର୍ଟ ଦିଆଯାଉଛି । ସାଉଦି ଅରବରେ ଓଟର କିଣା ବିକା ଉପରେ ରେସିଂ କରାଯାଇଥାଏ । ତେଣୁ ଅନେକଥର ଓଟଙ୍କର ଚିହ୍ନଟ ସହିତ ମାଲିକାନାକୁ ନେଇ ବିବାଦ ହୋଇଥାଏ । ଏଭଳି ପରିସ୍ଥିତିର ମୁକାବିଲା ପାଇଁ ସରକାର ଏହି ପଦକ୍ଷେପ



ଆପଣାଇଛନ୍ତି । ଏଥିରେ ଓଟଙ୍କର ଟିକା କରଣ ଓ ସ୍ୱାସ୍ଥ୍ୟଗତ ସମସ୍ତ ତଥ୍ୟକୁ ସୁରକ୍ଷିତ ରଖାଯାଇଥାଏ । ଏହି ପାସପୋର୍ଟରେ ମାଇକ୍ରୋଚିପ ନମ୍ବର ଓ ପାସପୋର୍ଟ ନମ୍ବର ଲେଖାଯିବ । ଏଥିସହିତ ଓଟର ନାମ, ଜନ୍ମ ତିଥି ଆଦି ଲେଖାଯାଉଛି ।

## ଦାମୀ ଉଲକାପିଣ୍ଡ

ନାସାକୁ ନିକଟରେ ଏକ ଉଲକା ପିଣ୍ଡ ମିଳିଛି ଯେଉଁଥିରେ ସୁନା, ପ୍ଲାଟିନମ ଓ ଲୁହାର ଭଣ୍ଡାର ରହିଛି ବୋଲି ଦାବି ହେଉଛି । ଏହି ଉଲକା ପିଣ୍ଡର ନାଁ ରହିଛି ୧୬ ସାଇକି, ଯାହାର ଦେଖିବାକୁ ଆଳୁଭଳି ହେଲେ ଆକାର ଆଳୁଠାରୁ ବଡ । ଏହାର ମୋଟେଇ ୨୭୮ କିମି ଥିବାବେଳେ ଲମ୍ବା ୨୩୧ କିମି ରହିଛି । ଏହି ଉଲକାପିଣ୍ଡ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଝିରେ ସୂର୍ଯ୍ୟର ପରିକ୍ରମା କରିଥାଏ । ଏହାର ଠାବ ୧୮୫୨ରେ ଇଟଲୀର ଜଣେ ବୈଜ୍ଞାନିକ କରିଥିଲେ, ହେଲେ ବର୍ତ୍ତମାନ ନାସା ଏହି ଉଲକାପିଣ୍ଡ ସମ୍ପର୍କରେ ଆହୁରି ଅଧିକ ତଥ୍ୟ ସମସ୍ତଙ୍କ ସାମନାରେ ରଖିଛି । ନାସା ଅନୁସାରେ ଏହାର ୩୦ ରୁ ୬୦ ପ୍ରତିଶତ ଅଂଶ ମେଟାଲ ହୋଇଥାଏ । ସେହିଭଳି ଏହି ଉଲକାପିଣ୍ଡଟି ରାଡାର ସିଗନାଲକୁ ବହୁତ ଜୋରରେ ରିଫ୍ଲେକ୍ଟ କରୁଥିବା ଜଣା ପଡିଛି । ସୂଚନା ଅନୁସାରେ ଏଥିରେ ଥିବା ମେଟାଲର ମୂଲ୍ୟ ଖୁବ ଅଧିକ ।



## କ୍ଷୀରରେ ଲଙ୍କାଗୁଣ୍ଡ ମିଶାଇ ସ୍ନାନ

ଚୀନରେ ଆଜିକାଲି ଏକ ସ୍ପା ଖୁବ ଭାଇରାଲ ହେବାରେ ଲାଗିଛି । ଏହି ସ୍ୱତନ୍ତ୍ର ସ୍ପାରେ ଲୋକମାନେ ପାଣି ନୁହେଁ ବରଂ କ୍ଷୀରରେ ଲଙ୍କାଗୁଣ୍ଡ ମିଶାଇ ଗାଧୋଉଛନ୍ତି । ଏହି ନିଆରା ସ୍ପା ସେଣ୍ଟର ଚୀନର ଆଇସ ସହର ହରବିନରେ ରହିଛି । ଏହି ସ୍ପା ସେଣ୍ଟରର ନାଁ ରହିଛି ହଟପଟ୍ ସ୍ପା । ଏହାକୁ ଟ୍ରାଡିସନାଲ ଚାଇନିଜ ହଟପଟରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି । ସ୍ପାର ଗୋଟିଏ ପଟେ ଲାଲ ରଙ୍ଗର ପାଣି ଅର୍ଥାତ ଲଙ୍କା ଗୁଣ୍ଡ ଓ ଜଲପିନୋ ରହିଛି ଏବଂ ଅନ୍ୟପଟେ ଧଳା ରଙ୍ଗର ପାଣି ରହିଛି ଯେଉଁଥିରେ କ୍ଷୀର, ଖଜୁରି, ବେରୀ ଓ ବିଭିନ୍ନ ପରିବା ପଡିଛି । ଏଠିକାର ଲୋକଙ୍କର ବିଶ୍ୱାସ ଏହି ଦୁଇପ୍ରକାର ପାଣିରେ ଗାଧୋଇବା ଦ୍ୱାରା ଶରୀର ରିଲାକ୍ସ ହୋଇଥାଏ । ମସଲା ପାଣି ଶରୀରକୁ ରିଲାକ୍ସ କରୁଥିବାବେଳେ କ୍ଷୀର ତ୍ୱଚାକୁ ନରମ କରିଥାଏ । ହେଲେ ଏକ୍ସପର୍ଟଙ୍କ ମତରେ ଏହା ଶରୀର ପାଇଁ କ୍ଷତିକାରକ ହୋଇପାରେ କାରଣ ଲଙ୍କା ଆମ ଶରୀର ପାଇଁ ଭଲ ନୁହେଁ ।





## ସଫଳତା ପଛରେ ରହିଛି ଅନେକ ସଂଘର୍ଷ

ବଲିଉଡର ଚମକପ୍ରଦ ଦୁନିଆ ପଛରେ ଅନେକ ସମୟରେ ସଂଘର୍ଷର ଏକ ଲମ୍ବା କାହାଣୀ ଲୁଚି ରହିଥାଏ ଏବଂ ଅଭିନେତା ଶାହିଦ କପୁରଙ୍କ ଜୀବନୀ ଏହାର ଏକ ଜ୍ୱଳନ୍ତ ଉଦାହରଣ, ଯିଏ ଅନେକ କିଛି ବାଧା ବିଘ୍ନକୁ ପଛରେ ପକାଇ ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ୧୯୮୧ ମସିହା ଫେବୃଆରୀ ୨୫ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ଶାହିଦଙ୍କ ପିତା ପଙ୍କଜ କପୁର ଓ ମାତା ନୀଲିମା ଅଜିମ୍ ଚଳଚ୍ଚିତ୍ର ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ହୋଇଥିଲେ ସୁଦ୍ଧା ତାଙ୍କ ପାଇଁ ବଲିଉଡର ରାସ୍ତା ଆଦୌ ସହଜ ନଥିଲା । ମାତ୍ର ତିନି ବର୍ଷ ବୟସରେ ପିତାମାତାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବା କାରଣରୁ ତାଙ୍କ ଶୈଶବର ସାଧାରଣ ଖୁସି ହଜିଯାଇଥିଲା । ନିଜର ସଂଘର୍ଷମୟ ଦିନଗୁଡ଼ିକରେ ସେ ଜଣେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ କାମ କରିବା ସହ ଅଡିସନ୍ ଦେବା ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେବାକୁ ପଡୁଥିଲା । ଅନେକ ସମୟରେ ତାଙ୍କୁ 'ହିରୋ ମ୍ୟାଟେରିଆଲ୍ ନୁହଁନ୍ତି' କହି ପ୍ରତ୍ୟାଖ୍ୟାନ କରାଯାଉଥିଲା, ଏପରିକି ସେହି ସମୟରେ ତାଙ୍କ ପାଖରେ ଭଲ ପୋଷାକ କିଣିବାକୁ ମଧ୍ୟ ଅର୍ଥ ନଥିଲା । ଏନେଇ ନିକଟରେ ଏକ ସାକ୍ଷାତକାରରେ ଶାହିଦ ମନଖୋଲି କଥା ହୋଇଛନ୍ତି । ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ କିଭଳି ହାର ମାନିନଥିଲେ ଏବଂ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିଭା ବଳରେ ଆଜି ସେ ଚଳଚ୍ଚିତ୍ର ଶିଳ୍ପରେ ଏଭଳି ଏକ ସ୍ଥାନ ହାସଲ କରିଛନ୍ତି ସେ ସମ୍ପର୍କରେ କଥା ହୋଇଛନ୍ତି ।

## ଇତିହାସ

୧୭୫୭- କୋଲକାତା ଉପରେ ବ୍ରିଟିଶ ସୈନିକଙ୍କ କବ୍‌ଜା ।

୧୮୩୯- ଫ୍ରାନ୍ସର ଫଟୋଗ୍ରାଫର ଲୁଇ ଦାଗୁଏରେ ଚନ୍ଦ୍ରର ପ୍ରଥମ ଫଟୋ ପ୍ରଦର୍ଶିତ କଲେ ।

୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପିନ୍ସର ରାଜଧାନୀ ମନିଲା ଉପରେ କବ୍‌ଜା କଲେ ।

୧୯୫୦- ପ୍ରସିଦ୍ଧ ମହିଳା ସ୍ୱତନ୍ତ୍ରତା ସେନାନୀ ତଥା ସମାଜ ସୁଧାରକ ଡା. ରାଧାବାଈଙ୍କ ଦେହାନ୍ତ ।

୧୯୫୪- ପଦ୍ମ ବିଭୂଷଣ ପୁରସ୍କାରର ସ୍ଥାପନା ।

୧୯୫୪- ଭାରତ ରତ୍ନ ପୁରସ୍କାରର ପ୍ରାରମ୍ଭ ହେଲା ।

୧୯୮୭- ଭାରତୀୟ ରାଷ୍ଟ୍ର କଂଗ୍ରେସର ପ୍ରମୁଖ ନେତା ତଥା ଆଧୁନିକ ଓଡ଼ିଶାର ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ଡ. ହରେକୃଷ୍ଣ ମହତାବଙ୍କ ପରଲୋକ ।

୧୯୯୧- ଥିରୁଅନନ୍ତପୁରମ୍ ବିମାନବନ୍ଦରକୁ ଅନ୍ତର୍ଜାତୀୟ ସ୍ତରର ବିମାନବନ୍ଦର କରାଗଲା ।



**ମେଷ:** ଧନ ଲାଭ, କାର୍ଯ୍ୟ ସଫଳ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶାରୀରିକ ସୁସ୍ଥତା, ଦୂର ଯାତ୍ରା, ବ୍ୟବସାୟରେ ସଫଳ, ସମ୍ମାନ ପ୍ରାପ୍ତି, ଦ୍ରବ୍ୟ ଲାଭ । ଧରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୫, ଆରାଧନା- ପ୍ରଭୁ ସୂର୍ଯ୍ୟନାରାୟଣ ।

**ବୃଷ:** ଶାରୀରିକ ଅସୁସ୍ଥ, ଅର୍ଥ ସମସ୍ୟା, ସମ୍ମାନ ବାଧା, ନୂତନ ବ୍ୟବସାୟ, ଦୂର ଯାତ୍ରା, କଚେରୀ ମାମଲା, ଗୃହେ ଉତ୍ସବ, ଦେବ କାର୍ଯ୍ୟରେ ଖୁସି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ବିଷ୍ଣୁ ଭଗବାନ ।

**ମିଥୁନ:** ବୃଥା ଭ୍ରମଣ, ମାନସିକ ଅଶାନ୍ତି, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଜମି ଗଣ୍ଡଗୋଳ, ଗୃହେ ଉତ୍ସବ, ଲୋକସମ୍ପର୍କରେ ଉନ୍ନତି, ବନ୍ଧୁ ଲାଭ, କର୍ମକ୍ଷେତ୍ରେ ବାଧା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା- ମା' ଲକ୍ଷ୍ମୀ ।

**କର୍କଟ:** ସ୍ୱାସ୍ଥ୍ୟ ଲାଭ, ସମ୍ପର୍କ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉତ୍ସବ ପ୍ରତି ଆଗ୍ରହ, ଯାନବାହନ ସତର୍କ, ପରିବାରର ସହଯୋଗ, ଦେବଭକ୍ତି, ସମ୍ମାନ ପ୍ରାପ୍ତି । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୨, ଆରାଧନା- ମା' କାଳୀ ।

**ସିଂହ:** ଶତ୍ରୁ ସମସ୍ୟା, ବନ୍ଧୁ ଲାଭ, ଦେବ ଦର୍ଶନ, ସମ୍ମାନ ଲାଭ, ପିଲାଙ୍କ ପାଇଁ ଚିନ୍ତିତ, ହଠାତ ଦୂରଯାତ୍ରା, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହାୟତା, ଆଶା ସଫଳ । ପୂର୍ବାଫାଲ୍‌ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- କୁବେର ।

**କନ୍ୟା:** କର୍ମେ ଆନନ୍ଦ, ମାନସିକ ଖୁସି, ତୀର୍ଥାଟନ, ସୁସମ୍ପର୍କ, ଶତ୍ରୁ ସମସ୍ୟା, ଦ୍ରବ୍ୟ ଲାଭ, ବ୍ୟବସାୟରେ ଖୁସି, ବନ୍ଧୁ ଲାଭ, ପାରିବାରିକ ଚିନ୍ତା, ବିଦ୍ୟାରେ ଅସଫଳ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ଶାରୀରିକ ସୁସ୍ଥତା, ଦାମ୍ପତ୍ୟ କଳହ, ଦେବକାର୍ଯ୍ୟରେ ଆଗ୍ରହ, ପାରିବାରିକ ସହଯୋଗ, ଧନନାଶ, ଶତ୍ରୁ ସମସ୍ୟା, ବାଣିଜ୍ୟରେ ଲାଭ, ବନ୍ଧୁ ସାହାଯ୍ୟ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସମ୍ମାନ ଲାଭ, ନୂତନ ସମସ୍ୟା, ବିବାଦିତ କାର୍ଯ୍ୟରେ ବିଜୟ, ବ୍ୟବସାୟରେ ଲାଭ, ସୁସମ୍ପର୍କ, ମାନସିକ ଶାନ୍ତି, ଉତ୍ସବ ପ୍ରତି ଆଗ୍ରହ, ହଠାତ ମାନସିକ ଅଶାନ୍ତି, ଦୂର ଯାତ୍ରାରେ ସମସ୍ୟା । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୧୨, ଆରାଧନା- ପ୍ରଭୁ ନାରାୟଣ ।

**ଧନୁ:** ନୂତନ ଆୟ, ଶାରୀରିକ ସୁସ୍ଥତା, ଭାଇଙ୍କ ଚିନ୍ତା, ଲୋକସମ୍ପର୍କରେ ଉନ୍ନତି, ମାନସିକ ଚାପ, କାର୍ଯ୍ୟରେ ଅସଫଳ, ଅର୍ଥ ଚିନ୍ତା, ସମ୍ପତ୍ତି ଲାଭ, ଦେବକାର୍ଯ୍ୟ ରହିବ । ପୂର୍ବାଷାଢ଼ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୧, ଆରାଧନା- ରାଧାକୃଷ୍ଣ ।

**ମକର:** ଭୟ ବୃଦ୍ଧି, ପରିବାରରେ ସହଯୋଗ, ଦୂର ଯାତ୍ରା, ଅଶୁଭ ସମାଚାର, ଉତ୍ସବରେ ଖୁସି, ଲୋକସମ୍ପର୍କ ହାନି, ଶରୀର ଅସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦ୍ରବ୍ୟ ଲାଭ । ଶ୍ରଜଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୩, ଆରାଧନା- ପ୍ରଭୁ ଲୋକନାଥ ।

**କୁମ୍ଭ:** ଶାରୀରିକ ସୁସ୍ଥତା, ବନ୍ଧୁ କଳହ, ବ୍ୟକ୍ତି ସହାତୟା, ଧନଲାଭ, ଦୂର ସମ୍ପର୍କରେ ବାଧା, ବ୍ୟବସାୟରେ ଉନ୍ନତି, ଦ୍ରବ୍ୟ ଲାଭ, ଯାନବାହନରେ ସତର୍କ, ମାନସିକ ଅଶାନ୍ତି । ସତଭିସା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୫, ଆରାଧନା- ମା' ଭଗବତୀ ।

**ମୀନ:** ମାନସିକ ଶାନ୍ତି, ଶତ୍ରୁ ପରାଜିତ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁ ସହଯୋଗ, ଦୂର ଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ପ୍ରାପ୍ତି, ଗୃହେ ଅଶାନ୍ତି, ସନ୍ତାନ କଷ୍ଟ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**ଫାଲଗୁନ କୃଷ୍ଣପକ୍ଷ ଅଷ୍ଟମୀ**
**୯.୨.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୮

ବର୍ଷାଜଳ ସଂରକ୍ଷଣ ଦ୍ୱାରା ଗ୍ରାମୀଣ ପରିଦୃଶ୍ୟର ରୂପାନ୍ତର ହେବ ।

ଛାତରୁ ବର୍ଷାଜଳ ସଂଗ୍ରହ ସବିଧା ସହିତ ଭବନ ନିର୍ମାଣ କରାଯିବ, ଏବଂ ସବୁଜ ଗ୍ରାମ ସୃଷ୍ଟି ପାଇଁ ବୃହତ ରୋପଣ ଅଭିଯାନ ଆରମ୍ଭ ହେବ ।

GOVERNMENT OF INDIA

CBC 35101/13/0111/2526



ବିକଶିତ ଭାରତ-ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) : ଭିବି-ଜୀ ରାମ ଜୀ


(ବିକଶିତ ଭାରତ-ଜୀ ରାମ ଜୀ) ଅଧିନିୟମ, ୨୦୨୫

୧୨୫ ଦିନର ରୋଜଗାର ଗ୍ୟାରେଣ୍ଟି



## ପବିତ୍ର ମୋହନ ପ୍ରଧାନଙ୍କ ୧୧୮ ତମ ଜୟନ୍ତୀ ସମାରୋହ

# ତାଙ୍କ ପ୍ରେରଣାରେ ଶିକ୍ଷା ଓ କୃଷିର ବିକାଶ ପାଇଁ ସମର୍ପିତ ହେବା : ଧର୍ମେନ୍ଦ୍ର



ଭୁବନେଶ୍ୱର/ଅନୁଗୁଳ (ସବ୍ୟୁ): ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସମାଜରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ନିଜ ନିଜ ଅଞ୍ଚଳରେ ବିଶେଷତଃ ଶିକ୍ଷା ଓ କୃଷିର ବିକାଶ ଦିଗରେ ସମର୍ପିତ ହେବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଅନୁଗୋଳ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପବିତ୍ରନଗର ଠାରେ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଉପସ୍ଥିତିରେ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ତଥା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟପାଳ ପବିତ୍ର ନଗର ଠାରେ ଏହି ମହାନାୟକଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଏବଂ 'ସ୍ମୃତିପୀଠ' ଉନ୍ମୋଚନ କରିଥିଲେ । ଏହାସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପିତ କରିଥିଲେ ରାଜ୍ୟପାଳ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସମୟରେ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି "ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ପବିତ୍ର ନଗର ଠାରେ ଉନ୍ମୋଚିତ ହୋଇଥିବା ତାଙ୍କର ଏହି ପ୍ରତିମୂର୍ତ୍ତି ଓ ସ୍ମୃତିପୀଠ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ସେବାର ଏକ ଜ୍ୱଳନ୍ତ ନିଦର୍ଶନ ହୋଇ ରହିବ । ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ହୋଇଥିବା ବିକାଶମୂଳକ କାର୍ଯ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି, ଯାହା ଏହି ଅଞ୍ଚଳର ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ । ତନ୍ମଧ୍ୟରୁ ଖମାର ଠାରେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ । ତେବେ ପାଲଲହଡ଼ା ଓ ତାଳଚେର ଅଞ୍ଚଳରେ ଶିକ୍ଷା ଏବଂ କୃଷିର ବିକାଶ ଦିଗରେ ସମର୍ପିତ ହେବା ହିଁ ପବିତ୍ର ବାବୁଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ପ୍ରକାଶ କରିଛନ୍ତି ।

ରାଜ୍ୟପାଳଙ୍କ କରକମଳରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୫୩ କୋଟି ଟଙ୍କାର ୨୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୬ କୋଟି ଟଙ୍କାର ୬ଟି ପ୍ରକଳ୍ପର ଉଦଘାଟିତ ହୋଇଛି । ପବିତ୍ର ମୋହନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ପବିତ୍ରନଗର ଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମୃତି ପୀଠ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଛି । ଖମାର ଠାରେ ୧୧ କୋଟି ଟଙ୍କାର ସିଏଚସି ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପିଏଚସି କୋଠାର ଉଦଘାଟନ ହୋଇଛି । ପବିତ୍ରନଗର ଡିଗ୍ରୀ କଲେଜରେ ୩.୬୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଗମନାଗମନ ସୁବିଧା ପାଇଁ ସମାକୋଇ ନଦୀ ଉପରେ ୩୦ କୋଟି ଟଙ୍କାରେ ହାଇଲେଭଲ ବ୍ରିଜ୍ ଏବଂ ୨୧.୮୭ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ-୬ରୁ ଜମାରଡିହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ପାଲଲହଡ଼ାଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପବିତ୍ରନଗରରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପାଇଁ ମଧ୍ୟ ଶିଳାନ୍ୟାସ ହୋଇଛି ।

## ୨୨ତମ ଧଉଳି-କଳିଙ୍ଗ ମହୋତ୍ସବର ଉଦଯାପିତ

# ମହୋତ୍ସବ କଳା, ସଂସ୍କୃତିର ଶକ୍ତିକୁ ଉଜାଗର କରୁଛି : ରାଜ୍ୟପାଳ




ଭୁବନେଶ୍ୱର(ସବ୍ୟୁ): ଧଉଳି-କଳିଙ୍ଗ ମହୋତ୍ସବ କଳାକାର ଓ ଦର୍ଶକମାନଙ୍କ ସମନ୍ୱୟର ଭାବନାରେ ଏକତ୍ର କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର-ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଏହି ମହୋତ୍ସବ କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରି ଶାନ୍ତି ଏବଂ ସାଂସ୍କୃତିକ ଆଦାନ-ପ୍ରଦାନକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଲ୍ଲେଖ କରିଛନ୍ତି ।

ରାଜ୍ୟପାଳ ଡ. କମ୍ଭମପାଟି ରବିବାର ଧଉଳିରେ ଆୟୋଜିତ ୨୨ତମ ଧଉଳି-କଳିଙ୍ଗ ମହୋତ୍ସବ ଉଦଯାପନୀ ସମାରୋହରେ ଯୋଗ ଦେଇ ଏହା କହିଛନ୍ତି । ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସେକ୍ରେଟାରୀ ଡ. ଅରୁଣା ମହାନ୍ତି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରସିଦ୍ଧ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କୁ ନାଟକ କ୍ଷେତ୍ରରେ ତାଙ୍କର ମହନୀୟ ଅବଦାନ ପାଇଁ "ବୃଦ୍ଧ ସମ୍ମାନ' ପ୍ରଦାନ କରିଥିଲେ । ସେହିପରି ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଏବଂ ଭାରତୀୟ ପରଫର୍ମିଙ୍ଗ ଆର୍ଟର ଜଣେ ପ୍ରମୁଖ ପୃଷ୍ଠପୋଷକ ଲଳିତ ମାନସିଂହଙ୍କୁ "ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ଦ୍ୱାରା ସମ୍ମାନିତ କରିଥିଲେ । ଏହି ଅବସରରେ ରାଜ୍ୟପାଳ ମହୋତ୍ସବର ଶେଷ ପର୍ଯ୍ୟାୟରେ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ଉପସ୍ଥିତ ଥିଲେ ।

## ରାଜ୍ୟ ଜନଜାତି ସଂଗ୍ରହାଳୟରେ ୧୫ ଦିନ ଧରି ଚାଲିବ ପ୍ରଦର୍ଶନୀ

# ମନ ମୋହୁଛି ଆଦିବାସୀ କଳା, କଳାବସ୍ତୁ ଲାଇଭ୍ ପ୍ରଦର୍ଶନ

ଭୁବନେଶ୍ୱର(ସବ୍ୟୁ): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସଟିଆରଟିଆଇ) ଆନୁକୂଲ୍ୟରେ ଆରମ୍ଭ ହୋଇଛି ଆଦିବାସୀ କଳା ଓ କଳାବସ୍ତୁ ପ୍ରଦର୍ଶନ । ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଏହି ପ୍ରଦର୍ଶନୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଦିବାସୀ କଳା ଓ କଳାବସ୍ତୁକୁ ନେଇ ୧୫ ଦିନିଆ ଲାଇଭ୍ ପ୍ରଦର୍ଶନୀ ଚାଲିବ । ରାଜ୍ୟର ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଆଦିବାସୀ କାରିଗରମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହିତ, ସଂରକ୍ଷଣ ଏବଂ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଜନଜାତି ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଡତାଲ୍ ଚିତ୍ରକଳା, ସଉରା ଚିତ୍ରକଳା ଏବଂ ବାଉଁଶ ହସ୍ତଶିଳ୍ପରେ ବିଶେଷଜ୍ଞ କାରିଗରମାନଙ୍କୁ ବିଭିନ୍ନ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଦ୍ୱାରା ପ୍ରାୟୋଜିତ କରାଯାଇଛି ।



ରାୟଗଡା ଜିଲ୍ଲା ଆଇଟିଡିଏ ଗୁଣୁପୁର, ଇଡତାଲ୍ ଏବଂ ସଉରା ଚିତ୍ରକଳାରେ ଦକ୍ଷ ପାଞ୍ଚ ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଯେଉଁମାନେ କାର୍ଯ୍ୟକ୍ରମ ସମୟରେ ଏହି ଆଦିବାସୀ କଳାକୁ ଲାଇଭ୍ ପ୍ରଦର୍ଶନ କରିବେ । ସେହିପରି ମୟୂରଭଞ୍ଜ ଜିଲ୍ଲା ଆଇଟିଡ଼ିଏ, କପ୍ତିପଦା, ଉଦଳା ପକ୍ଷରୁ ମାହାଲି ଜନଜାତିର ବାଉଁଶ କାରିଗରରେ ବିଶେଷଜ୍ଞ ପାଞ୍ଚ ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ସୁଧାକର ସବର କହିଛନ୍ତି, ଏହିପରି ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମ ଛାତ୍ର, ଗବେଷକ, ପର୍ଯ୍ୟଟକ ଏବଂ କଳା ଉତ୍ସାହୀମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି ।

# ଦୁଇ ଫେରାର ଅଭିଯୁକ୍ତ ଗିରଫ

ବାରଙ୍ଗ ,(ସବ୍ୟୁ) : ବାରଙ୍ଗ ଥାନା ଅଂଚଳରେ ଏକ ପୁରୁଣା ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାରଙ୍ଗ ଥାନା ପୁଲିସ । ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳର ପ୍ରଶାନ୍ତ ହାଣ୍ଡି ଓରଫ ରାଜା ଓ ଲିଟୁ ପାତ୍ର ଓରଫ ମଣ୍ଟୁ ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଗ୍ରାମର ଜଣେ ୨୮ ବର୍ଷୀୟା ଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ ଅପହରଣ କରି ଚେନ୍ନାଇ ନେଇ ସେଠାରେ ଏକ ଘରୋଇ କମ୍ପାନୀରେ ନିଯୁକ୍ତି କରାଇ ଏକ ଭଡ଼ା ଘରେ ରହୁଥିଲେ । କିଛି ଦିନ ପରେ ରାଜା ଯୁବତୀଙ୍କ ସହିତ ବଳପୂର୍ବକ ସାରରିକ ସମ୍ପର୍କ କରିଥିଲା । ଯୁବତୀ ଜଣକ ପରିବାର ସହିତ ଯୋଗାଯୋଗ କରି ଘରକୁ ଫେରିବା ପରେ ୨୯ ଜୁଲାଇ ୨୦୧୭ରେ ଯୁବତୀ ମା ସହ ଆସି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ କେସ ନଂ ୧୧୧/୧୭ ରେଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଉଭୟ ଅଭିଯୁକ୍ତ ଘଟଣା ଦିନ ଠାରୁ ଫେରାର ହୋଇ ଯାଇଥିଲେ ।

## ଗଭୀର ପୋଖରୀରୁ ମହିଳାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

# ପରିଚୟ ଖୋଜୁଛି ବେତନଟୀ ପୁଲିସ

ବେତନଟୀ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ଅଭାବନୀୟ ଘଟଣା କ୍ରମରେ ତୁଳସୀଚଉରା ଉପକଣ୍ଠ ପୁରୁଣାପାଣି କେନାଲରାସ୍ତା ପାର୍ଶ୍ୱରେ ଥିବା ଏକ ଗଭୀର ପୋଖରୀରୁ ବିଭତ୍ସ ଭାବେ ହତ୍ୟା କରାଯାଇ ଅଖାରେ ପୁରାଇ ଫିଙ୍ଗି ଦିଆଯାଇଥିବା ଜନୈକା ଅପରିଚିତା ମହିଳାଙ୍କ କ୍ଷତାକ୍ତ ମୃତଦେହକୁ ରବିବାର ଜବତକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ପ୍ରାପ୍ତ ସୂଚନା ମୁତାବକ ପୋଖରୀ ଭିତରେ ଏକ ଅଖା ଭାସୁଥିବାର ଦେଖି ଶୌଚହେବାକୁ ଯାଇଥିବା କିଛି ଲୋକ ସେହି ଅଖାକୁ କୂଳକୁ ଟାଣିଆଣିଥିଲେ । ଖୋଲିବାପରେ ସେଥିରେ କ୍ଷତାକ୍ତ ମୃତଦେହ ଦେଖି ସଙ୍ଗେସଙ୍ଗେ ବେତନଟୀ ପୁଲିସକୁ ଖବର ଦେଇଥିଲେ । ଖବରପାଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହାପରେ ଅଗ୍ନିଶମ ବାହିନୀ ସହାୟତାରେ ପାଣିଭିତରୁ ମୃତଦେହକୁ ବାହାର କରିଥିଲେ । ଅପରିଚିତା ମହିଳାଙ୍କ ବୟସ ୫୫ରୁ ୬୦ମଧ୍ୟରେ ଥିବାନେଇ ପୁଲିସ ଅନୁମାନ କରୁଥିବା ବେଳେ ମହିଳାଙ୍କ ଗଳା ଏବଂ ଛାତିକୁ ଏକ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ବିଭତ୍ସ ଭାବେ ହତ୍ୟା କରାଯାଇଥିବା ନେଇ ପୁଲିସ ଦେଖିବାକୁ ପାଇଥିଲା । ଏହାପରେ ମାଜିଷ୍ଟ୍ରେଟ ଭାବେ ବେତନଟୀର ଅତିରିକ୍ତ ତହସିଲଦାର ପିକେ. ହିତାଂଶୁ ଜେନାଙ୍କ ଉପସ୍ଥିତିରେ ବାରିପଦାରୁ ଆସିଥିବା ସାଇଣ୍ଟିଫିକ ଟିମ ଏବଂ ବେତନଟୀ ପୁଲିସ ସରଜମିନ ତଦନ୍ତକୁ ବ୍ୟାପକ କରିଥିଲେ । ଏକ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ମହିଳାଙ୍କୁ ଅତ୍ୟନ୍ତ ନୃଶଂସଭାବେ ଅନ୍ୟତ୍ର କୋଉଠି ହତ୍ୟା କରିବାପରେ ପ୍ରମାଣ ନଷ୍ଟ କରିବାକୁ ଯୋଜନାବଦ୍ଧ ବାବେ ଅଖା ଭିତରେ ପୁରାଇ ପୁରୁଣାପାଣି ପୋଖରୀରେ ଫିଙ୍ଗିଦେଇଥିବା ପୁଲିସ ସନ୍ଦେହ କରୁଛି । ଅପରିଚିତା ମହିଳାଙ୍କ ଫଟୋ ବେତନଟୀ, ବଡସାହି, ବାରିପଦା ଏବଂ ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତକୁ ପଠାଇ ପଚରା ଉଚରା କରୁଥିଲେ ସୁଦ୍ଧା ରବିବାର ରାତି ପର୍ଯ୍ୟନ୍ତ କୌଣସି ପରିଚୟ ମିଳିପାରିନଥିଲା । ଘଟଣାସ୍ଥଳରୁ ସାଇଣ୍ଟିଫିକ ଟିମ ରକ୍ତଭିଜା ଗାମୁଛା, ରକ୍ତଭିଜା ଅଖା, ପୋଖରୀ ପାଣି ସମେତ ବିଭିନ୍ନ ନମୂନା ସଂଗ୍ରହ କରିଛି। ଏନେଇ ୫୫/୨୬ ନମ୍ବରରେ ଏକ ହତ୍ୟାକାଣ୍ଡଜନିତ ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରାଇବା ସହିତ ଅଧିକ ତଦନ୍ତ ଜାରି ରଖିଛି । ତେବେ ମହିଳାଙ୍କୁ ଅନ୍ୟତ୍ର ହତ୍ୟା କରିବାପରେ ଯୋଜନାବଦ୍ଧ ଭାବେ ଅଖାରେ ଭର୍ତ୍ତି କରି ଆଣି ପୋଖରୀରେ ଫିଙ୍ଗିବା ଘଟଣାରେ ଏକାଧିକ ହତ୍ୟାକାରୀ ଜଡିତ ଥିବାନେଇ ପୁଲିସ ଅନୁମାନ କରୁଛନ୍ତି । ଅପରିଚିତା ମହିଳାଙ୍କ ପରିଚୟ ଖୋଜିବାକୁ ତନାଘନା ଜାରି ରଖିଛି ବେତନଟୀ ପୁଲିସ ।

DSPL- 10001/25/2526

ଓଡ଼ିଶା ଶାସନ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଜାତୀୟ କୃମିନାଶକ ଦିବସ
୧୦ ଫେବୃଆରୀ ୨୦୨୬



କୃମି ମୁକ୍ତ ଶିଶୁ ହେଉଛନ୍ତି
ରୋଗ ମୁକ୍ତ ଶିଶୁ



ଆପଣ ଜାଣନ୍ତି କି ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ସେମାନେ

- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା କ୍ଳାନ୍ତ ଅନୁଭବ କରନ୍ତି ।
- ତାଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ ।

OIPR: 10001/10003/2/25-26/0015

କୃମି ନିୟନ୍ତ୍ରଣର ଉପାୟ ଅତି ସହଜ




୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ବିଦ୍ୟାଳୟରେ ବିନାମୂଲ୍ୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଏବଂ ପ୍ରଜନନକ୍ଷମ ମହିଳାମାନେ (୨୦ରୁ ୨୪ ବର୍ଷ ବୟସ) ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଖାଇବେ ।

ଏହି ଦିନ ଗର୍ଭବତୀ ଓ ପ୍ରସୂତି ମହିଳା କୃମିନାଶକ ଔଷଧ ଖାଇବେ ନାହିଁ ।

ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୭ ଫେବୃଆରୀ ୨୦୨୬ ଦିନ ଔଷଧ ଦିଆଯିବ ।

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

### ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣିହାଁର ପ୍ଲାଟିନମ୍ ଜୁବିଲି ଉତ୍ସବ

# ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ : ଧର୍ମେନ୍ଦ୍ର

ଭୁବନେଶ୍ୱର/କଣିହାଁ (ସବ୍ୟୁ): ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ । ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଭଳି ଜନନାୟକମାନେ ବିଶ୍ୱାସ କରୁଥିଲେ ଯେ କେବଳ ପାଠ ପଢ଼ିବା ଶିକ୍ଷା ନୁହେଁ, ବରଂ ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ । ଏହି ବିଚାରରେ ସେ କଣିହାଁ ଠାରେ ଏକ ଶିକ୍ଷାନୁଷ୍ଠାନ ସଦୃଶ ଏକ ମଞ୍ଜି ବୁଣିଥିଲେ, ଯାହା ଏବେ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇ ବଟବୃକ୍ଷର ରୂପ ନେଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଜିଲ୍ଲା କଣିହାଁ ସ୍ଥିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା 'ପ୍ଲାଟିନମ୍ ଜୁବିଲି' ସମାରୋହରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି,



ଆଜି କେବଳ ଏହି ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତିର ଉତ୍ସବ ନୁହେଁ, ବରଂ ଆଜି ହେଉଛି ଏହି ମାଟିର ମହାନ ସଂଗ୍ରାମୀ, ଆମ ସମସ୍ତଙ୍କର ପ୍ରେରଣାର ସ୍ରୋତ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ପବିତ୍ର ଜୟନ୍ତୀ । ତାଙ୍କ ଦ୍ୱାରା ଗଢା ହୋଇଥିବା ଶିକ୍ଷାନୁଷ୍ଠାନରୁ ପାଠପଢି ଆମ ଅଞ୍ଚଳର ପିଲାମାନେ ଡାକ୍ତର ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି, ଯାହା ଏକ ବଡ଼ ଉପଲବ୍ଧି । ନିଜ ଅଭିଭାଷଣରେ ଶ୍ରୀ ପ୍ରଧାନ ଆଗାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ୨୦୩୬ ମସିହାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ । ସେହି ସମୟରେ ଏହି ଶିକ୍ଷାନୁଷ୍ଠାନର ଦାୟିତ୍ୱ ଆହୁରି ଅଧିକ ରହିବ । ଆମର ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ 'ୱେଲଥ କ୍ରିଏଟର' ବା ଉଦ୍ୟୋମୀ ହେବା ପାଇଁ ସଂକଳ୍ପ କରିବା ଉଚିତ୍ । ସମସ୍ତେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ଏହି ଅଞ୍ଚଳରେ ଶିକ୍ଷାର ବ୍ୟାପକ ବିକାଶ କରାଇବା ପାଇଁ ସେ ଆହ୍ୱାନ କରିଛନ୍ତି । ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯାହାକୁ ପ୍ରଶଂସା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ଏହି ପୁସ୍ତକ ପଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ଦେଶପ୍ରେମ ଓ ବୌଦ୍ଧିକ ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଏଥିସହ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ପବିତ୍ରନଗର ଠାରେ ଲୋକାର୍ପିତ ହୋଇଥିବା 'ପବିତ୍ର ମୋହନ ପ୍ରଧାନ ସ୍ମୃତିପୀଠ' ପରିଦର୍ଶନ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

## ବାଲ୍ୟବିବାହ ମୁକ୍ତ ଶୋଭାଯାତ୍ରାକୁ ଉଦ୍‌ଘାଟନ କଲେ ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ) : ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ରବିବାର ବାଲ୍ୟବିବାହ ମୁକ୍ତ ଭାରତ ରଥ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ ବାଚସ୍ପତି ସୁରମା ପାଢୀ । ରୁଚିକା ସମାଜ ମଙ୍ଗଳ ସଙ୍ଗଠନ, ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ମୁକ୍ତ ରାଜ୍ୟ ଭାବେ ଘୋଷଣା କରିଦେବୁ ବୋଲି କହିଥିଲେ । ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ଓଡ଼ିଶାରେ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ କରୁଥିବା ଜଷ୍ଟ ଚାଇଲ୍ଡ ଫର୍ ଚିଲ୍ଡ୍ରେନ୍ ଅଂଶୀଦାର ସଙ୍ଗଠନମାନଙ୍କ କାର୍ଯ୍ୟକୁ ଭୂୟସୀ ଯୋଜନା ଭଳି ଲୋକାଭିମୁଖୀ ଯୋଜନା ଘୋଷଣା କରି ବାଲ୍ୟବିବାହ ରୋକିବାକୁ ପ୍ରୟାସ କରିଛନ୍ତି । ଜିଲ୍ଲାସ୍ତରରେ ମଧ୍ୟ ସରକାର ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ସମ୍ମାନିତ ଅତିଥି ଭାବେ




ଆଲାଏନ୍ସ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ବାଲ୍ୟବିବାହ ମୁକ୍ତ ଭାରତ ରଥ ଓ ମହିଳା କର୍ମୀ ତଥା ବାଲ୍ୟବିବାହ ବନ୍ଦ ପାଇଁ କାର୍ଯ୍ୟ କରୁଥିବା ଯୁବତୀମାନଙ୍କର ଏକ ବିଶାଳ ଶୋଭାଯାତ୍ରାକୁ ବିଧାନସଭା ବାଚସ୍ପତି ସୁରମା ପାଢୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ବକ୍ତବ୍ୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆମେ ଓଡ଼ିଶାକୁ ୨୦୩୦ ମସିହା ମଧ୍ୟରେ ନିଶ୍ଚିତ ବାଲ୍ୟବିବାହ ପ୍ରଶଂସା କରିଥିଲେ ଶ୍ରୀମତୀ ପାଢୀ । ସେ କହିଥିଲେ ଯେ, ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ, କଲେଜ ସାଧାରଣ ଜନତାଙ୍କ ସହିତ ଓଡ଼ିଶା ସରକାର ବାଲ୍ୟବିବାହ ମୁକ୍ତ ଓଡ଼ିଶା ପାଇଁ କାର୍ଯ୍ୟ କରୁଛନ୍ତି ।

ରାଜ୍ୟ ସରକାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ହଷ୍ଟେଲର ୱାର୍ଡେନମାନଙ୍କୁ ବାଲ୍ୟବିବାହ ନିରୋଧ ଅଧିକାରୀ ଭାବେ ଘୋଷଣା କରିବା ସଂଗେ ସଂଗେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଗ ଦେଇଥିଲେ । ଭାରତରେ ୨୩ଭାଗ ପିଲା ବିବାହ ବୟସ ପୂର୍ବରୁ ବାହା ହେଉଥିବା ବେଳେ ଓଡ଼ିଶାରେ ଏହାର ଶତକଡା ୨୦ଭାଗ । କିନ୍ତୁ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲା ଜାତୀୟ ହାର ଉର୍ଦ୍ଧ୍ୱରେ ଅଛି । ତେଣୁ ପିଲାମାନଙ୍କ ଉପରେ ହେଉଥିବା ଅପରାଧର ମୂଳୋତ୍ପାଟନ କରିବାକୁ ହେଲେ ଆମେ ସମସ୍ତେ ଗୋଷ୍ଠୀସ୍ତରରେ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି ଅତିଥିମାନେ କହିଥିଲେ ।

## ଦୁଇ ବାଇକ୍ ଧକ୍କା : ୨ ମୃତ, ପାଞ୍ଚ ଗୁରୁତର

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି-ଅମ୍ବାବାଲି ରାସ୍ତାର ପେଟୁରୁ ଛକ ନିକଟରେ ସନ୍ଧ୍ୟା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଗୁରୁତର ହୋଇଥିବା ଜଣାପଡିଛି । ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ପଟାଙ୍ଗି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଆନ୍ଧ୍ର ସାଲୁର ମଣ୍ଡଳର ବାରିଗାଁର ଏକ ପରିବାର ନିଜ ବାଇକ ଯୋଗେ ଗୋଟିଏ ପରିବାରର ସେଡା ଆପାନା, ସ୍ତ୍ରୀ ସେଡା ଅନିତା, ୫ ବର୍ଷ ବୟସର ଝିଅ ଓ ୨ ବର୍ଷ ବୟସର ପୁଅକୁ ନେଇ ଅମ୍ବାବାଲି ଗ୍ରାମପଞ୍ଚାୟତର ଗୁମୁଡୁପାଡୁ ଗ୍ରାମକୁ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ ଯୋଗେ ଚିନ୍ତା ଏକୁବୁ, ସଙ୍କେଲି କୃପା, ମୁଷୁରୀ ସିନାୟ ଆସୁଥିଲେ । ପେଟୁରୁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ସେଡା ଅନିତା ଓ ଅନ୍ୟ ବାଇକ୍ର ଚିନ୍ତା ଏକୁବୁଙ୍କ ମୃତ୍ୟୁ ହୋଇଥିବା ବେଳେ ସେଡ଼ା ଆପାନା ତାଙ୍କ ପୁଅ ଝିଅ ଓ ସଙ୍କେଲି କୃପା, ମୁଷୁରୀ ସିନାୟା ଗୁରୁତର ଅବସ୍ଥାରେ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଏମ୍‌ଏସ୍‌ଏମ୍‌ଇଗୁଡିକ ଭାରତୀୟ ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ, ଯାହା ନିଯୁକ୍ତି, ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଅନ୍ତି। ସେମାନଙ୍କ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଓ ବିଭିନ୍ନ ଆର୍ଥିକ ସଂସ୍ଥାଗୁଡିକ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରାଯାଇଛି। ଏହି କ୍ରମରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଥିତ ଜନ ଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର




ନିର୍ଦ୍ଦେଶକ ପି.କେ ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି ଏସ୍ ରାଠୋର, ଡିଆଇସି ଉପ-ମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସେଣ୍ଟ୍ରାଲ୍ ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇଗୁଡିକୁ ସଶକ୍ତ କରିବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆଣିବାରେ ନିଜର ଦୃଢ ପ୍ରତିବଦ୍ଧତାକୁ ବଜାୟ ରଖିଛି।

## ବଡ ଭାଇର ଶାବଳ ମାଡ଼ରେ ସାନ ଗୁରୁତର:ଅଭିଯୁକ୍ତ ଅଟକ

ନିମାପଡ଼ା,(ସବ୍ୟୁ) : ଚାରିଛକ ଥାନା କଳାପାଞ୍ଚଣ ପଞ୍ଚାୟତ ନୂଆପାଟଣା ଗ୍ରାମରେ ରବିବାର ଦିନ ପରିବାରିକ ବିବାଦକୁ ନେଇ ବଡ ଭାଇର ଶାବଳ ଆକ୍ରମଣରେ ସାନ ଭାଇ ଗୁରୁତର ଆହତ ହୋଇଛି । ଆହତ ଜଣକ ହେଲେ ବଟ କିଶୋର ସାହୁ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ନୂଆପାଟଣା ଗ୍ରାମର ବଡ ଭାଇ ବିଷ୍ଣୁ ଚରଣ ସାହୁ ନିଜ ସାନ ଭାଇ ବଟ କିଶୋର ସାହୁ ଙ୍କ ମଧ୍ୟରେ ପାରିବାରିକ ବିବାଦକୁ ନେଇ ଅନେକ ସମୟରେ କଳହ ହୋଇଥାଏ । ରବିବାର ଦିନ ବଡ ଭାଇ ବିଷ୍ଣୁ ସାନ ଭାଇ ବଟ ଙ୍କ ପନିୀ ସୁକାନ୍ତିକୁ ଗାଳିଗୁଲଜ କରିଥିଲେ । ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଦେଖି ସାନ ଭାଇ ବଟ ଏହାର ପ୍ରତିବାଦ କରିବାରୁ ବିଷ୍ଣୁ ଏକ ଶାବଳ ସାହାଯ୍ୟରେ ବଟ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ବଟ ଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଚରିଛକ ସଓ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

### ଇନର ହୁଇଲ କ୍ଲବ ଅଫ କଟକ କୁଇନ୍ସ ପକ୍ଷରୁ

## ମନ୍ଦିର ପରିସରରେ ଫୁଟ ୱାସ୍ ଷ୍ଟେସନର ଉଦ୍‌ଘାଟନ




କଟକ, (ସ୍ୱପ୍ର) : ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଇନର ହୁଇଲ କ୍ଲବ ଅଫ କଟକ କୁଇନ୍ସର ନିଆରା ପଦକ୍ଷେପ । ଇନର ହୁଇଲ କ୍ଲବ ଅଫ କଟକ କୁଇନ୍ସ ଆନୁକୂଲ୍ୟରେ ଯୋବ୍ରା ପରେଶ୍ୱର ଶିବ ମନ୍ଦିର ପରିସରରେ ଏକ ଫୁଟ ଓ୍ୱାସ୍ ଷ୍ଟେସନର ଉଦ୍‌ଘାଟନ ହୋଇଛି । ଏହାକୁ କ୍ଲବର ଜିଲ୍ଲା ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଆନୁଷ୍ଠାନିକଭାବେ ଉଦଘାଟନ କରିଛନ୍ତି । ଏହି ଅବସରରେ ଇନର ହୁଇଲ ଅଫ କଟକ କୁଇନ୍ସର ଅଧକ୍ଷା ସନ୍ଦୀପା ଦାସ, ସମ୍ପାଦିକା ଶିଳ୍ପା ପ୍ରାରମ୍ଭିକାଙ୍କ ସହ ଅନ୍ୟ ସଦସ୍ୟା ମନେ ଉପସ୍ଥିତ ଥିଲେ । ତେବେ କ୍ଲବର ମହିଳାମାନଙ୍କ ଏ ପ୍ରକାର ପ୍ରୟାସ ମନ୍ଦିରକୁ ଆସୁଥିବା ଭକ୍ତ ମାନଙ୍କ ପାଇଁ ବେଶ ଲାଭଦାୟକ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ମୋରମ ଉଠାଇବାକୁ ନେଇ ଆକ୍ରମଣ, ୩ଗିରଫ

ବାରଙ୍ଗ ,(ସବ୍ୟୁ) :ମଧୁବନ ଗାଁମୁଣ୍ଡ ପାହାଡରୁ ବେଆଇନ ଭାବେ କାଜୁ ଗଛ କାଟି ମୋରମ ଚାଲାଣ ହେଉଥିବାର ଅଭିଯୋଗ କରି ଶୁକ୍ରବାର ରାତିରେ ମଧୁବନ ଗ୍ରାମର କିଛି ଯୁବକ ଆକ୍ରମଣ କରିଥିଲେ ।ଏଥିରେ ଦୁଇଜଣ ଆହତ ହୋଇଥିଲେ ।ଏହି ଘଟଣାରେ ବାରଙ୍ଗଥାନା ପୋଲିସ ତଦନ୍ତ କରି ଶନିବାର ୩ଜଣ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।ସେମାନେ ହେଲେ ମଧୁବନ ଗ୍ରାମର ଦେବେନ୍ଦ୍ର ପ୍ରଧାନ (୪୫) ଦେବାଶିଷ ରାଉଳ(୨୨)ଓ ଟିକଲ ସଓ୍ୱାଇନ (୨୨)ପ୍ରଶାନ୍ତ ପାତ୍ର ନାମକ ବ୍ୟକ୍ତି କଟକ ଖଣି ଅଧିକାରୀଙ୍କଠାରୁ ଇଡକୋ ସାଇଟରେ କାମ ନିମନ୍ତେ ଆବଶ୍ୟକତା ଥିବାରୁ ମଧୁବନ ଗାଁ ମୁଣ୍ଡ ପାହାଡରୁ ମୋହରମ ଉଠାଇବା ଏବଂ ପରିବହନ କରିବା ଏକ ଟେଣ୍ଡର ଆଣିଛନ୍ତି ।ଏହି ଆଧାରରେ ଶୁକ୍ରବାର ରାତିରେ ଶ୍ରମିକମାନଙ୍କୁ ନିୟୋଜିତ କରି ମୋରମ ଖୋଳି ପରିବହନ କାର୍ଯ୍ୟ କରୁଥିଲେ ।ଏହି ସମୟରେ ମଧୁବନ ଗ୍ରାମର ପବିତ୍ର ପ୍ରଧାନ, ସୁନିଲ ସ୍ୱାଇଁ ଏବଂ ଟୁଲିଆ ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୧୫/୨୦ ଜଣ ଯୁବକ ଉକ୍ତ ଜାଗାକୁ ଆସି ବେଆଇନ ଭାବେ ମୋରମ ଉଠାଇବା ଓ କାଜୁ ଗଛ କାଟିବା ଅଭିଯୋଗ ଉଠାଇ ଶ୍ରମିକମାନଙ୍କୁ ମାରିଦେବା ଉଦ୍ଦେଶ୍ୟରେ ପଥର ମାଡ଼ କରିଥିଲେ । ଫଳରେ ଦୁଇଜଣ ଅପରେଟର ଆହତ ହୋଇଥିଲେ ବୋଲି ଶନିବାର ଦିନ ବାରଙ୍ଗ ଥାନାରେ ପ୍ରଶାନ୍ତ କରିଥିବା ଅଭିଯୋଗରେ ଦର୍ଶାଇଥିଲେ ।

### ଚୌଦ୍ୱାର ଜେଲ ଅଧିକ୍ଷକଙ୍କ ବିରୋଧରେ ସଂଗୀନ ଅଭିଯୋଗ

## କଏଦୀଙ୍କ ଗହଣା ଗାଏବ ନେଇ ଥାନାରେ ଏତଲା

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ମଣ୍ଡଳ କାରାଗାର ର ଅଧିକ୍ଷକଙ୍କ ବିରୋଧରେ ଆସିଛି ଏକ ସଙ୍ଗୀନ ଅଭିଯୋଗ। ଜେଲ୍ ଭିତରେ ଜଣେ ମହିଳା ବନ୍ଦୀଙ୍କ ଠାରୁ ଜେଲରେ ଜମା ରଖାଯାଇଥିବା ସୁନା ଗହଣା ଗାଏବ ହୋଇ ଯିବା ଘଟଣା ସମ୍ପୂର୍ଣ୍ଣ କାରାଗାରର ଅଧିକାରୀଙ୍କ ଦାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଉକ୍ତ ମହିଳାଜଣକ ଏ ନେଇ ଚୌଦ୍ୱାର ଥାନାରେ ଏତଲା ଦେବା ସହ ଜେଲ ଅଧିକ୍ଷକଙ୍କ ଚକ୍ରାନ୍ତ ସଂକ୍ରାନ୍ତରେ ଏତଲାରେ ଯାହା ଉଲ୍ଲେଖ କରିଛନ୍ତି ତାହା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଙ୍କୁ ଅଡୁଆ ଭିତରକୁ ଟାଣି ନେଇଛି। କଟକ ଜିଲ୍ଲା ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତି ଏକ ମାମଲାରେ ୨୦୨୫ ମସିହା ସେପ୍ଟେମ୍ବର ୨୨ତାରିଖ ଦିନ ଗିରଫ ହୋଇ ୨୩ ତାରିଖ ଦିନ ଚୌଦ୍ୱାର ଜେଲକୁ ଆସିଥିଲେ। ସେଠାରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜେଲ କର୍ମଚାରୀମାନେ ତାଙ୍କ ଠାରୁ ପିନ୍ଧିଥିବା ୬ଗ୍ରାମ ଓଜନର ସୁନା କାନର ହଳେ, ୫ଗ୍ରାମ ଓଜର ଏକ ସୁନା ମୁଦି ଏବଂ ଏକ ନାକ ଗୁଣା କାଢ଼ି ନେଇଥିଲେ। ତାହାକୁ ଏକ ମାଟିଆ ରଙ୍ଗର ଖାମ ଭିତରେ ରଖି ତା' ଉପରେ ଇତିଶ୍ରୀଙ୍କ ଦସ୍ତଖତ କରାଇଥିଲେ। ଏହାପରେ ଇତିଶ୍ରୀ ୩ମାସ ବିଚାର ବିଭାଗୀୟ ହାଜତରେ ରହିବା ପରେ ୨୦୨୫ ମସିହା ଡିସେମ୍ବର ୨୩ ତାରିଖରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ତେବେ ମୁକୁଳିବା ସମୟରେ ଇତିଶ୍ରୀ ଜେଲରଙ୍କୁ ତାଙ୍କ ଜମା ଥିବା ଗହଣା ମାଗିଥିଲେ। ମାତ୍ର ସେ ଦୀର୍ଘ ୨ଘଣ୍ଟା ୪୫ ମିନିଟ ଇତିଶ୍ରୀଙ୍କୁ ଅପେକ୍ଷା କରାଇ ଗହଣା ଖୋଜା ଖୋଜି କରି ଶେଷରେ ଗହଣା ମିଳୁନି ବୋଲି କହିଥିଲେ। ଏଥି ସହିତ ୨ରୁ ୩ଦିନ ପରେ ଆସିବା ପାଇଁ କହିଥିଲେ। ଏହାପରେ ଇତିଶ୍ରୀ ଏକାଧିକ ବାର ଜେଲକୁ ଆସି ତାଙ୍କ ଗହଣା ମାଗିଥିଲେ ମଧ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗହଣା ଦେଇନଥିଲେ। ଏହାପରେ ଗତ ଜାନୁଆରୀ ୭ତାରିଖ ଦିନ ଇତିଶ୍ରୀ ଜେଲ ସୁପରିଣ୍ଟେଣ୍ଡ ସୁଜିତ ରାଉଳଙ୍କୁ ଭେଟି ଏ ବିଷୟରେ କହିଥିଲେ। ମାତ୍ର ଶ୍ରୀ ରାଉଳ ତାଙ୍କୁ ୧୦ଦିନ ସମୟ ମାଗିଥିଲେ। ୧୦ଦିନ ପରେ ଇତିଶ୍ରୀ ଫୋନ କରିବାପରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ଅଳଙ୍କାର ଫେରାଇବା ପରିବର୍ତ୍ତେ ପୂର୍ବତନ ଜେଲରଙ୍କ ନାମରେ ମାମଲା କରିବାକୁ ପ୍ରବର୍ତ୍ତାଇଥିଲେ। ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ନାମରେ ଥାନାରେ ଏତଲା କଲେ କିଛି ଟଙ୍କା ମଧ ଦେବେ ବୋଲି ସେ ଲୋଭ ଦେଖାଇଥିଲେ। ମାତ୍ର ଇତିଶ୍ରୀ ଏନେଇ ସ୍ପଷ୍ଟ ମନା କରିଦେବା ସହ ଜେଲରେ ସିସିଟିଭି ସମ୍ମୁଖରେ ତାଙ୍କ ଠାରୁ ନେଇଥିବା ସମସ୍ତ ଗହଣା ଫେରାଇବାକୁ ସେ ଦାବି କରିବା ସହ ଶ୍ରୀ ରାଉଳଙ୍କ ନାମରେ ଏତଲା କରିଥିବା ଜଣାପଡ଼ିଛି। ଏନେଇ ଜେଲ ଅଧିକ୍ଷକ ସୁଜିତ ରାଉଳଙ୍କୁ ଯୋଗାଯୋଗ କରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଅନ୍ୟପକ୍ଷରେ ଥାନା ଅଧିକାରୀ ପ୍ରଥମେ ତାଙ୍କ ଏତଲା ରଖିବାକୁ କୁଣ୍ଠାବୋଧ କରୁଥିବାବେଳେ ସାମ୍ବାଦିକଙ୍କ ଉପସ୍ଥିତି ଦେଖି ଇତିଶ୍ରୀଙ୍କ ଏତଲା ରଖିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକ ବିଂଶତମ ବାର୍ଷିକ ଉତ୍ସବ

ଜଟଣୀ, (ସବ୍ୟୁ) : ଓଡିଶା ବିଦ୍ୟା ବିକାଶ ପରିଷଦ ସଂସ୍ଥାର "ଓଁ"ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାଟବଜାର ଏବଂ "ମା" ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରପଦାର ଏକ ବିଂଶତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ



ପରିବେଶ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ରଙ୍ଗନାଥ ବେହେରାଙ୍କ ସଂଯୋଜନାରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ରେଳ ଇନଷ୍ଟିଚ୍ୟୁତ ଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତା ଏବଂ ସମାଜ ବିଜ୍ଞାନୀ ଡ଼ଃ. ଋଷି ପଟ୍ଟନାୟକ, ପୂର୍ବତଟ ରେଳବାଇ ଭାରତ ସ୍କାଉଟ ଏବଂ ଗାଇଡ୍ସର ସାଙ୍ଗଠନିକ କମିଶନର ରଞ୍ଜିତ ଦାସ, ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ ସହାୟକ ଚେୟାରମ୍ୟାନ ଦୁର୍ବାସା ନିଶଙ୍କ, କାଉନସିଲର ଉତ୍କଳ କେଶରୀ ବଳିୟାରସିଂ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ସାମ୍ପ୍ରତିକ ଆଧୁନିକ ସମାଜର ଶିଶୁଙ୍କ ଚରିତ୍ର ଗଠନ କାର୍ଯ୍ୟ ବିଶେଷ ଭାବରେ ଶିଶୁ ମନ୍ଦିରରୁ ହିଁ ଗଢି ଉଠିଥାଏ ଏବଂ ଶିଶୁର ଅଭିଭାବକ ମାନେ ଶିଶୁଙ୍କୁ ଚାପମୁକ୍ତ କରି ଗଢିଲେ ସେହି ଶିଶୁ ନୂତନ ସର୍ଜନା କରିବାର ସୁଯୋଗ ପାଇ ପାରିବେ ବୋଲି ନିଜର ବକ୍ତବ୍ୟ ରଖିଥିଲେ କ୍ଷ ସନ୍ନମାନିତ ଅତିଥି ଶ୍ରୀ ରଞ୍ଜିତ ଦାସ ସମାଜ ଉପଯୋଗୀ ଉତ୍ତମ ରାଷ୍ଟ୍ରଭକ୍ତ ନିର୍ମାଣ କରିବାରେ ଶିଶୁ ବିଦ୍ୟାମନ୍ଦିରର ଭୂମିକା ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଶ୍ରୀ ବଳିୟାରସିଂ ଶିଶୁଙ୍କୁ ଚାପମୁକ୍ତ କରି ଗଢିଲେ ସେ ନୂତନ ସର୍ଜନା କରିବାର ସୁଯୋଗ ପାଇ ପାରିବେ ବୋଲି ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସଭାପତି ମିହିର କୁମାର ମହାନା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଗୁରୁମା ମମତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ବାର୍ଷିକ କ୍ରୀଡାର କୃତି ଶିଶୁ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ବହୁ ପ୍ରତିଭା ଗୁଣର ଅଧିକାରି ଶିଶୁ ଏବଂ ପରୀକ୍ଷାରେ ସର୍ବୋଚ୍ଚ ପ୍ରାପ୍ତ ଶିଶୁ ଭାଇଭଉଣୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ସେବକ ସେବିକା ଓ ପରିଚାଳନା ସମିତିର କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ସର୍ବଶେଷରେ ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

## ପାହାଡ ଚଢି ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ । ନିୟମଗିରି ପାହାଡ଼ ଉପରୁ ତଳକୁ ଆସିବେ ୮ ପରିବାର । କଳାହାଣ୍ଡି ଲାଞ୍ଜିଗଡ଼ କୁନ୍ନାକାଡୁ ଗାଁର ୮ଟି ପରିବାରକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନିୟମଗିରି ପାହାଡ଼ ଉପରେ ଗାଁଟି ଥିବା ବେଳେ ଗାଁରେ କୌଣସି ମୌଳିକ ସୁବିଧା ନଥିଲା । ସେଠାରୁ ଲୋକଙ୍କୁ ସ୍ଥାନାନ୍ତର ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିବା ବେଳେ ଏବେ ଖୋଦ ଜିଲ୍ଲାପାଳ ଗାଁକୁ ଗସ୍ତ କରି ସେଠାକାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ୧୨ ଶହ ଫୁଟ୍ ପାହାଡ଼ ଚଢ଼ି ଗାଁକୁ ଯାଇଛନ୍ତି ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ । ଏଥି ସହ ପାହାଡ଼ ତଳେ ଗ୍ରାମବାସୀଙ୍କ ପାଇଁ ନିର୍ମାଣ ହୋଇଥିବା ୧୨ଟି ଘରର ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି ଜିଲ୍ଲାପାଳ । ତେବେ ଘର ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଗାଁକୁ ପାନୀୟ ଜଳ ଯୋଗାଣ, ଗାଁରୁ ଘର ପର୍ଯ୍ୟନ୍ତ ରାସ୍ତା ଏବଂ ପରିବାର ପ୍ରତିପୋଷଣ ସଂପର୍କରେ ଗାଁ ଲୋକଙ୍କ ସହ ଆଲୋଚନା କରିଛନ୍ତି । ସୂଚନା ଅନୁଯାୟୀ ପାହାଡ଼ ଉପରେ ଥିବା ଏହି ଗାଁରେ ୮ଟି ପରିବାର ବାସ କରୁଥିବା ବେଳେ ଗାଁକୁ ରାସ୍ତା ନାହିଁ । ନଳକୂଅ ପାଣି, ବିଜୁଳି ଆଜି ବି ଅପହଞ୍ଚ । ଝରଣାରୁ ପିଇବା ପାଣି ଆଣିବାକୁ ହେଲେ ୯ ଶହ ଫୁଟ୍ ତଳକୁ ଓହ୍ଲାଇବାକୁ ପଡ଼େ । କାହାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲେ ଡାକ୍ତରଖାନା ନେବାକୁ ମଧ୍ୟ ସୁବିଧା ନାହିଁ । ଜିଲ୍ଲାପଳଙ୍କ ଏପରି ପଦକ୍ଷେପ ଦେଖି ସ୍ଥାନୀୟ ଲୋକ ପ୍ରଶଂସା କରିଛନ୍ତି ।

## ୧୨ତାରିଖ ଧର୍ମଘଟକୁ କଂଗ୍ରେସର ସମର୍ଥନ


ଭୁବନେଶ୍ୱର,(ସବ୍ୟୁ): ୧୨ ଫେବୃଆରି ଗୁରୁବାର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିବା ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି । ପିସିସି ସଭାପତି ଭକ୍ତଚରଣ ଦାସ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଉପା ଅମଳରୁ ଚାଲିଆସିଥିବା କଲ୍ୟାଣକର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭିବି ଜି-ରାମ-ଜି ପରି ଶ୍ରମିବିରୋଧୀ ଯୋଜନା ଆରମ୍ଭ କରିଥିବାରୁ କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ନିରନ୍ତର ଧର୍ମଘଟ, ବିକ୍ଷୋଭ, ଅନଶନ ଚାଲିଆସିଛି । ୧୦ଟି କେନ୍ଦ୍ରୀୟ ଟ୍ରେଡ୍‌ୟୁନିଅନ ଯଥା:- ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ, ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ବିୟୁସିସି,ୟୁଟିୟୁସି, ଏଲ୍‌ପିଏଫ୍ ଓ ସେଓ୍ୱା ସମେତ ବିଭିନ୍ନ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର କର୍ମଚାରୀ ସଂଗଠନ ପରି ୫୦ରୁ ଅଧିକ ସ୍ୱାଧୀନ ମହାସଂଘ ଆହ୍ୱାନରେ ମନରେଗା ଉଚ୍ଛେଦ ବିରୋଧରେ ଓ ଶ୍ରମିକ-ବିରୋଧୀ ୪ ଶ୍ରମ-କୋଡ୍ ବାତିଲ ଦାବିରେ ଦେଶବ୍ୟାପୀ ଧର୍ମଘଟ କରାଯାଉଥିବାରୁ କଂଗ୍ରେସ ଏହାକୁ ସମର୍ଥନ କରୁଛି । ମନରେଗା, ବିଜୁଳି ଓ ଚାଷୀଙ୍କ ସମସ୍ୟା ପ୍ରସଙ୍ଗକୁ ୧୨ ତାରିଖର ଧର୍ମଘଟରେ ଉପରୋକ୍ତ ସଂଗଠନମାନେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି । ଶ୍ରମିକ, ସାଧାରଣ ଉପଭୋକ୍ତା ଓ ଚାଷୀମାନଙ୍କର ସମୁହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାରେ କଂଗ୍ରେସର ତୃଣମୂଳ ସ୍ତର ଯାଏ ନେତା ଓ କର୍ମୀ ଏହି ଧର୍ମଘଟକୁ ସମର୍ଥନ କରିବା ପାଇଁ ପିସିସି ପକ୍ଷରୁ ଡିସିସି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଆଇଏନଟିୟୁସି ସର୍ବଭାରତୀୟ ଉପସଭାପତି, ଓଡ଼ିଶା ରାଜ୍ୟଶାଖା ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର କଂଗ୍ରେସ ଭବନରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ସାକ୍ଷାତ କରି ଧର୍ମଘଟ ବିଷୟରେ ଅବଗତ କରାଇବା ସହ ଦଳର ସମର୍ଥନ ଲୋଡ଼ିଥିଲେ । ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସିର ରାଜ୍ୟ ସଂପାଦକ ଜୟନ୍ତ ଦାସ, ସିଆଇଟିୟୁର ଅନ୍ୟତମ ରାଜ୍ୟ ସଂପାଦକ ଦୁଷ୍ମନ୍ତ ଦାସ, ଏଆଇସିସିଟିୟୁର ରାଜ୍ୟ ସାଧାରଣ ସଂପାଦକ ମହେନ୍ଦ୍ର ପରିଡ଼ା, ଏଲ୍‌ପିଏଫର ମଧୁସୂଦନ, ପିସିସି ଗଣମାଧ୍ୟମ ବିଭାଗର ଅଧକ୍ଷ ଅରବିନ୍ଦ ଦାସ, ଆଇଏନଟିୟୁସିର ଜାତୀୟ ସଂଗଠନ ସଂପାଦକ ସତ୍ୟବ୍ରତ ନାଏକ, ସମ୍ବଲପୁରର ବରିଷ୍ଠ କଂଗ୍ରେସ ନେତା ସୁଧୀର ପଣ୍ଡା (ହାଡୁ) ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ
# ପାନ୍ନାପଲ୍ଲୀରୁ ରଣ ହୁଙ୍କାର ଦେଲା କଂଗ୍ରେସ



ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାନ୍ନାପଲ୍ଲୀ ଠାରେ କଂଗ୍ରେସ ର ଏକ ବିଶାଳ ବନ୍ଧୁମିଳନ ଆୟୋଜନ ହୋଇ ଯାଇଛି। ଯାହାକି ଉଭୟ ବିଜେଡି ଏବଂ ବିଜେପି ଶିବିରରେ ଭୟର ବାତାବରଣ ଖେଳି ଯାଇଛି। ଆଜି ପି.ସି.ସି. ସଭ୍ୟ ଶମ୍ଭୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପାନ୍ନାପଲ୍ଲୀ ଗ୍ରାମରେ ଏକ ବିରାଟ ବନ୍ଧୁମିଳନ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ତରଫରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗ ଦେଇଥିଲେ। ଆଜିର ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶେଷ କରି ହଜାର ହଜାର ଯୁବ ସମାଜ ସାମିଲ ଥିଲେ । ଯାହା କି ଶ୍ରୀ ଜେନାଙ୍କ ବିପୁଳ ଲୋକପ୍ରିୟତାକୁ ସୂଚାଉ ଥିଲା। ଆଜିର ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଶାସକ ଦଳର ମନମୁଖୀ ଶାସନ ଉପରେ ଶ୍ରୀ ଶମ୍ଭୁ ପାଣିଗ୍ରାହୀ କହିଥିଲେ ଯେ, ଏ ସରକାର ଅମଳରେ କିପରି ଭାବେ ସ୍ଥାନୀୟ ବିଧାୟକ ତଥା ଖଣି ଏବଂ ପରିବହନ ମନ୍ତ୍ରୀ ପି. ୟୁ. ସି ନାଁ ରେ ସାଧାରଣ ଜନତାଙ୍କ ଦାଉ ସାଧିବା ସହ ନିର୍ବାଚନ ମଣ୍ଡଳୀରେ ଥିବା ଲଘୁ ଖଣିଜ ସମ୍ପଦକୁ ଖୁଲାମ ଖୁଲା କିପରି ନିଜ ଲୋକଙ୍କ ଦ୍ୱାରା ଲୁଟ କରାଉଛନ୍ତି। ପରେ ମାନ୍ୟବର ସାନଖେମୁଣ୍ଡି ବିଧାୟକ ଶ୍ରୀ ରମେଶ ଜେନା ଉପସ୍ଥିତ ଜନସାଧାରଣ ଙ୍କୁ କହିଥିଲେ ଯେ, କଂଗ୍ରେସ ଏବଂ ମୁଁ ଆପଣଙ୍କ ସାଥିରେ ସବୁବେଳେ ସବୁ ସମୟରେ ରହିବା ପାଇଁ ଆମଙ୍କୁ ଆଶୀର୍ବାଦ କରନ୍ତୁ ଏବଂ କୌଣସି ଧମକକୁ ଖାତିର ନକରି ମୋତେ ନିଜ ସମସ୍ୟା ଜଣାନ୍ତୁ। ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପାନ୍ନାପଲ୍ଲୀ ଗ୍ରାମର ନାଇଡୁଙ୍କ ସମେତ ଗ୍ରାମର ମୁଖିଆ ମାନେ ଏବଂ ଯୁବ ସମାଜସେବୀ ପିଣ୍ଟୁ ଜେନା, ଅସିତ ପାଣିଗ୍ରାହୀ, ଯୁବ କଂଗ୍ରେସ କର୍ମୀ ସୁଶାନ୍ତ ମହାନ୍ତିଙ୍କ ସହ ପ୍ରାୟ ତିନି ହଜାରରୁ ଉର୍ଦ୍ଧ ଯୁବକ, ମହିଳା ମାନେ ଉପସ୍ଥିତ ଥିଲେ।

## ପୀତବାସ ପଣ୍ଡା ହତ୍ୟା ମାମଲା
# ଏମକେସିଜିରେ ଚିକିତ୍ସା ପରେ ଜେଲ ଫେରିଲେ ବିଧାୟକ ବିକ୍ରମ




ବ୍ରହ୍ମପୁର, (ସବ୍ୟୁ): ଆଇନଜୀବି ପିତାବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜେଲରେ ଅସୁସ୍ଥ ହେବାରୁ ପୋଲିସର କଡ଼ା ସୁରକ୍ଷା ଭିତରେ ବଡ ମେଡିକାଲ୍ ଅଣାଯାଇଥିଲା। ସେଠାରେ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା ମେଡିକାଲରେ ପହଞ୍ଚି, ପ୍ରଥମେ ମେଡିସିନ୍ ୱାର୍ଡରେ ଭର୍ତ୍ତି ହେଲା ପରେ ସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା । ଶେଷରେ ଡେଣ୍ଟାଲ୍ ଓପିଡିକୁ ଯାଇ ଚିକିତ୍ସିତ ହୋଇଥିଲେ। ବଡ ମେଡିକାଲରେ ସୁରକ୍ଷା ଦୃଷ୍ଟିରୁ ବିପୁଳ ପରିମାଣର ପୋଲିସ ମୁତୟନ କରାଯାଇଥିଲା । ଚିକିତ୍ସିତ ପରେ ଜେଲ ଫେରିବା ବେଳେ ବିକ୍ରମ ଗଣମଧ୍ୟମ ପ୍ରତିନିଧିଙ୍କୁ, ମୁଁ ନିର୍ଦ୍ଦୋଷ, ମୋତେ ଫସାଇ ଦିଆଯାଇଛି ଓ ବିଜେଡ଼ିକୁ ବଦନାମ୍ କରିବାକୁ ଷଡଯନ୍ତ୍ର ବୋଲି ବିକ୍ରମ କହିଥିଲେ। ସେହିପରି ଏହି ମାମଲାରେ ରାଜନୈତିକ ସମ୍ପୃକ୍ତି ରହିଛି ବୋଲି ମଧ୍ୟ ସେ ଗଣମାଧ୍ୟମକୁ କହିଛନ୍ତି। ନ୍ୟାୟିକ ବ୍ୟବସ୍ଥା ମୋରେ ବିଶ୍ୱାସ ରହିଛି ମୋତେ ନିଶ୍ଚୟ ନ୍ୟାୟ ମିଳିବ । ମହାପ୍ରଭୁ ଜଗନ୍ନାଥ ମୋ ସହ ଅଛନ୍ତି ବୋଲି ସେ ସାମ୍ବାଦିକଙ୍କୁ କହିଛନ୍ତି । କିଏ ଫସାଇଛନ୍ତି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ଉତ୍ତର ଦେଇ ବିକ୍ରମ କହିଛନ୍ତି ଜନ ସାଧାରଣ ସବୁ ଜାଣିଛନ୍ତି ବୋଲି କହିଥିଲେ । ପ୍ରକାଶଥାଉ କି ଗତ ଅକ୍ଟୋବର ୬ ତାରିଖ ରାତିରେ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଏମସି ମେୟର ପିଣ୍ଟୁ ଓରଫ ଶିବ ଶଙ୍କର ଦାଶ ସମେତ ୧୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଖରାଜ ହୋଇସାରିଛି। ସେମାନଙ୍କ ମଧ୍ୟରୁ ପିଣ୍ଟୁ ଦାଶ ଏବେ ଫୁଲବାଣୀ ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି।

## ଆଇନଜୀବୀଙ୍କୁ ମାଡ ମାରି ଟଙ୍କା, ସୁନା ଲୁଟ ଘଟଣା
# ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର, (ସବ୍ୟୁ): ଲାଠୀ ଗ୍ରାମରେ ରହୁଥିବା ଜଣେ ଆଇନଜୀବୀ ବାଳକୃଷ୍ଣ ଚୌଧୁରୀଙ୍କୁ ଗତ ୧ତାରିଖ ରାତିରେ ଅଫିସ ଭିତରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ଉକ୍ତ ଗ୍ରାମର ରବୀନ୍ଦ୍ରନାଥ ଭୂୟାଁ (୫୪)। ପୋଲିସ ଘଟଣା ବେଳେ ଅଭିଯୁକ୍ତ ବ୍ୟବହାର କରିଥିବା କାତି ଜବତ କରିଛି। ମାମଲା ନଂ୪୫/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୧ ତାରିଖରେ ଜଣେ ଯୁବକ ଉକ୍ତ ଆଇନଜୀବୀଙ୍କୁ ତାଙ୍କ ଅଫିସ ପାଖକୁ ଫୋନ କରି ଡାକିଥିଲା। ସେଠାରେ ସେ ପହଞ୍ଚିବା ପରେ ତାଙ୍କୁ ଯୁବକ ଜଣଙ୍କ ଧମକଚମକ ଦେଇଥିଲା। ସେ ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକ ଜଣଙ୍କ ତାଙ୍କୁ ଏକ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ଜୀବନରେ ମାରିଦେବାକୁ ଗୋଡ଼ାଇଥିଲେ। ବାଳକୃଷ୍ଣ ଜୀବନ ବିକଳରେ ତାଙ୍କ ଅଫିସ ଭିତରକୁ ଚାଲିଯାଇଥିଲେ। ଦୁର୍ବୃତ୍ତ ଜଣଙ୍କ ତାଙ୍କ ପିଛା କରି ଅଫିସ ଭିତରେ ଧସେଇ ପଶିଥିଲେ। ସେଠାରେ ସେ ଆଇନଜୀବୀଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦୁର୍ବୃତ୍ତ ଓ ତାଙ୍କର ସହଯୋଗୀ ଆଇନଜୀବୀ ଆକ୍ରମଣ ମଧ୍ୟ କରିଥିଲେଛ ତାଙ୍କ ଅଫିସରେ ଥିବା ନଗଦ ୨୦ ହଜାର ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ସେ ଲୁଟି ନେଇଯାଇଥିଲେ। ଏପରିକି ଅଫିସରେ ଥିବା ଆସବାବପତ୍ର ଫିଙ୍ଗାଫୋପାଡା କରିବା ସହ ତାଙ୍କ ଦାମୀ ମୋବାଇଲଟି ଭାଙ୍ଗି ଦେଇଥିଲେ। ଓକିଲାତି ଦେଖାଉଛୁ ତୋ ଲେଖା ଛିଡାଇଦେବୁ ବୋଲି ଧମକଚମକ ଦେଇ ସେମାନେ ଚାଲିଯାଇଥିଲେ। ପରେ ଆଇନଜୀବୀ ଜଣଙ୍କ ୧୧୨ କୁ ଫୋନ କରିଥିଲେ। ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସଦର ଥାନାକୁ ନେଇଥିଲେ। ଆଇନଜୀବୀ ଜଣଙ୍କ ନିଜର ଜୀବନ ପ୍ରତି ବିପଦ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ହରିହର ହାଇସ୍କୁଲର ୧୧୦ ତମ ବାର୍ଷିକ ଉତ୍ସବ ପାଳିତ

ଆସିକା, (ସବ୍ୟୁ): ରାଜ୍ୟର ଅନ୍ୟତମ ଶତାୟୁସରକାରୀ ଶିକ୍ଷାନୁଷ୍ଠାନ ହରିହର ହାଇସ୍କୁଲର ୧୧୦ତମ ବାର୍ଷିକ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶନିବାର ଦିନ ଅନୁଷ୍ଠିତ ହୋଇଛି। ପି ଏମ୍ ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ୨୦୨୫ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ସଂଗୀତ ପାଢ଼ୀ, ମୁଖ୍ୟବକ୍ତା ରୂପେ ବ୍ଲକ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି ସମ୍ମାନିତ ଅତିଥିଭାବେ ସରକାରୀ ଏନ୍ଏସି ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା, ଆସିକା ପ୍ରେସ କ୍ଲବ୍‌ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ରଥ, ଅବସର ପ୍ରାପ୍ତ ବର୍ଷୀୟାନ ଶିକ୍ଷକ ଗଣେଶ ରଥ, , ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ର ସଭାପତି ପ୍ରଦୀପ ରାଉତ, ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ, ପି ଟିଏ ସଭାପତି ସୁଶାନ୍ତ ସିଅ, ବିଜୟ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ଛାତ୍ର ଓ ଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ଶିକ୍ଷକ ଓ ଅଭିଭାବକଙ୍କ ସମପରିମାଣ ଗୁରୁ ଦାୟିତ୍ୱ ରହିଥିବା ଅତିଥିମାନେ ଏହି ଅବସରରେ ପ୍ରକାଶ କରିଥିଲେ। ବର୍ତ୍ତମାନ ସରକାରଙ୍କ ଦ୍ୱାରା ପିଏମ୍‌ଶ୍ରୀ ଯୋଜନାରେ ସାମିଲ ହରିହର ଉଚ୍ଚ ବିଦ୍ୟାଳୟର ବହୁ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସର ରେ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ଅଭିଭାବକ ଅଂଶ ଗ୍ରହଣ କରିଥିଲେ।

# ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ୍ କ୍ରିକେଟ ପାଇଁ ପ୍ରସ୍ତୁତି ଶେଷ




ବାରିପଦା, (ସବ୍ୟୁ) : ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି ଆୟୋଜନ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଚଳିତ ମାସ ୧୫ତାରିଖରୁ ମାର୍ଚ୍ଚ ୧ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଅଂଶଗ୍ରହଣ କରିଛନ୍ତି ବୋଲି ସାଧାରଣ ସମ୍ପାଦକ ଗଦାଧର ନାୟକ ପ୍ରକାଶ କରିଥିଲେ । ପ୍ରତ୍ୟେକ ଦଳରେ ଜଣେ ରାଜ୍ୟ ସ୍ତରୀୟ ଓ ଜଣେ ଜାତୀୟ ସ୍ତରୀୟ ନାମିଦାମୀ ଖେଳାଳି ରହିଛନ୍ତି ବୋଲି ଜଣାପଡିଛି । ୧୫ତାରିଖ ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଦଘାଟିତ ହେବା ସହ ଗୋଟିଏ ମ୍ୟାଚ ଅନୁଷ୍ଠିତ ହେବ । ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳ ପାଇଁ ୨ଲକ୍ଷ ୫୦ହଜାର ଓ ରନର୍ସ ଅପ ଦଳ ପାଇଁ ୨ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ମ୍ୟାନ ଅଫ ଦି ସିରିଜ ପାଇଁ ହିରୋ ବାଇକ, ମ୍ୟାନ ଅଫ ଦି ମ୍ୟାଚ (ଫାଇନାଲ) ପାଇଁ ସାଇକେଲ, ଶ୍ରେଷ୍ଠ ବ୍ୟାଟ୍ସମେନ ପାଇଁ ୱାସିଂ ମେସିନ, ଶ୍ରେଷ୍ଠ ବୋଲର ପାଇଁ ଫ୍ରିଜ ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି କମିଟି ପ୍ରକାଶ କରିଛନ୍ତି । ଗୋ ମାତାକୁ ପ୍ରାଧାନ୍ୟ ଦେଇ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ପରିକଳ୍ପନା କରାଯାଇଛି ବୋଲି ସଭାପତି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଗଣମାଧ୍ୟମ ସହ ସଂଯୋଜକ ଗୌତମ ଦାସ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ, ସହ କୋଷାଧ୍ୟକ୍ଷ୍ୟ ସନ୍ଦୀପ ମୌଳିକ ଓ କମେଣ୍ଟେଟର କେ ପଙ୍କଜ ମହାକୁଡ଼ ଉପସ୍ଥିତ ଥିଲେ ।

# ଘରୋଇ ବସ୍‌ରେ ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ବସଷ୍ଟାଣ୍ଡରେ ରବିବାର ଅପରାହ୍ନରେ ଘରୋଇ ବସ୍ ରାଜଦେବୀ ରେ ହଠାତ୍ ଇଞ୍ଜିନରୁ ନିଆଁ ବାହାରିବା ଫଳରେ ବସରେ ବସିଥିବା ଯାତ୍ରୀମାନେ ଭୟଭୀତ ହୋଇ ବସ୍ ଏଣେ ତେଣେ ବାହାରିବା ପାଇଁ ଚେଷ୍ଟା କରୁଥିଲେ। ସେଠାରେ ଉପସ୍ଥିତ ଲୋକେ ମଧ୍ୟ ଯାତ୍ରୀମାନଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ଏହି ସମୟରେ ଗାଡ଼ିଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ତୁରନ୍ତ ଗାଡ଼ିରେ ଥିବା କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ ସିଲିଣ୍ଡର୍ ବ୍ୟବହାର କରି ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଡ୍ରାଇଭର ଜଣଙ୍କ ନିଜର ଉପସ୍ଥିତି ବୁଦ୍ଧି ଖଟାଇବା ଦ୍ୱାରା ଏକ ବଡ଼ ଧରଣର ବିପଦକୁ ରୋକାଯାଇପାରିଛି। ଏହି ଘଟଣା ବସ୍‌ଷ୍ଟାଣ୍ଡରେ କିଛି ଆତଙ୍କ ଖେଳାଇ ଦେଇଥିଲା। ପ୍ରକାଶ ଯେ ରାଜଦେବୀ ଘରୋଇ ବସ୍ଟି ଫୁଲବାଣୀରୁ ବ୍ରହ୍ମପୁର ଯାଉଥିଲା। ଭଞ୍ଜନଗର ବସ୍‌ଷ୍ଟାଣ୍ଡରେ ବସି କିଛି ସମୟ ଅଟକି ଥିଲା। ଏହି ସମୟରେ ବସର ଇଞ୍ଜିନ ତଳୁ ନିଆଁ ବାହାରୁଥିବା ବସଷ୍ଟାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ଯାତ୍ରୀମାନେ ଦେଖି ପାଟି କରିଥିଲେ। ଏହାପରେ ଚାଳକ ତୁରନ୍ତ ନିଜ ସିଟରୁ ଓହ୍ଲାଇ କାର୍ବନ ଡାଇଅକ୍ସାଇଡ ଗ୍ୟାସ ପ୍ରୟୋଗ କରି ନିଆଁକୁ ନିୟନ୍ତ୍ରଣ କରିଥିଲେ। ବସରେ ଥିବା କାର୍ବନ ଡାଇଅକ୍ସାଇଡ୍ ଏବଂ ଚାଳକଙ୍କ ଉପସ୍ଥିତି ବୁଦ୍ଧି ହିଁ ଏକ ବଡ଼ଧରଣର ବିପଦକୁ ରୋକାଯାଇପାରିଛି। ଅଳ୍ପକେ ଯାତ୍ରୀ ବର୍ତ୍ତି ଯାଇଥିଲେ । ଏହାପରେ ବସ ଯାତ୍ରୀମାନଙ୍କୁ ଅନ୍ୟ ଗାଡିରେ ବ୍ରହ୍ମପୁର ପଠାଇବା ବ୍ୟବସ୍ଥା କରାଯାଇଥିଲା। ଗରମ ଯୋଗୁ ଇଞ୍ଜିନରେ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି ।

# ରଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମର ଜୀବନରେଖା ଭାବେ ପରିଚିତ ରଷିକୂଲ୍ୟା ନଦୀର ଉପର ମୁଣ୍ଡରେ ସୋରଡ଼ା ବ୍ଲକର ପିପଲପଙ୍କା ଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ନଦୀବନ୍ଧ ଜରିଆରେ ରଷିକୂଲ୍ୟାର ପାଣିକୁ ଶହେ କି.ମି ଲମ୍ବା ପାଇପ୍ ଲାଇନ୍ ଯୋଗେ ନିଆଯାଇ ଛତ୍ରପୁର ଓ ଗୋପାଳପୁର ଶିଳ୍ପ କରିଡ଼ରରେ ଥିବା ଶିଳ୍ପମାନଙ୍କୁ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଉପର ମୁଣ୍ଡରୁ ପାଣିକୁ କମ୍ପାନୀମାନଙ୍କ ପାଇଁ ନେଇଗଲେ ରଷିକୂଲ୍ୟା ନଦୀ ଜଳଶୁନ୍ୟ ହୋଇଯିବ ଏବଂ ତା' ଉପରେ ନିର୍ଭରଶୀଳ ଜିଲ୍ଲାର ଲକ୍ଷଲକ୍ଷ ଲୋକଙ୍କ ଚାଷ ଓ ପିଇବା ପାଣି ପ୍ରଭାବିତ ହେବ ବୋଲି ଆଜି ରଷିକୂଲ୍ୟା ନଦୀ ସୁରକ୍ଷା କନଭେନସନରେ ମତ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ ଜଳବାୟୁ ସଙ୍କଟ ଓ ନଦୀଶଯ୍ୟାରୁ ବ୍ୟାପକ ବାଲି ଖନନ ଫଳରେ ବର୍ତ୍ତମାନ ରଷିକୂଲ୍ୟା ନଦୀ ଏକ ଶୁଷ୍କ ନଦୀରେ ପରିଣତ ହୋଇଛି। ନଦୀର ପାଣି ଉପରେ ନିର୍ଭର କରୁଥିବା ବ୍ରହ୍ମପୁର, ଆସିକା, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ, ଗୋପାଳପୁର ଆଦି ସହରର ଲକ୍ଷାଧିକ ବାସିନ୍ଦାଙ୍କ ପିଇବା ପାଣି ବ୍ୟବସ୍ଥା ପ୍ରଭାବିତ ହେବ। ଏହି କାର୍ଯ୍ୟକ୍ରମରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, କମିଟିର ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରଶ୍ମୀ ରଂଜନ ପଟ୍ଟନାୟକ ନିଜର ବକ୍ତବ୍ୟ ରଖିଥିଲେ। ସିପିଏମର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ନିଜର ବକ୍ତବ୍ୟ ରଖି ରଷିକୂଲ୍ୟା ନଦୀର ପାଣିକୁ କମ୍ପାନୀମାନଙ୍କୁ ଦେବାକୁ ତଥା ଅବାଧ ବାଲି ଖନନକୁ ବିରୋଧ କରିଥିଲେ। ସିପିଆଇ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ରଷିକୂଲ୍ୟା ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରିଥିଲେ। କମିଟିର ସଦସ୍ୟ ଅଶୋକ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବଭାରତୀୟ ଦିବାରାତ୍ର ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଫୁଟବଲ ଇତିହାସର ପୂର୍ବ ଗୌରବ ଫେରାଇ ଆଣିବା ଉଦ୍ଦେଶ୍ୟରେ ଫୁଟବଲ କିମ୍ବଦନ୍ତୀ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ୨ୟ ବାର୍ଷିକ ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ସ୍ଥାନୀୟ ମଧୁବନ ପଡିଆଠାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅସିତ ବରଣ ପତି (ପୂର୍ବତନ ଫୁଟବଲ ଖେଳାଳି ଓଡିଶା )ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ମାର୍ଚ୍ଚ ୮ତାରିଖ ରୁ ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉକ୍ତ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଏକ କମିଟି ଗଠନ କରାଯାଇଛି ସର୍ବ ସମ୍ମତି କ୍ରମେ ମୁଖ୍ୟ ପ୍ରଚାରକ ପ୍ରୀତିଶ ଚନ୍ଦ୍ର ବଶା, ଅସିତ ବରଣ ପତି ଅଧ୍ୟକ୍ଷ, ଜୀବନ କୁମାର ସାହୁ ଅଧ୍ୟକ୍ଷ ଅଭ୍ୟର୍ଥନା କମିଟି, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ସଭାପତି, ପ୍ରଦୀପ କିଶୋର ମହାନ୍ତି, ପ୍ରଶାନ୍ତ ବେହେରା ଉପାଧ୍ୟକ୍ଷ, କୁମାର ରଞ୍ଜନ ପଣ୍ଡା, ବନ ବିହାରୀ ମତଗଜ, ବିଜୟ କୁମାର ଦାସ ଉପସଭାପତି, ଅଶୋକ କୁମାର ମିସ୍ତ୍ରୀ ସାଧାରଣ ସମ୍ପାଦକ, କଳିଙ୍ଗ କେଶରୀ ଜେନା ସମ୍ପାଦକ, ଅମର କୁମାର ସେଠୀ ସଂଗଠନ ସମ୍ପାଦକ, ଜୟନ୍ତ ନାଏକ, ରାଜୀବ ଜେନା, ହର ପ୍ରସାଦ ପାତ୍ର, ଅବନୀ ମହାନ୍ତି ସହସଂପାଦକ, ଶ୍ରବଣ କୁମାର ମିସ୍ତ୍ରୀ କୋଷାଧ୍ୟକ୍ଷ, ମହାଦେବ ପାତ୍ର ସହକୋଷାଧ୍ୟକ, ନରୋତ୍ତମ ପାଣିଗ୍ରାହୀ, କପିଳ ଖଣ୍ଡେଓ୍ୱଲ, ମଳୟ ଜେନା, ପ୍ରଦୀପ କୁମାର ମିସ୍ତ୍ରୀ, କଲ୍ୟାଣ କୁମାର ସିହ୍ନା, ସନ୍ତୋଷ କୁମାର ବରଜ, ସମୋନାଥ ସିଂହ ସମାଜିକ ଗଣମାଧ୍ୟମ ପ୍ରମୁଖ ସର୍ବସମ୍ମତି ଭାବେ କମିଟି ଗଠନ କରାଯାଇଛି । ତତ୍‌ସହିତ ବୈଠକରେ ପୂର୍ବତନ ଫୁଟବଲ ଖେଳାଳି ଓ ବରିଷ୍ଠ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ପରାମର୍ଶ ଦାତା କମିଟି ଗଠନ କରାଯାଇଛି। ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆଲୋଚନା କରାଯାଇଥିଲା । ସଭାଶେଷରେ ବିନୋଦ ସିଂହବାବୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀ ଚଉରାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ




ବାରିପଦା, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀ ଚଉରାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଶୈଳେନ୍ଦ୍ର ନାରାୟଣ ଜ୍ୟୋତିଶୀ ଦ୍ୱୀପ-ପ୍ରଜ୍ଜ୍ୱଳନ ପୂର୍ବକ ଉକ୍ତ କାର୍ଯକ୍ରମକୁ ଉଦ୍ଘାଟନ କରି 'ଶିଶୁଶିକ୍ଷାର ଭାରତୀୟ ଓ ପାଶ୍ଚାତ୍ୟ ସଙ୍କଳ୍ପନା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରାତଃ ପର୍ଯ୍ୟାୟର ପର୍ଯ୍ୟାୟ-ପ୍ରମୁଖ ଅପର୍ଣ୍ଣା ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ/ଅଭିଭାବିକା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ଦ୍ୱାରା ପ୍ରୟୋଗିକ କାଳାଂଶ ହେଇଥିଲା। ଏଥିରେ ସୁମନ୍ତ ଗୁରୁଜୀ, ସବିତା ଗୁରୁମା, ଶିଉଳି ଗୁରୁମା, ମାଣିକ ଗୁରୁମା, ଯାମିନୀ ଗୁରୁମା, ପାର ଦିଦି, ଟିଂକି ଦିଦି ପ୍ରମୁଖ ସହଯୋଗ କରିଥିଲେ।

# ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କୁ ଗତ ୬ତାରିଖରେ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଫୁଲଟାର ପାଣ୍ଡା ପ୍ରଧାନ(୨୮)। ପୋଲିସ ଏକ ଖଣ୍ଡା ଜବତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୃନ୍ଦାବନଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ମାମଲା ନଂ ୩୨/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ୬ ଫେବୃଆରୀ ସନ୍ଧ୍ୟାରେ ବୃନ୍ଦାବନ ନିଜ କାମ ସାରି ତାଙ୍କ ଛୋଟ ଭାଇ ସୁରେନ୍ଦ୍ର ପ୍ରଧାନଙ୍କ ଘରକୁ ଯାଉଥିବା ବେଳେ ଉକ୍ତ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମାନେ ତାଙ୍କୁ ଅଟକାଇ ଝଗଡା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପର୍ସ ତାଙ୍କ ସ୍ତ୍ରୀ ସାଇଲ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ ।

# ମେଘାସନୀ ମହୋତ୍ସବ-୨୦୨୬ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବାରିପଦା, (ସବ୍ୟୁ) : ମେଘାସନୀ ମହୋତ୍ସବ-୨୦୨୬ ପାଳନ ଅବସରରେ ଆଜି ବାରିପଦା ସ୍ଥିତ ଛଉ ପଡିଆ-କଲେଜ ପଡିଆ ପରିସର ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରି କହିଥିଲେ ଯେ, ବର୍ତ୍ତମାନ ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୁରାରୋଗ୍ୟ ପାଇଁ ହେଉ କିମ୍ବା ଆକସ୍ମିକ ଦୁର୍ଘଟଣା ପାଇଁ ହେଉ ଅବା ଅନ୍ୟାନ୍ୟ ଅସାଧ୍ୟ ରୋଗର ଜରୁରୀ ଅସ୍ତ୍ରପୋଚାର ପାଇଁ ହେଉ ରୋଗୀର ଅମୁଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି, ମାତ୍ର ବେଳେବେଳେ ରକ୍ତ ଉପଲବ୍ଧ ନହେବାରୁ ରୋଗୀର ଜୀବନ ବଞ୍ଚାଇବା କଷ୍ଟସାଧ୍ୟ ହୋଇ ପଡୁଛି। ରକ୍ତଦାନ ଏକ ମହତ ଦାନ ତଥା ଏହା ଏକ ମହା ପୁଣ୍ୟ କର୍ମ। ତେଣୁ ଏଭଳି ଏକ ଉତ୍ସବ ଅବସରରେ ଓରମାସର ଏହି ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡାଃ ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସହକର୍ମୀ ଡାଃ ନୀଲେଶ ଦାସ, ରୁଚିକା ଖୁରାନା, ସବିତା ଶେଜପଡା, ଭାଗ୍ୟବତୀ ସିଂ ଓ ଶକୁନ୍ତଳା ମହାନ୍ତଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅନୁଷ୍ଠିତ ଶିବିରରେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା, ଜିଲ୍ଲା ରେଡ଼କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ ପ୍ରମୁଖଙ୍କ ସମେତ ଓରମାସର ସମସ୍ତ କର୍ମକର୍ତ୍ତା। ଉପସ୍ଥିତ ରହି ସୁଚାରୁ ରୂପେ ଉକ୍ତ ରକ୍ତଦାନ ଶିବିର ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ଉକ୍ତ ଶିବିରରେ ସ୍ଥାନୀୟ ଅଂଚଳର ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ମେଳାରେ ଲାଗିଥିବା ବିଭିନ୍ନ ଷ୍ଟଲର ଭାଇ ଭଉଣୀ ମାନେ ମଧ୍ୟ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ସମୁଦାୟ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ସଙ୍ଗୀତା ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର




କଟକ, (ସ୍ୱପ୍ର) : ସ୍ଥାନୀୟ ଦରଖାପାଟଣା ସ୍ଥିତ ହର୍ଷିକା ମିଡିଆ ଅଫିସ ଗୃହରେ ସଙ୍ଗୀତା ମେମୋରିଆଲ୍ ଟ୍ରଷ୍ଟ ଓ ହର୍ଷିକା ଖବରର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେପିଏମ ରୋଟାରୀ ଆଇ ହସ୍‌ପିଟାଲର ଡାକ୍ତର ଓ ଟେକ୍ନିସିଆନମାନେ ଯୋଗ ଦେଇ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ନିଦାନ ପ୍ରଦାନ କରିଥିଲେ । ଏଥିରେ ବିବେକାନନ୍ଦ ଦଳେଇ, ଡ. ଅମିତ ଦାଶ, ମନିଷା ଭୋଇ, ଗୌରିଶଙ୍କର, କୃଷ୍ଣଚନ୍ଦ୍ର ଶତପଥୀ, ସଙ୍ଗୀତା ଶତପଥୀ, ଡ. ବ୍ୟୋମକେଶ କାନୁନଗୋ, ବିରଜା ପ୍ରସାଦ କାନୁନଗୋ, ଜ୍ୟୋତି ରଞ୍ଜନ ମହାନ୍ତି, ଅମ୍ରିତା ବେହେରା, ନିଶିଥ ଜେନା, କୌଶଲ୍ୟା ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରକୁ ପରିଚାଳନା କରିଥିଲେ ।

# କିଡ଼ଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ସହରରେ ଥିବା ଏକ ପ୍ରିସ୍କୁଲ କିଡ଼ଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନୀୟ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରିୟା ଶୁଭଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳର ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷୟତ୍ରୀ, ସମସ୍ତ ଅଭିଭାବକ ମାନଙ୍କୁ ଉତ୍ତମ ଶିକ୍ଷା, ସଂସ୍କାର ଓ ଚରିତ୍ର ଗଠନ ଉପରେ ଉପଦେଶ ଦେବା ସହିତ ବିଦ୍ୟାଳୟର ଉନ୍ନତି ନିମନ୍ତେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଉତ୍ସବରେ ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ମହାସଂଘର ସଭାପତି ମନୋରଞ୍ଜନ ଗଡନାୟକ, ସାମ୍ବାଦିକ ସତ୍ୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରିଥିଲେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରିୟା ଶୁଭଦର୍ଶିନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର କୁନିକୁନି ପିଲା ମାନଙ୍କର ଦ୍ୱାରା ନୃତ୍ୟ, ସଂଗୀତ, ଅଭିନୟ (ମୋବାଇଲ ବ୍ୟବହାର ନକରିବା ପାଇଁ ) କରାଯାଇଥିଲା। ଏଥି ସହ ବିଦ୍ୟାଳୟର ଶିକ୍ଷୟତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ନନ୍ଦ ଓ ଅନ୍ୟ ସମ୍ମାନିତ ଅତିଥି ମାନେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅଞ୍ଚଳ ପାଇଁ ବରଦାନ, ରାଜ୍ୟପାଳ



ଗୋଡିବନ୍ଧ,(ସବ୍ୟୁ): ଅନୁଗୁଳ ଜିଲ୍ଲାର ସାମଲ ଥାନା ପବିତ୍ରନଗରରେ ପ୍ରାକ୍ତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତି ପୀଠକୁ ଉତ୍ସର୍ଗୀକୃତ କରାଯାଇଛି। ଶ୍ରୀ ପ୍ରଧାନଙ୍କ ୧୧୮ତମ ଜନ୍ମ ଜୟନ୍ତୀରେ ଓଡ଼ିଶାର ରାଜ୍ୟପାଳ ଡାକ୍ତର ହରିବାବୁ କୁମ୍ଭମ୍ପତି ଯୋଗଦେଇ ସାରଗର୍ଭକ ଭାଷଣ ଦେଇ ସ୍ୱର୍ଗତ ଉପ ମୁଖ୍ୟମନ୍ତ୍ରୀ ତଥା ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ସ୍ୱାଧୀନତା ସଂଗ୍ରାମୀ ଏ ଅଞ୍ଚଳ ପାଇଁ ବରଦାନ ସଦୃଶ୍ୟ ଥିଲେ ବୋଲି କହିଛନ୍ତି। ଓଡ଼ିଶା ସରକାରଙ୍କ ଅନୁଦାନରେ ନିର୍ମାଣ ହେଇଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଆଜି ଲୋକାର୍ପଣ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ବହୁ ଜନ ହିତକର କାର୍ଯ୍ୟର ଉଦ୍ଘାଟନ କରିଥିଲେ। ସମାରୋହରେ ଢେଙ୍କାନାଳ ଲୋକସଭା ସଦସ୍ୟ ଶ୍ରୀ ରୁଦ୍ର ନାରାୟଣ ପାଣି, କେନ୍ଦ୍ର ସରକାରଙ୍କ ଶିକ୍ଷା ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପାଲାହଡା ନିର୍ବାଚନ ମଣ୍ଡଳୀ ବିଧାୟକ ଅଶୋକ କୁମାର ମହାନ୍ତି, ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ଏମ ଅବଦଲ ଆଖତର ଯୋଗଦେଇ ଏ ଅଞ୍ଚଳ ବିକାଶ ହେଲେ ସାରା ଭାରତ ବିକଶିତ ଭାରତ ଭାବେ ପରିଚିତ ହେବ ବୋଲି ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଥିଲେ। ପବିତ୍ରମୋହନ ପ୍ରଧାନଙ୍କ ସ୍ମୃତି ପୀଠ, ସିଲିଂ - ତାଳପଦା ସେତୁ (ପବିତ୍ର ମୋହନ ସେତୁ ), ନୂତନ ମେଡିକାଲ ଗୃହ, ଚଷା ସମାଜ ଗୃହ, ସମାକୋଇ ସେତୁ, ଡ଼ିଗ୍ରୀ କଲେଜ ନୂତନ ଶ୍ରେଣୀ ଗୃହ,କାର୍ଯ୍ୟ ଶେଷ ହେଇଥିବାରୁ କଣିହାଁ ଅଂଚଳବାସି ତଥା ପବିତ୍ରନଗର ଅଂଚଳ ତରଫରୁ ସମସ୍ତ ଅତିଥି ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ଅଞ୍ଚଳର ୫୦ହଜାରରୁ ଅଧିକ ଜନସାଧାରଣ ଯୋଗଦେଇ ଥିଲେ ।

# ତାଳଚେର ରାଣୀପାର୍କ ଜଙ୍ଗଲର ଡ଼ିଅରପାର୍କ କାର୍ଯ୍ୟ କେବେ?

ତାଳଚେର, (ସବ୍ୟୁ): ପ୍ରଚୁର ରାଜସ୍ୱ ପ୍ରଦାନ କରୁଥିବା ତାଳଚେର ଆଜି ଶ୍ରୀ ହୀନ ହେବାସହ ମାଳମାଳ କୋଇଲା ଖଣି ସହିତ ରାଷ୍ଟ୍ରାୟତ କମ୍ପାନୀ ଗୁଡ଼ିକ ମୁଣ୍ଡ ଟେକୁଥିବା ବେଳେ ତାଳଚେରରୁ ଅର୍ଥ ଯାଇ ବାହାର ଜାଗାରେ ଚିଡ଼ିଆଖାନା, ପାର୍କ, ସୌନ୍ଦର୍ଯ୍ୟକରଣ, ବଡ଼ବଡ଼ ତୋରଣ ଏମିତି କି, ବହୁତ କିଛି ନିର୍ମାଣ ହେଉଥିବା ବେଳେ ତାଳଚେରକୁ କାହିଁକି ଅଣଦେଖା କରାଯାଉଛି ତାକୁ ନେଇ ରାଜନୈତିକ ମହଲରେ କାହୁଅ ଫିଙ୍ଗା ସହ ନେତାଙ୍କର ପାରିବାପଣିଆ ଜଳଜଳ ହୋଇ ଦେଖାଯାଉଛି । ତାଳଚେର ସହର ମଧ୍ୟରେ ୭୧୪ଏକର ପରିମିତ ରାଣୀପାର୍କ ଜଙ୍ଗଲଟିକୁ ପୁନରୁଦ୍ଧାର କରାଯାଇ ସେଥି ମଧ୍ୟରେ ଡ଼ିଅରପାର୍କ ନିର୍ମାଣ କରିବାନେଇ ବିଭିନ୍ନ ସଂଗଠନ ପକ୍ଷରୁ ଚାପ ପ୍ରୟୋଗ କରାଯାଇଥିଲେ ମଧ୍ୟ ଏହି ହରିଣ ପାର୍କ ଓ ମିନି ନନ୍ଦନକାନନ ଏବେ ନାଲିଫିତା ତଳେ ବନ୍ଧା ହୋଇଥିବା ଦୁର୍ଭାଗ୍ୟର ବିଷୟ ହୋଇଛି । ପୂର୍ବରୁ ଏହି ଜଙ୍ଗଲଟିର ରୂପରେଖ ଭୂଷୁଡ଼ି ଯାଇଥିଲେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହଶହ ବୃକ୍ଷରୋପଣ କରାଯାଇ ବୃକ୍ଷ ଗୁଡ଼ିକ ଏବେ ଆଖି ଦୃଶିଆ ହୋଇଥିବା ବେଳେ ଚର୍ତୁପାଶ୍ୱରେ ଡ଼ିଏମପଣ୍ଡରୁ କୋଟି କୋଟିଟଙ୍କା ଖର୍ଚ୍ଚ କରାଯାଇ ପାଚେରୀ ଓ ଦୁଇ ପାର୍ଶ୍ୱ ଗେଟରେ ତାଲା ଝୁଲିବା ସାର ହୋଇଛି। ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଣୀପାର୍କ ମଧ୍ୟରେ ମିନି ନନ୍ଦନକାନନ କରିବାନେଇ ସ୍ୱପ୍ନ ଦେଖିଥିଲେ ଏବଂ ଏହାକୁ ସାକାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପାଲହଡ଼ା ପ୍ରାକ୍ତନ ବିଧାୟକ ବିଭୂଧେନ୍ଦୁ ପ୍ରତାପ ଦାସ ଏହି ରାଣୀପାର୍କରେ ହରିଣପାର୍କ କରିବା ସଂକ୍ରାନ୍ତରେ ବିଭିନ୍ନ ଫର୍ମରେ ବିଧାନସଭାରେ ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ଏଠିକାର ଡ଼ିଏଫଓ ବିଭିନ୍ନ ଆଳ ଦେଖାଇ ଟାଳଟୁଳି ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି । ଡ଼ିଅରପାର୍କ ସ୍ୱପ୍ନ ତାଳଚେର ସହରବାସୀଙ୍କ ମନରୁ ଏବେ ଲିଭିବାକୁ ବସିଲାଣି । ତାଳଚେରରେ ପ୍ରସ୍ତାବିତ ଡ଼ିଅରପାର୍କ ପାଇଁ ବିଭିନ୍ନ ମହଲରୁ ଦାବି ହେଉଥିବା ବେଳେ ଡ଼ବଲ ଇଞ୍ଜିନ ସରକାର ତାଳଚେର ପାଇଁ କାହିଁକି ବିମୁଖ ତାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି ।

# ମାଟି ନେଉଥିବା ୩ ଟ୍ରାକ୍ଟର ଜବତ

ଠାକୁରଗଡ, (ସବ୍ୟୁ): କିଶୋରନଗର ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ଶନିବାର ଦିନ ଖଣ୍ଡହତାର ଏକ ପୋଖରୀ ନିକଟ ସ୍ଥାନରୁ ମାଟି ନେଉଥିବା ୩ ଟି ଟ୍ରାକ୍ଟରକୁ ଜବତ କରାଯାଇଛି। କିଛି ଦିନ ହେବ ଏହି ଅଞ୍ଚଳ ମାଟି ଗୁଡିକ ବେଆଇନ ଭାବରେ ଅନ୍ୟତ୍ର ଚାଲାଣ ହେଉଥିବା କିଶୋରନଗର ତହସିଲ ନିକଟରେ ଅଭିଯୋଗ ହୋଇଥିଲା। ପରେ ମିଳିତ ଭାବରେ ଚଢଉ କରାଯାଇଥିଲା ।

# ଆନଦମୁଣ୍ଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଆନଦମୁଣ୍ଡା ଗ୍ରାମରେ ଶନିବାର ଓ ରବିବାର ଦୁଇ ଦିନ ଧରି ଅଷ୍ଟପ୍ରହର ନାମଯଂଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଗ୍ରାମବାସୀ ଙ୍କ ପକ୍ଷରୁ କଳସ ରେ ପାଣି ଆଣିବା ପରେ ଯଥା ରୀତିନୀତି ନିୟମ ଅନୁସାରେ ପ୍ରଭୁ ରାଧାକୃଷ୍ଣ ଙ୍କୁ ପୂଜା କରାଯାଇଥିଲା । ଏଥିରେ ଆଖ ପାଖ ଅଞ୍ଚଳ ର ୧୫ ଟି ନାମ ସଙ୍କୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ କରିଥିଲେ । ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା । ଏଥିରେ ଗ୍ରାମର ସଭାପତି ସଚିତା ନନ୍ଦ ପ୍ରଧାନ, ଭାସ୍କର ପ୍ରଧାନ, ରତ୍ନାକର ସାହୁ, ଠେଙ୍ଗୁ ସାହୁ, ବାବୁଲା ପ୍ରଧାନ, ଜିତୁ ପ୍ରଧାନ, ସୁବାସ ସାହୁ, ସୁଧାକର ସାହୁ ସହଯୋଗ କରିଥିଲେ।

# ରାସ୍ତା ପ୍ରଶସ୍ତିକରଣ କାମ ସମୟରେ ଗଛପଡି ଜେସିବି ହେଲପର ମୃତ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଝୁଲାଖୁଣ୍ଟିଆ ଗ୍ରାମରେ ଗଛ ପଡି ଜେସିବିର ହେଲପରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଅର୍କିଳ ଗ୍ରାମର ନୃସିଂହ ସେଠୀ(୨୨)। ତେବେ କ୍ଷତିପୂରଣ ନିମନ୍ତେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ କ୍ଷତିପୂରଣ ଦାବିରେ ଶବ ଅଟକ ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଶବ ଉଠି ନଥିବାବେଳେ ସମଲ ପୁଲିସ ଉପସ୍ଥିତ ରହି ବୁଝା ସୁଝା ଚଳାଇଛି। ସୂଚନାଯୋଗ୍ୟ ପରାବିଲ ଠାରୁ ଡେରାଗୋଳା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି । ଶୁକ୍ରବାର ଅପରାହ୍ନରେ ଝୁଲାଖୁଣ୍ଟିଆ ଗ୍ରାମ ନିକଟରେ ରାସ୍ତା ପ୍ରଶସ୍ତି କରଣ ପାଇଁ ରାସ୍ତା କଡରେ ଥିବା ଗଛକୁ ଜେସିବି ମେସିନ ସାହାଯ୍ୟରେ ହଟା ଯାଉଥିବା ବେଳେ ଗଛ ଜେସିବି ହେଲପର ଉପରେ ମାଡି ବସିଥିଲା ଓ ହେଲପର ର ମୃତ୍ୟୁ ହୋଇଥଲା।

# ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ବଇଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରିଡା ପ୍ରତିଯୋଗୀତା ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ବିଦ୍ୟାଳୟ ନିକଟରେ ଥିବା ଏକ ପଡିଆ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଭିନ୍ନ ପ୍ରକାରର କ୍ରିଡା ମାନ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ର ସମସ୍ତ ଛାତ୍ରୀ ଛାତ୍ର ମାନେ କ୍ରିଡା ରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ର ଅଧକ୍ଷ୍ୟ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପିନୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ସଭାପତି କୃପାସିନ୍ଧୁ ନାୟକ ଯୋଗ ଦେଇ କୃତି ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଜୟାନନ୍ଦ ସାହୁ , ଶରତ ଚନ୍ଦ୍ର ସାହୁ , ରଜନୀକାନ୍ତ ଦେହୁରି , ବସନ୍ତ ଗଡନଛୟକ, ପ୍ରମୁଖ ଯୋଗ ଦେଇଥିଲେ ।

# ଜ୍ୟୋର୍ତିବିଦ୍‌ଙ୍କ ପରଲୋକ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ବନବାସପୂର ଗ୍ରାମର ବିଶିଷ୍ଟ ଜ୍ୟୋର୍ତିବିଦ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ଜ୍ୟୋତିଷ୍କଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ (୮୧)ବର୍ଷ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ଶୁଣି ତାଳଚେର ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି । ଶ୍ରୀ ଜ୍ୟୋତିଷ୍କ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକରୀ, ଭାଗବତପ୍ରେମୀ ଭାବେ ଅଂଚଳରେ ବେଶ ଜଣାଶୁଣା ଥିଲେ । ସେ ଦୀର୍ଘବର୍ଷ ହେବ ଶିକ୍ଷକତା କରି ପିଲାଙ୍କୁ ଉତମ ଶିକ୍ଷାଦାନ କରିବା ସହ ସଠିକ ମାର୍ଗଦର୍ଶିକ ମଧ୍ୟ ଥିଲେ । ତାଙ୍କ ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଝିଅ ସୀତା ଜ୍ୟୋତିଷ ଓ କନିଷ୍ଠପୁତ୍ର ସରୋଜ ଜ୍ୟୋତିଷ ଉପସ୍ଥିତ ଥିଲେ ।

# ଝାରସୁଗୁଡାକୁ ୧୦ ଗୋଲରେ ହରାଇ କୁଚିଣ୍ଡା ଚମ୍ପିଅନ



ଆଠମଲ୍ଲିକ, (ସବ୍ୟୁ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆ ରେ ଆଠମଲ୍ଲିକ କ୍ରୀଡା ସଂସଦ ତରଫରୁ ଆୟୋଜିତ ହୋଇଥିବା ଆଠମଲ୍ଲିକ କପ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କୁଚିଣ୍ଡା ଏବଂ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ଟି ଅତି ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଥିଲା । ଏହି ମ୍ୟାଚ ରେ ଅନ୍ତିମ ପର୍ଯ୍ୟାୟ ରେ କୁଚିଣ୍ଡା ର ଏକ ଗୋଲ ଦେଇ ଦଳ କୁ ୧/୦ ରେ ଅଗ୍ରଣୀ ରଖିଥିଲେ ଓ ଝାରସୁଗୁଡା ବହୁ ଚେଷ୍ଟା ସତ୍ୱେ ଗୋଲ ପରିଶୋଧ କରି ପାରି ନଥିଲା । ଯା ଫଳରେ କୁଚିଣ୍ଡା ଚମ୍ପିୟାନ ହୋଇଥିବା ବେଳେ ଝାରସୁଗୁଡା ରନର୍ସଅପ ହୋଇଥିଲା । ମୁଖ୍ୟ ରେଫରୀ ଭାବେ ଶିବ ଶଙ୍କର ପଣ୍ଡା, ଲାଇନ୍ସ ମ୍ୟାନ ଭାବେ ଗରୀବ ବେହେରା, ସୁଜିତ ରାଜ ହଂସ ଖେଳ କୁ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରୀ ଭାବେ ପପୁନ ବେହେରା ଉପସ୍ଥିତ ଥିଲେ । ଉଦଯାପନୀ ଦିବସ ଅବସରରେ ଅତିଥି ଭାବରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରାରୀ ପ୍ରସାଦ ମିଶ୍ର, ଯୁବ ନେତା ପିନା ପାଣିଗ୍ରାହୀ, ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର, ଆଠମଲ୍ଲିକ କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼ ଉପସ୍ଥିତ ରହି ଉଭୟ ଦଳର ଖେଳାଳି ମାନଙ୍କ ସହ କରମର୍ଦନ କରିବା ସହିତ ଉତ୍ସାହିତ କରିଥିଲେ । ଅତି ଉଚ୍ଚ କୋଟିର ଧାରା ବିବରଣୀ ପ୍ରଦାନ କରିଥିଲେ ଶିକ୍ଷକ ପ୍ରଦୀପ କୁମାର ବାହୁକ । ଆଠମଲ୍ଲିକ କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରା ଯାଇଥିଲା । ଏହି ମ୍ୟାଚ ଦେଖିବା ପାଇଁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା ।

## ପ୍ରତ୍ୟୁଷ ମେମୋରିଆଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଅମ୍ଳାନ ଗଡ଼ନାୟକ ଓ ସୁମିତ ପ୍ରଧାନ ଯୋଡ଼ି ଚାମ୍ପିଅନ

ପାଲଲହଡା, (ସବ୍ୟୁ): ଗତ ଛଅ ତାରିଖଠାରୁ ଆଠ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପାଲଲହଡା ଷ୍ଟାଡିଅମ ପରିସରରେ ଥିବା ଇଣ୍ଡୋର ଷ୍ଟାଡିଅମ ପରିସରରେ ରାଜ୍ୟସ୍ତରୀୟ ପ୍ରତ୍ୟୁଷ ମେମୋରିଆଲ ବ୍ୟାଡ଼ମୀଣ୍ଟନ ଟୁର୍ନାମେଣ୍ଟ ୨୦୨୬ଅନୁଷ୍ଠିତ ହୋଇଯାଇଛି । ପାଲଲହଡା ଉପଖଣ୍ଡ ସ୍ତରୀୟ ବ୍ୟାଡ଼ମୀଣ୍ଟନ ଆସୋସିଏସନ ଓ ଅନୁଗୁଳ ଜିଲ୍ଲା ବ୍ୟାଡ଼ମୀଣ୍ଟନ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବଛା ବଛା ଷୋହଳ ଗୋଟି ଦଳ ଭାଗ ନେଇଥିଲେ। ଆଜିର ଚମ୍ପିୟାନ ମ୍ୟାଚ ଅମ୍ଳାନ ଗଡ଼ନାୟକ ଓ ସୁମିତ ପ୍ରଧାନଙ୍କ ଯୋଡ଼ି ସହିତ ପୁରୁଷୋତ୍ତମ ସେଠି ଓ ଜଗତମୋହନ ପ୍ରଧାନ ଯୋଡ଼ି ମଧ୍ୟରେ ବହୁତ ଚିତାକର୍ଷକ ଓ ସଂଘର୍ଷପୂର୍ଣ ଥିଲା । ଅମ୍ଲାନ -ସୁମିତ ଯୋଡ଼ି ପୁରୁଷୋତ୍ତମ-ଜଗତମୋହନ ଯୋଡ଼ିକୁ ପରାସ୍ତ କରି ପ୍ରତ୍ୟୁଷ କପ ଟ୍ରଫି ସମେତ ନଗଦ ଦଶ ହଜାର ଟଙ୍କା ଅର୍ଥ ରାଶି ଆଜିର ମୁଖ୍ୟ ଅତିଥି ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଓ ସମ୍ମାନିତ ଅତିଥି ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର ଙ୍କ ଠାରୁ ଗ୍ରହଣ କରିଥିଲେ ଉପଖଣ୍ଡ ବ୍ୟାଡ଼ମୀଣ୍ଟନ ଆସୋସିଏସନର ସଭାପତି ସଂଗ୍ରାମ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଫାଇନାଲ ମ୍ୟାଚରେ ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ପ୍ରତ୍ୟୁଷର ପିତା ଯୋଗିନାଥ ସାହୁ, ଅନୁଗୁଳ ଜିଲ୍ଲା ବ୍ୟାଡ଼ମୀଣ୍ଟନ ଆସୋସିଏସନର ସଭାପତି ଶିବପ୍ରସାଦ ଦାସ, ସମ୍ପାଦକ ସୁଧୀର ମିଶ୍ର, କୋଷାଧକ୍ଷ ସ୍ୱାଧୀନ ମିଶ୍ର ଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ । ରନର୍ସ ଅପ ଦଳ ଭାବେ ପୁରୁଷୋତ୍ତମ ସେଠି ଓ ଜଗତଜିବନ ପ୍ରଧାନ ଯୋଡ଼ି ରନର୍ସ ଅପ ଟ୍ରଫି ସମେତ ନଗଦ ୮ ହଜାର ଟଙ୍କା ଅର୍ଥ ରାଶି ଅତିଥି ମାନଙ୍କ ଠାରୁ ଗ୍ରହଣ କରିଥିଲେ । ଏହା ବ୍ୟତୀତ ଆୟୋଜକ କମିଟି ତରଫରୁ ମୁଖ୍ୟ ଓ ଅନ୍ୟାନ୍ୟ ଅତିଥି ମାନେ ସେମିଫାଇନାଲିଷ୍ଟଙ୍କୁ ଚାରୀ ହଜାର ଏବଂ କୁଆର୍ଟର ଫାଇନାଲିଷ୍ଟଙ୍କୁ ୨ ହଜାର ଲେଖାଏଁ ଅର୍ଥ ରାଶି ପୁରସ୍କୃତ କରିଥିଲେ। ସଙ୍ଘର ସମ୍ପାଦକ ପୃଥ୍ୱୀ ରାଜ ଖୁଣ୍ଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସଙ୍ଘର ସହ ସମ୍ପାଦକ ସଂଜୀବ କୁମାର ସାହୁ ଓ ଅନ୍ୟାନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଘୋଷରରେ ୧୯ତମ ବାର୍ଷିକ ଉତ୍ସବ




ବଇଣ୍ଡା, (ସବ୍ୟୁ): କିଶୋରନଗର ବ୍ଲକ ଅନ୍ତର୍ଗତ ଘୋଷର ସ୍ଥିତ ଥିବା ରାମକୃଷ୍ଣ ଶିକ୍ଷାନୁଷ୍ଠାନ ରେ ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଥମେ ଅତିଥିମାନଙ୍କୁ ପୁଷ୍ପ ତିଳକ ଦେଇ ପାଛୋଟି ନେଇଥିଲେ । ଅତିଥିମାନେ ପ୍ରଭୁ ଜଗନ୍ନାଥ ଓ ରାମକୃଷ୍ଣଙ୍କ ଫୋଟୋ ଚିତ୍ରରେ ଧୂପ ଦୀପ, ପୁଷ୍ପ ମାଲ୍ୟ ଅର୍ପଣ କରି ପୂଜା କରିଥିଲେ। ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଶିକ୍ଷାନୁଷ୍ଠାନ କେମିତି ଗଢିଥିଲା। ଆଗକୁ କେମିତି ଆହୁରି ଅଧିକ ଭଲ ଶିକ୍ଷା ହୋଇପାରିବ ଏସମ୍ପର୍କରେ ଆଲୋଚନା କରିଥିଲେ। ଏବର୍ଷ ଏଇ ଅନୁଷ୍ଠାନ ରେ ଛାତ୍ରାବାସ ହେବ ବୋଲି ରାମକୃଷ୍ଣ ଶିକ୍ଷାନୁଷ୍ଠାନ ସଭାପତି ରଜନୀକାନ୍ତ ସାହୁ ଘୋଷଣା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତି ଯୋଗୀତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ ନାଚ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠି, ମୁଖ୍ୟ ବକ୍ତାଭାବେ କିଶୋରନଗର ଡିଗ୍ରୀକଲେଜ ଅଧକ୍ଷ ଅକ୍ଷୟ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କିଶୋରନଗର ଡିଗ୍ରୀ କଲେଜ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ରାମକୃଷ୍ଣ ଶିକ୍ଷାନୁଷ୍ଠାନ ତେନ୍ତୁଳିପଥର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଏସଏମସି କମିଟି ସଭାପତି ରୁଦ୍ର ନାରାୟଣ ସାହୁ, ବରିଷ୍ଠ ଶିକ୍ଷାବିତ ଯୋଗୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ରାମକୃଷ୍ଣ ଶିକ୍ଷାନୁଷ୍ଠାନ ପ୍ରାଣ ପ୍ରତିଷ୍ଠାତା ରଜନୀ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଅଧକ୍ଷା ପଦ୍ମିନୀ ସାହୁ ବିବରିଣୀ ପାଠ କରଥିଲେ । ମଞ୍ଚ ସଂଚାଳନ କରିଥିଲେ ଶିକ୍ଷକ ତ୍ରିଲୋଚନ ବାରିକ। ଏହି ଉତ୍ସବରେ ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ଏହାକୁ ସହଯୋଗ କରିଥିଲେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ।

# ବଇଣ୍ଡା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ଠାକୁରଗଡ, (ସବ୍ୟୁ): ପ୍ରାଥମିକ ସ୍ତରରୁ ଶିକ୍ଷାକୁ ମଜବୁତ କରିବା ଆବଶ୍ୟକ। ଶିଶୁ ମନ୍ଦିରରେ ପାଠ ପଢି ଅନେକ ବଡ ବଡ ପଦପିରେ ଅଛନ୍ତି ।ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ଶିଶୁ ମନ୍ଦିରରେ ପୂର୍ବରୁ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ପିଲା ମାନଙ୍କୁ ମନ ଦେଇ ପାଠ ପଢିବା ଦରକାର । ପିଲା ସବୁ ବେଳେ ସ୍ୱପ୍ନ ଦେଖ। ଏଥି ପାଇଁ କଠିନ ପରିଶ୍ରମ କରିବାକୁ ପଡିବ । ଯାହାକି ଆଗାମୀ ଦିନରେ ସଫଳତା ପାଇ ପାରିବ ବୋଲି ଶନିବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ସଭାପତି ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ ପ୍ରଶ୍ନ କୁମାର ସାହୁ, ଅନ୍ୟତମ ଅତିଥି ଭାବରେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧକ୍ଷ୍ୟ ପ୍ରଶାନ୍ତ କୁମାର ଖମାରି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ନିତ୍ୟାନଦ ବାରିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରଙ୍କୁ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ। ଏଥିସହ ଛାତ୍ରୀ ଛାତ୍ର ମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ, ବିନୀତା ପ୍ରଧାନ , ବୁଲୁ ପ୍ରଶାଦ ସାହୁ , ବାପୁଜୀ ଦେହୁରି , ନିରୁପମା ବାରିକ , ଗୌରୀ ଶତପଥୀ, ରମାକାନ୍ତ ସାହୁ , ଇତିଶ୍ରୀ ସାହୁ , ସୋମାଲିନ ସାହୁ , ପ୍ରମୁଖ ସହଯୋଗ କରିଥିଲେ ।

# ଢେଙ୍କାନାଳ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ସ୍ଥଗିତ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ଗର୍ବ ଗୌରବ ଢେଙ୍କାନାଳ ସ୍ୱଂୟଶାସିତ ମହାବିଦ୍ୟାଳୟ ସ୍ୱଂୟ ଶାସିତ ମାନ୍ୟତା ସ୍ଥଗିତ ନେଇ ଆଲୁମିନି ଆସୋସିଏସନ ତରଫରୁ କ୍ଷୋଭ ପ୍ରକାଶ ପାଇଛି। ଜଢେଙ୍କାନାଳ ସ୍ୱଂୟଶାସିତ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ଼ା. ଅଭୟ କୁମାର ପଣ୍ଡାଙ୍କର ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାର୍ଷିକ ଆଲୁମିନ ମିଟରେ ମୋଟ ୭୦ହଜାର ୮୦୦ଟଙ୍କା ଆୟ ହୋଇଥିଲାବେଳେ ୪୭ହଜାର ୫୨୮ଟଙ୍କା ଖର୍ଚ୍ଚ ହୋଇ ବଳକା୨୩ହଜାର ୨୭୨ଟଙ୍କା ବ୍ୟାଙ୍କ ଖାତାରେ ଜମା କରାଯାଇଛି ବୋଲି ସଂପାଦକ ବିଶ୍ୱନାଥବେହେରା ସଭାରେ ଜଣାଇଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୬୯ ଜଣ ସଭ୍ୟ ସଂଗୃହିତ ହୋଇଛନ୍ତି ଏହାକୁ ବ୍ୟାପକ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଇତି ମଧ୍ୟରେ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ସ୍ଥଗିତ ରଖାଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଭ୍ୟମାନେ ମତବ୍ୟକ୍ତ କରିବା ସହିତ ମହାବିଦ୍ୟାଳୟର ବିଭିନ୍ନ ବହୁମୁଖୀ ପ୍ରଶାସନିକ ଗୃହ ନିର୍ମାଣ, ଶ୍ରେଣୀଗୃହନିର୍ମାଣ, ସ୍ୱତନ୍ତ୍ର ପିଜି ବ୍ଲକ ନିର୍ମାଣ ,ଖାଲି ପଡ଼ିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ଗୁଡ଼ିକପୁରଣ ସହିତ ଏହି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବୀ ନେଇ ଖୁବ୍‌ଶିଘ୍ର ସଂଘ ତରଫରୁ ଏକ କମିଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ ସହିତ ଆଲୋଚନା କରାଯିବ ବୋଲି ସଭାପତି ଡା.ପଣ୍ଡା ମତବ୍ୟକ୍ତ କରିଥିଲା। ଏଥି ନିମନ୍ତେ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଏକ ଉପ କମିଟି ଗଠନ କରାଗଲା। ।ସେଥିର ଉପସଭାପତି ବେଣୁଧର ସାହୁ, କୋଷାଧକ୍ଷ ସୁନୀଲ ଦାସ ଯୁଗ୍ମ ସଂପାଦକ ଶରତ ସାହୁ ଓ ସମ୍ବିଦ ସାହୁଙ୍କୁ ଉକ୍ତ କମିଟି ସଦସ୍ୟ ଭାବରେ ମନୋନୀତ କରାଗଲା। ଉକ୍ତ କମିଟି ରିପୋର୍ଟ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ପରିଶେଷରେ ଉପସଭାପତି ସୁକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିବାପରେ ସଭା ସାଙ୍ଗ ହୋଇଥିଲା।

# ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ଅଭୟାରଣ୍ୟ ଓ ସ୍ୱତନ୍ତ୍ର ବଜେଟ୍ ଘୋଷଣା ଦାବି

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ମୁନ କମ୍ୟୁନିକେସନ ଦ୍ୱାରା ମହିପାଲୀ ମୁହାଣ ଠାରେ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନଦୀ ମୁହାଣ ମାନଙ୍କରେ ମତ୍ସ୍ୟଜୀବୀଙ୍କ ଜାଲରେ ଅଣ୍ଡା ଦେବାକୁ ଆସୁଥିବା ବହୁ ସଂଖ୍ୟାରେ ନୀଳରକ୍ତ କଙ୍କଡ଼ା ଛନ୍ଦି ମୃତ୍ୟୁ ବରଣ କରୁଥିବାର ଦେଖିବାକୁ ମିଳେ। ସେମାନେ ତାଙ୍କର ଛିଣ୍ଡା ଜାଲ କୁଆଡ଼େ ପାଣି ଯାଆଏ କରୁଥିବା ଯାଗାରେ ଫିଙ୍ଗି ଦେଇ ଥିବାରୁ ସେଥିରେ ଛନ୍ଦି ବହୁ ନିରୀହ ଓ ବିରଳ ନୀଳରକ୍ତ କଙ୍କଡ଼ା ଛନ୍ଦି ହୋଇ ମରି ଯାଉଛନ୍ତି ଏଥିପାଇଁ ମୁନ କମ୍ୟୁନିକେସନ ର ସମ୍ପାଦକ ଅବନୀ କୁମାର ଜେନାଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ଅଞ୍ଚଳବାସୀ ତଥା ଅନୁଷ୍ଠାନର ସଦସ୍ୟ ସଦସ୍ୟା ମୁରଲୀଧର ମହାନ୍ତି, ଜଲଧର ବେହେରା, ପୂର୍ଣ୍ଣଚନ୍ଦ୍ର ରାଉତ, ପଙ୍କଜିନୀ ଦାସ, କିତେନ୍ଦ୍ର ଦାସ, ଦେବାଶିଷ ପତି ଯୋଗ ଦେଇ ମୁହାଣ ପୂର୍ଣ୍ଣକୁ ସଫେଇ କରିବା ସହ ଶପଥ ଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିଶ୍ରୀ କେଶୁଦାସ ଯୋଗ ଦେଇ ସମସ୍ତଙ୍କୁ ନୀଳରକ୍ତ କଙ୍କଡ଼ା ବିଷୟରେ ସବିଶେଷ ଅବଗତ କରାଇବା ସହ ଶପଥ ଗ୍ରହଣ କରାଇଥିଲେ। ପ୍ରକାଶ ଥାଉକି ବାଲେଶ୍ୱର ଗସ୍ତରେ ଆସି ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ବକ୍ତବ୍ୟରେ ନୀଳରକ୍ତ କଙ୍କଡ଼ା ଉଲ୍ଲେଖ କରିଥିଲେ। ଏଥିପାଇଁ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଉତ୍ସାହିତ ହୋଇ ସହ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ବାଲେଶ୍ୱର ଓ ଭଦ୍ରକର ଦୁଇଟି ନଦୀ ମୁହାଣକୁ ଯଥାଶୀଘ୍ର ଅଭୟାରଣ୍ୟ ଘୋଷଣା ସହ ଅଲିଭ ରିଡ଼ଲେ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ ପରି ନୀଳରକ୍ତ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ କରାଯାଉ ବୋଲି ଦାବି ହେଉଛି।

# କାଳିମେଘା ମେଳନରେ ଡିଜେ ବ୍ୟବହାର ନିଷିଦ୍ଧ କରିବାକୁ ଗ୍ରାମ୍ୟ କମିଟିର ଅନୁରୋଧ

ତିହିଡି, (ସବ୍ୟୁ): ତିହିଡିର ଐତିହାସିକ କାଳିମେଘା ମେଳନ ପାଳନ ଲାଗି ୨ୟ ପ୍ରାକ୍ ପ୍ରସ୍ତୁତି ବୈଠକ ରବିବାର ଦିନ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତେବେ ଶିଶୁ, ବୃଦ୍ଧ/ବୃଦ୍ଧା ଓ ରୋଗଗ୍ରସ୍ତ ବ୍ୟକ୍ତି ସର୍ବୋପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା, ଡିଜେ ଦୁର୍ଘଟଣା ଯୋଗୁଁ ହେଉଥିବା ଧନଜୀବନ ହାନୀରୁ ବର୍ତ୍ତିବା ତଥା ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ଲାଗି ବିମାନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ କାଳିମେଘା ଓ ମୁକୁନ୍ଦପୁର ଗ୍ରାମ୍ୟ କମିଟି ପକ୍ଷରୁ କରାଯାଇଥିବା ଅନୁରୋଧକ୍ରମେ କମିଟି, ଜିଲ୍ଲା ଓ ସ୍ଥାନୀୟ ପୋଲିସ ପ୍ରଶାସନ ନିକଟରେ ଆଗର ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ମେଳନ କମିଟିର ସ୍ଥାୟୀ ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିବା ଉମାକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିହିଡି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଯୋଗ ଦେଇ ଉଭୟ ଗ୍ରାମ୍ୟ କମିଟିର ପ୍ରସ୍ତାବ ଗ୍ରହଣୀୟ ଓ ସ୍ୱାଗତଯୋଗ୍ୟ ବୋଲି କହିବା ସହ ପୋଲିସ ପ୍ରଶାସନ ପକ୍ଷରୁ ମେଳନରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ନେଇ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ପ୍ରଶାସନର ଏହି ନିଷ୍ପତ୍ତିକୁ ମେଳନ କମିଟି ପକ୍ଷରୁ ଗ୍ରହଣ କରାଯିବା ସହିତ ମେଳନର ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟକୁ ଦୃଷ୍ଟିରେ ରଖି ଠାକୁରବାଡିଆ ମାନେ ମେଳନକୁ ଡିଜେ ବାଜା ନ ଆଣି ବରଂ ପାରମ୍ପରିକ ବାଦ୍ୟ ଆଣିବାକୁ ପରାମର୍ଶ



ଦିଆଯାଇଥିଲା। ସେହିପରି ଐତିହାସିକ କାଳିମେଘା ମେଳନ ଚଳିତବର୍ଷ ଯେପରି ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହେବ ଏବଂ ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଠାକୁରବାଡିଆମାନେ ସଚେତନ ରହିବାକୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଆସନ୍ତାକାଲି ତିହିଡି ଥାନା ଇଲାକାର ସମସ୍ତ ଠାକୁରବାଡିଆଙ୍କ ସହିତ ଡିଜେ ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଥାନାଧିକାରୀ ଶ୍ରୀ ଗ୍ରହାଚାର୍ଯ୍ୟ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଗଣେଶ ପ୍ରସାଦ ନାୟକ, ଅପୂର୍ବ ରଞ୍ଜନ ଦାସ, ପ୍ରଜ୍ଞା ପ୍ରକ୍ଷିତ ମହାପାତ୍ର, ରତିକାନ୍ତ ଦାସ, ଅକ୍ଷୟ କୁମାର ରାଉତ, ନିର୍ମଳ ଚନ୍ଦ୍ର ନାୟକ, କାର୍ତ୍ତିକ ନାରାୟଣ ରାଉତ, ରବି ନାରାୟଣ ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ବେଣୁଧର ନାୟକ, ଶ୍ରୀକାନ୍ତ ପଣ୍ଡା, ଧର୍ମପଦ ଗ୍ରହାଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ରାଉତ, ହରିଶ୍ଚନ୍ଦ୍ର ମିଶ୍ର, ପ୍ରଦୀପ ମହାପାତ୍ର, ନୃସିଂହ ସେନାପତି, ଅଭୟ ନାୟକ ଓ ରତ୍ନାକର ପଣ୍ଡା ପ୍ରମୁଖଙ୍କ ସମେତ ଠାକୁର ବାଡିଆ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗଛକୁ ପିଟିଲା ବାଇକ୍, ଜଣେ ମୃତ

ସୋର,(ସବ୍ୟୁ) :ସୋର ପୌର ପାଳିକା ଅନ୍ତର୍ଗତ ନଟପଡା ଲେଙ୍କା ଘର ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଗଛକୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ସୋର ବାଲିପୁର ଗ୍ରାମର ରଞ୍ଜନ ସିଂ ଏବଂ ରବି ସିଂ ଶନିବାର ବିଳମ୍ବିତ ରାତିରେ ସୋର ରୁ ବାଇକରେ ଘରକୁ ଫେରୁଥିବା ବେଳେ ଲେଙ୍କା ଘର ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବି ସିଂ (୧୭) ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ରଞ୍ଜନ ଅବସ୍ଥା ଅତିଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ସୋର ପୁଲିସ ବାଲେଶ୍ୱର ମେଡ଼ିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ରବିର ଶବକୁ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅବକାରୀ ଚଢ଼ାଉ, ଦୁଇ ଗିରଫ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ଶିଙ୍ଗାଖୁଣ୍ଟା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ଚଢ଼ାଉ କରି ବାଗୁନୂ ନାଇକ ନିକଟରୁ ୮୦ ଲିଟର ଦେଶୀମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ସେହିପରି ଏହି ଟିମ ସରଳିଆ ଗ୍ରାମ ରାସ୍ତାରେ ଚଢ଼ାଉ କରି ଓଡି ୩୩ କେ ୬୫୮୪ ନମ୍ବର ବିଶିଷ୍ଟ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାପରେ ସେଥିରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ମଦ ସହ ସ୍କୁଟିକୁ ଜବତ କରିବା ସହିତ ସରଳିଆ ଗ୍ରାମର ନିରଞ୍ଜନ ବେହେରାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ସାମିଲ ହୋଇଥିଲେ।

# ବାଲି ବୋଝେଇ ଟ୍ରାକ୍ଟରରୁ ଖସି ଯୁବକ ମୃତ

ନୀଳଗିରି, (ସବ୍ୟୁ): ନୀଳଗିରି ସ୍ଥିତ ସୋନ ନଦୀରୁ ପୁରୁଣା ଗାଆଁ ଠାରେ ଦିବା ରାତ୍ର ଚୋରାରେ ଟ୍ରିପ ଟ୍ରିପ୍ ଟ୍ରାକ୍ଟର ବାଲି ଚୋରି କରୁଥିବା ବେଳେ ଖଣି ବିଭାଗ ନୀରବ ଦ୍ରଷ୍ଟା ସାଜିଛନ୍ତି। ଶେଷରେ ଏହି ଚୋରା ବାଲି ଖାଦାନରେ ଟ୍ରାକ୍ଟର ଚକା ତଳେ ଜଣେ ଯୁବକର ମୃତ୍ୟୁ ହୋଇଅଛି। ସ୍ଥାନୀୟ ପ୍ରଶାସନ ର ଅପାରଗତା ଯୋଗୁଁ ଏହି ଅଘଟଣା ଘଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ନରସିଂହପୁର ପଞ୍ଚାୟତର ପୁରୁଣା ଗାଆଁର ସ୍ୱର୍ଗତ ସାହିବ ନାୟକ ର ପୁଅ ସଞ୍ଜୟ (୪୦) ରବିବାର ସକାଳ ପ୍ରାୟ ୮ଟା ସମୟରେ ଏକ ଟ୍ରାକ୍ଟର (ଓ ଡି ଜିରୋ ୱାନ ଏ ପି –୭୬୯୮) ରେ ସୋନ ନଦୀରୁ ବାଲି ଲୋଡ କରି ବାଲି ଘାଟ ଉପରକୁ ଉଠିଥିବା ବେଳେ ଡ୍ରାଇଭର ର ବେପରୁଆ ଚାଳନା ଓ ଅଧିକ ଟ୍ରିପ୍ କରିବାର ନିଶା ଯୋଗୁଁ ସଞ୍ଜୟ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ରୁ ତଳକୁ ଖସି ପଡ଼ିଥିଲେ। ଏଥିରେ ସଞ୍ଜୟ ଟ୍ରାକ୍ଟର ଡଲାରେ ମୁଣ୍ଡ ବାଜି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ନୀଳଗିରି ମେଡିକାଲକୁ ୧୦୮ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟର କୁ ଜବତ କରିଛନ୍ତି। ଏନେଇ ମୃତକର କକା ହରି ମୋହନ ନାୟକ ନିଳଗିରି ଥାନାରେ ଅଭିଯୋଗ କରିଥିଲା ବେଳେ ଥାନାରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ପୋଲିସ କେଶ୍ ନମ୍ବର ୬୧/୨୬ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି।

# ଟ୍ରାନ୍ସଫର୍ମରରୁ ତାର ଚୋରି ଉଦ୍ୟମ

ଆଗରପଡ଼ା,(ସବ୍ୟୁ) :ବଡ଼ମହିଁଷଗୋଠ ପଞ୍ଚାୟତ ଅଫିସ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ ତାର ଚୋରିଉଦ୍ୟମ କରି ଏହାକୁ କାଟି ଦେଇଥିବାରୁ ସମଗ୍ର ଗାଁ ଅନ୍ଧାର ହୋଇପଡ଼ିଛି। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଟ୍ରାନ୍ସଫର୍ମର ଭିତରେ ଥିବା ତମ୍ବା ତାରକୁ ଚୋରୀ କରିବାକୁ ଉଦ୍ୟମ କରିଥିଲା। ଟ୍ରାନ୍ସଫର୍ମର ଭିତରେ ତମ୍ବା ତାର ପରିବର୍ତ୍ତେ ସିଲଭର ତାର ଥିବାରୁ ଏହାକୁ ନ ନେଇ ଫିଙ୍ଗି ଦେଇ ଯାଇଥିଲେ। ଏହି ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ହୋଇଥିବା ଉପଭୋକ୍ତାମାନେ ଅନ୍ଧାରରେ ରହିଛନ୍ତି। ଏହି ସଂପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିଭିନ୍ନ ସ୍ଥାନରୁ ଚୋରି

ସୋର, (ସବ୍ୟୁ) :ସୋର ଥାନା ଅଧୀନର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଜଣାପଡିଛି। ସୋର ଥାନା କୁଆମରା ଗ୍ରାମର କେଦାର ପ୍ରସାଦ ରାଉତ ଗତ ୬ ତାରିଖରେ ତାଙ୍କ ଝିଅ ଘର ଭଦ୍ରକକୁ ଯାଇଥିଲେ। ମାତ୍ର ରବିବାର ସକାଳେ ଘରେ ପହଞ୍ଚି ପରେ ଘର ଚାବି ଭଙ୍ଗା ଯାଇ ଗଡରେଜରେ ଥିବା ନଗଦ ୬୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଅଞ୍ଜି ଗ୍ରାମରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ମାନେ ଚୋରି କରିଥିବା ନେଇ ସୋର ଥାନା ଅଧିନ ସାଉଡୁ ଫାଣ୍ଡିରେ ଅଭିଯୋଗ ହୋଇଥିବା ଜଣାପଡିଛି।

# ବାଲେଶ୍ୱର ପାଟରା ସମାଜର ବାର୍ଷିକ ଅଧିବେଶନ –୨୦୨୬

ବାଲେଶ୍ୱର ,(ସବ୍ୟୁ) :ନିଖିଳ ଉତ୍କଳ ପାଟବୈଶ୍ୟ ମହାସଭା, ଚଉଦଚକଲା,କୁଣ୍ଡେଇବେଣ୍ଟସାହି ପୁରୀର ଶାଖା ବାଲେଶ୍ୱର ପାଟରା ସମାଜର ବାର୍ଷିକ ଅଧିବେଶନ୨୦୨୬ ମୋତିଗଞ୍ଜ ବଜାର ତନ୍ତୀସାହି ଲେନ୍‌ରେ ଥିବା ଶ୍ରୀ ଶ୍ରୀ ମଦନମୋହନ ଜୀଉ ଗୋବିନ୍ଦ ରାୟ ଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଶାଖାର ସଦସ୍ୟ ରଣଜିତ ପୃଷ୍ଟିଙ୍କ ମଂଚ ଆବାହନରେ ଅନୁଷ୍ଠିତ ସଭାରେ ସଭାପତି ଗୋପିନାଥ ପାତ୍ର, ସମ୍ପାଦକ ନରହରି ପାତ୍ର, ଉପସଭାପତି ଧରଣୀଧର ମହାନ୍ତି, କୋଷାଧ୍ୟକ୍ଷ ବିଷ୍ଣୁଚରଣ ମହାନ୍ତି, ସହକୋଷାଧ୍ୟକ୍ଷ ଗୌତମ ମହାନ୍ତି , ପରିଚାଳନା କମିଟି ସଦସ୍ୟ ରବିନ୍ଦ୍ର ପୃଷ୍ଟି, କରୁଣାକର ସାହୁ, ପର୍ଶୁରାମ ଦାସ, ଅବିନାଶ ମହାନ୍ତି, ଅମର କୁମାର ପାତ୍ର, ଗଗନ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ କହିଥିଲେ ଯେ ଆଜିର ଏହି ଅଧିବେଶନ ଚୌଦଚକଲା ଅଧିବେଶନ ଭଳି ହୋଇଛି। ବାଲେଶ୍ୱରରେ ଥିବା ପାଟବଂଶଧରର ଗୋସେଇଁ ମାନେ ମିଳିତଭାବେ ଏହି କାର୍ଯ୍ୟକ୍ରମକୁ ଜାରି ରଖିଲେ ଆଗାମୀ ଦିନରେ ବାଲେଶ୍ୱର ସ୍ଥିତ ପାଟରା ମନ୍ଦିରର ବହୁବିଧ ଉନ୍ନତି ହେବା ସହିତ ଚୌଦଚକଲାରେ ମଧ୍ୟ ନିଜର ସୁନାମ ବଜାୟ ରଖିପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଶତାଧିକ ପାଟବଂଶଧରର ବ୍ୟକ୍ତିମାନେ ଯୋଗଦେଇଥିଲେ ।

# ତିହିଡ଼ି ମହୋତ୍ସବ ଉଦ୍‌ଘାଟିତ

ତିହିଡ଼ି ,(ସବ୍ୟୁ) :ଐତିହ୍ୟ, ସଂସ୍କୃତି ଓ ସାମାଜିକ ସେବାର ଅପୂର୍ବ ସମନ୍ୱୟ ମଧ୍ୟରେ ଉଦ୍ଘାଟିତ ହୋଇଯାଇଛି ପ୍ରସିଦ୍ଧ 'ତିହିଡ଼ି ମହୋତ୍ସବ'। ଚଳିତ ବର୍ଷ ଏହି ମହୋତ୍ସବ ୧୦ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମହୋତ୍ସବର ପ୍ରଥମ ଦିବସରେ ତିହିଡ଼ି ବ୍ଲକର ବିଭିନ୍ନ ସାମାଜିକ ସଂଗଠନମାନଙ୍କ ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତିହିଡ଼ି ଅଞ୍ଚଳର ପାଞ୍ଚଟି ପ୍ରମୁଖ ଧର୍ମପୀଠ ଯଥା: ମା ଦପା ନାୟକାଣୀ, ପାଟଣ ମଙ୍ଗଳା, ଐତିହାସିକ ବିରଞ୍ଚିନାରାୟଣ ପୀଠ, ବାବା ବୁଢ଼ା ମହାଦେବ ଏବଂ ମୁକ୍ତେଶର ମନ୍ଦିରରୁ ପବିତ୍ର ଜ୍ୟୋତି ଅଣାଯାଇଥିଲା। ଏହି ଜ୍ୟୋତିକୁ ଶୋଭାଯାତ୍ରା ମାଧ୍ୟମରେ ଆଣି କାଳିପଡ଼ିଆ ସ୍ଥିତ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଛି।୧୦ମ ବର୍ଷ ପୂର୍ତ୍ତୀ ଅବସରରେ ମହୋତ୍ସବ କମିଟି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି।ଉଦ୍ଘାଟନୀ ସମାରୋହରେ ଅତିଥି ଭାବେ ତିହିଡ଼ି ତହସିଲଦାର ଜୟଦରଥ ଆଚାର୍ଯ୍ୟ, ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି ବି ଡି ଓ ନିରଞ୍ଜନ ବାରିକ, ତିହିଡ଼ି ସି ଆର ଏସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ନାଥ ମିଶ୍ର, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ତିହିଡ଼ି ବ୍ଲକ ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ବିଜେପି ଜିଲ୍ଲା ଉପସଭାପତି ରଘୁନାଥ ପାତ୍ର ଏବଂ ଫତେପୁର ସରପଞ୍ଚ ପ୍ରଦୀପ ବଳ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀ ଓ ସମ୍ପାଦକ ଚନ୍ଦ୍ରକାନ୍ତ ନାୟକ, ଡ଼ଃ ଲକ୍ଷ୍ମୀଧର ତ୍ରିପାଠୀ, ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଗିରିଜାରମଣ ଜେନା, ପ୍ରଭାତ ଜେନା, ସୁଶାନ୍ତ ଯତି, ସଞ୍ଜୟ ଦାସ, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ସୁଭମ ସାର୍ଥକ ଜେନା କୈଳାସ ବେହେରା ଓ ବିସ୍ମୟ ବିହାରୀ ସାହୁ, ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି ମହୋତ୍ସବ ଆଗାମୀ ୬ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ରହିଛି।

# ଭାଙ୍ଗି ଯାଉଥିବା ବିଜେଡିକୁ ମିଳିଲା ସଂଜୀବନୀ

ଭଦ୍ରକ,(ସବ୍ୟୁ) :ଜିଲ୍ଲାର ନବ ନିଯୁକ୍ତ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ସହ ଚାଷୀ ସମାବେଶ ପାଇଁ ବୈଠକ ଆୟୋଜିତ ହୋଇଛି। ଭଦ୍ରକ ଜିଲ୍ଲା ବିଜେଡ଼ିର ନବ ନିଯୁକ୍ତ ଜିଲ୍ଲା ସଭାପତି ତଥା ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟଙ୍କୁ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦ ପକ୍ଷରୁ ବିପୁଳ ସ୍ୱାଗତ କରାଯିବା ପରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ସଭାପତିଙ୍କ ଅଗ୍ନି ବର୍ଷି ଭାଷଣ ନିଷ୍ତେଜ ହୋଇଯାଇଥିବା ଜିଲ୍ଲା ବିଜେଡିକୁ ପୁଣି ସତେଜ କରିଛି। ବିଗତ ଦିନରେ ସରକାରୀ ଦଳରେ ସାମିଲ ହୋଇଛନ୍ତି ବିଜେଡି ସମର୍ଥନରେ ଜିତିଥିବା ଜିଲ୍ଲାର ବଡ଼,ଭଣ୍ଡାରିପୋଖରୀ,ଭଦ୍ରକ,ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ଏବିଠାରେ ବିଜେଡି ନେତୃବୃନ୍ଦ ବିଜେପିରେ ମିଶ୍ରଣ ପାଇଁ ଜିଲ୍ଲାରେ ଅନ୍ଧାରା ସ୍ଥିତି ପାଲଟିଥିଲା ବିଜେଡି ପାଇଁ। ବିଜେଡି ମୁଖ୍ୟଙ୍କ ନିଷ୍ପତ୍ତି ତଥା ନୂତନ ଜିଲ୍ଲା ସଭାପତି ଦାଇତ୍ୱ ବ୍ୟୋମକେଶଙ୍କୁ ମିଳିବା ପରେ ପୁଣି ଆଶା ଉଜ୍ଜୀବିତ ହୋଇଛି। ଦାୟିତ୍ୱ ପାଇବା ପରେ ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଆୟୋଜିତ ବୈଠକରେ ଭଦ୍ରକ ନିର୍ବାଚନମଣ୍ଡଳୀରେ ଆଗାମୀ ସମୟରେ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଜେଡି ଜିଲ୍ଲାରେ ବିଶାଳ କୃଷକ ସମାବେଶ ଆୟୋଜନ କରିବା ନେଇ ସୂଚନା ଦେଇଛନ୍ତି ବ୍ୟୋମକେଶ। ଧାନ କିଣାରେ ବ୍ୟାପକ ଅନିୟମିତତା ସାଙ୍ଗକୁ ଜିଲ୍ଲାରେ ମିଲର ଓ ପ୍ରଶାସନର ମିଳିଭଗତରେ ୮କୁ କେଜିଲୋ ଧାନ କଟନି ଛଟନି ହେଉଥିବା କହିଛି ବିଜେଡ଼ି। ବିରୋଧୀ ଦଳ ଭାବେ ବିଜେଡି ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଶାଳ ସମାବେଶ କରିବ ବୋଲି ଜିଲ୍ଲା ସଭାପତି କହିଛନ୍ତି। ତେବେ ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ,ଭଦ୍ରକ ପୌରାଧ୍ୟକ୍ଷା ଗୁଲଜାର ହବିବ,ତିହିଡି ବ୍ଲକ ଅଧ୍ୟକ୍ଷାଙ୍କ ସହ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ନାୟକ ସଂଯୋଜନା କରିଥିଲେ।

# ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର, (ସବ୍ୟୁ) :କାସିପଦା ସ୍ଥିତ ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଶିକ୍ଷାବିତ ଜଗଦୀଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ,ଓଡ଼ିଶା,ଭୁବନେଶ୍ୱରର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ , ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ଯୋଗ ସମାଜ,ଓଡ଼ିଶାର ସହ ସମ୍ପାଦିକା ଲିଜା ରାଣୀ ଦାଶ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ଶିକ୍ଷାବିତ ନିତ୍ୟାନନ୍ଦ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ବରିଷ୍ଠ ସଂସ୍କୃତ ପଣ୍ଡିତ ଗୌର ହରି ପ୍ରହରାଜ, ପ୍ରମୁଖ ଯୋଗ ଦେଇ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ରାଜେଶ ଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୋମନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁକ୍ତ ବିଦ୍ୟାଳୟ ମୁଖ୍ୟ ପରିଚାଳକ ଶିକ୍ଷାବିତ ତାପସ କୁମାର ପଣ୍ଡା ଅଭିନ୍ନ ବିଦ୍ୟାଳୟ ଗଠନର ଅଭିପ୍ରାୟ ବିଷୟ ରେ ନିଜର ବିବରଣୀ ପ୍ରଦାନ କରିଥିଲେ। ଉପପ୍ରଧାନ ଆଚାର୍ଯ୍ୟ ଆରତୀ ଦଳେଇ ମହା ବିଦ୍ୟାଳୟ ସର୍ବଜ ଉପରେ ଘୋଷଣା ନାମା ପଢ଼ିଥିଲେ। ଶେଷରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ଶପଥ ପାଠ କରାଯାଇ ପ୍ରେରଣା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ନାଟିକା ପୁଷ୍ପ ପିତା ମାତାଙ୍କ ସେବାର ସୁଫଳ ପରିବେଷିତ ହୋଇଥିଲା।

# ଶିଶୁ ସେବିକା ଚୟନରେ ଅନିୟମିତତା : ଧାରଣାରେ ମହିଳା

ମୋରଡା, (ସବ୍ୟୁ) : ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗରେ ନୂଆଗାଁ ଗ୍ରାମର ମହିଳାମାନେ ଶନିବାର ବିଦ୍ୟାଳୟରେ ଧାରଣା ଦେଇଛନ୍ତି। ଏହିଗ୍ରାମ ପଞ୍ଚାୟତର ଶିକ୍ଷା ସଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ବାଟିକା ନିମନ୍ତେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥି ପାଇଁ ଉକ୍ତ ଗ୍ରାମର ୧୪ଜଣ ମହିଳା ଶିଶୁ ସେବିକା ନିମନ୍ତେ ଆବେଦନ କରିଥିଲେ। ଗତ ୩ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ଶିଶୁ ସେବିକା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ସରସ୍ୱତୀ ମହନ୍ତଙ୍କ ସ୍ତ୍ରୀ ବର୍ଷିତା ମହନ୍ତଙ୍କୁ ଅନିୟମିତ ଭାବେ ଶିଶୁ ସେବିକା ଭାବେ ଚୟନ କରାଯାଇଛି ବୋଲି କହିଛନ୍ତି ଧାରଣାରେ ବସିଥିବା ମହିଳା ପ୍ରଶାନ୍ତି ମହାନ୍ତ, ଲଳିତା ମହାନ୍ତ, ସେବତୀ ମହାନ୍ତ, ସୋମାସୁବାଣୀ ମହାନ୍ତ,ଅଙ୍କିତା ମହାନ୍ତ। କେମିତି ବର୍ଷିତାଙ୍କୁ ଚୟନ କରାଗଲା ବୋଲି ମହିଳା ମାନେ ପ୍ରଧାନ ଶିକ୍ଷକଙ୍କୁ ପଚାରିଥିଲେ। ପ୍ରଧାନ ଶିକ୍ଷକ କେବଳ ଏକ ମାଧ୍ୟମ ମାତ୍ର କହି ଏଡାଇ ଦେଇଥିଲେ। ତେଣୁ ଶନିବାର ଅପରାହ୍ନ ୩ଟାରେ ମହିଳାମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ କୁଳମଣି ଭୋଇଙ୍କୁ ପଚାରିବାରୁ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଆସନ୍ତା ସୋମବାର ଦିନ ଏକ ବୈଠକ କରାଯିବ ବୋଲି ସୂଚନା ଦେଇଛନ୍ତି।

# ରୋଟାରୀ କ୍ଲବର ହୁଇଲ ଚେୟାର ବଣ୍ଟନ



ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ରୋଟାରୀ ଇଣ୍ଟରନେସନାଲ ୩୨୬୨ ପ୍ରୋଜେକ୍ଟ ମଦଦ୍ୱାର ଓ ରୋଟାରୀ କ୍ଲବ ବ୍ରହ୍ମପୁର ସେଣ୍ଟ୍ରାଲ ଦ୍ୱାରା ପ୍ରଦତ୍ତ ଦୁଇଗୋଟି ହୁଇଲ ଚେୟାର ବେତନଟୀ ନିକଟ ବାହାନଡା ଗ୍ରାମର ପୋଲିଓ ଆକ୍ରାନ୍ତ ଲକ୍ଷ୍ମୀଧର ନାୟକ ଓ ଉପର ଖମାରୀ ଗ୍ରାମର ପକ୍ଷାଘାତ ରୋଗୀ ରତିକାନ୍ତ ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ ସଭାପତି ଗିରିଧାରୀ ସାହୁ,ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ର,ପୂର୍ବ ସଭାପତି ସନ୍ତୋଷ କୁମାର ମହାନ୍ତ, ଭଗିରଥ ପଣ୍ଡିତ,ସଭାପତି ନିର୍ବାଚିତ ଶ୍ୟାମ ପ୍ରସାଦ ମାଛୁଆଲ ଓ ସଭ୍ୟ ପ୍ରକାଶ ବେହେରା ଓ ଗ୍ରାମବାସୀ ଙ୍କ ଉପସ୍ଥିତି ଓ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା। ରୋଟାରୀ କ୍ଲବର ଏହି ଭଳି ସେବା କାର୍ଯ୍ୟକୁ ଗ୍ରାମବାସୀମାନେ ବହୁତ ପ୍ରଶଂସା କରିଛନ୍ତି ।

# ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାସୁଦେବପୁର,(ସବ୍ୟୁ) :ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ସପ୍ତଦଶ ବାର୍ଷିକ ଉତ୍ସବ ସତସଙ୍ଗ ବିହାର ଛକ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅଚ୍ୟୁତାନନ୍ଦ ପାଢୀ ମଂଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ,ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ସୁଧାଂଶୁ ଶେଖର ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଫିନିକ୍ସ ଏକାଡ଼େମୀ ଟ୍ରଷ୍ଟର ଚେୟାରମ୍ୟାନ ଅଭିମନ୍ୟୁ ବେହେରା ସଭାରେ ସଭାପତିତ୍ୱ କରିଥିଲେ। ଏମବିବିଏସ ଛାତ୍ର ଚନ୍ଦନ କୁମାର ଖିଲାର ଓ ଏମବିବିଏସ ଛାତ୍ରୀ ରାଜଶ୍ରୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ମୁଖପତ୍ର ସୃଜନୀ ଉନ୍ମୋଚନ କରିଥିଲେ। ଫିନିକ୍ସ ଏକାଡ଼େମୀର ସମ୍ପାଦକ ଅଧ୍ୟାପକ ଚନ୍ଦ୍ରଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଚ୍ୟୁତପୁର ବିଜୁ ସେତୁ : ବର୍ଷେ ପରେ ବି ସରିନି ୪୦ଭାଗ କାମ

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର–ରଟିଣା ରାସ୍ତାର ଅଚ୍ୟୁତପୁର ଗ୍ରାମ ନିକଟସ୍ଥ ତଳନଇରେ ଚାଲିଥିବା ବିଜୁ ସେତୁ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଡାଇଭର୍ସନ ନଥିବାରୁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ବର୍ଷାଦିନ ପୁର୍ବରୁ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି । ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ମୁଣିଦା,ନଛିପୁର,ଓହଡ ଓ ଅଚ୍ୟୁତପୁର ଇତ୍ୟାଦି ଗ୍ରାମର ଅଧିବାସୀ ଦାବୀ କରିଛନ୍ତି । ଉକ୍ତ ପୋଲ ନିର୍ମାଣ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୫ ମସିହା ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା । ୧ବର୍ଷ ଅତିକ୍ରମ କରିସାରିଥିବା ବେଳେ ମାତ୍ର ୪୦ଭାଗ କାର୍ଯ୍ୟ ଶେଷ ହୋଇଛି । ପୋଲପାଇଁ ଗାତ ଖୋଳି ଛାଡିଦିଆଯାଇଥିବାରୁ ଏବେ ଏହା ମଣିଷ ଜିବଜନ୍ତୁଙ୍କ ପାଇଁ ଘାତକ ସାବ୍ୟସ୍ଥ ହୋଇଛି । ସାଧାରଣତଃ କୌଣସି ବଡ ପୋଲ ନିର୍ମାଣ ବେଳେ ଗାଡିମଟର ଯାତାୟାତ ପାଇଁ ଡାଇଭର୍ସନର ବ୍ୟବସ୍ଥା କରାଯାଇଥାଏ । ହେଲେ ସେଭଳି କିଛି ବ୍ୟବସ୍ଥା ହୋଇନଥିବାରୁ ମୁଣିଦା ଓ ନଛିପୁରରୁ ବିଭିନ୍ନ ହାଇସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ର ମାନେ ବିପଦ ସଙ୍କୁଳ ଅବସ୍ଥାରେ ଗାଢ ଖୋଳାଯିବା ଯାଗାର କଡେ କଡେ ଯିବାକୁ ବାଧ୍ୟ ହେଉଛନ୍ତି । ସେହିଭଳି ଠିକାଦାର ଗୋଟିଏ ପାର୍ଶ୍ୱର ଆପ୍ରୋଚ ରୋଡ ଶେଷ କରିସାରିଥିବା ବେଳେ ସୁଚନା ଫଳକ ନଲଗାଇ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି । ଯେଉଁଥିପାଇଁ ଗ୍ରାମବାସୀ ମାନେ କଞ୍ଚାମାଲର ଭାଗମାପ ସମ୍ପର୍କରେ ଅଜ୍ଞ । ସେହିଭଳି ପୋଲପାଇଁ ଖୋଳା ଯାଇଥିବା ଗାଢ ମଧ୍ୟ ଅଣଓସାରିଆ ଏବଂ ବର୍ଷାଋତୁରେ ଜଳନିଷ୍କାସନରେ ବାଧା ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କ ପ୍ରତିକ୍ରିୟା ନେବାରେ ଡାଇଭର୍ସନ ନିର୍ମାଣ ଓ ସୁଚନା ଫଳକ ଲଗାଇବାକୁ ଠିକଦାରଙ୍କୁ କୁହାଯାଇଥିବା କହିଛନ୍ତି ।

# ଡିଭାଇନ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକଉତ୍ସବ

ନୀଳଗିର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଏଜୁକେସନାଲ୍ ଆଣ୍ଡ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ୧୬ତମ ବାର୍ଷିକଉତ୍ସବ ନୀଳଗିରି କେ.ସି. ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି ମଞ୍ଚରେ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଅନୁଷ୍ଠାନର ଛାତ୍ରୀ ମଧୁସ୍ମିତା ବଳ ଏବଂ ବିଦ୍ୟାମତି ରାଉତ ଅତିଥିପରିଚୟ ପ୍ରଦାନ କରିଥିଲେ।ଶୁଭଲକ୍ଷ୍ମୀ ବିଶ୍ୱାଳ ବାର୍ଷିକବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ ,ମୁଖ୍ୟବକ୍ତା ଭାବେ ବିନୋଦବିହାରି ପଣ୍ଡା,ବିଶିଷ୍ଟଅତିଥି ଭାବେ ନୀଳଗିରି ତହସିଲଦାର ସନୋମ୍ ଦାସ ଓ ଅବସରପ୍ରାପ୍ତ ଅଧକ୍ଷ କୁମାର ଆଚାର୍ଯ୍ୟ ଯୋଗଦେଇ ନିଜ ନିଜର ଅମୃତମୟ ବାଣୀରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ମୋହିତ କରିଦେଇଥିଲେ । ଡିଭାଇନ୍ ଶିକ୍ଷାନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା ଓ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅପରାହ୍ନ ରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ପରେ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ଏହି ୧୬ତମ ବାର୍ଷିକ ଉତ୍ସବରେ, ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ , ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ୯ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ଲାପଟପ୍ ପ୍ରଦାନ କରାଯାଇଥିଲା ବେଳେ ଫକୀର ମୋହନ ମହାବିଦ୍ୟାଳୟରୁ ଅଧିକ ନମ୍ବରରଖି ଉତ୍ତୀର୍ଣ୍ଣ ହୋଇ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ପାଇଥିବା ଦୁଇଜଣ




ମେଧାବୀ ଶିକ୍ଷାର୍ଥି ଅବିନାଶ ବେହେରା ଏବଂ ଲିଜାଶ୍ରୀ ଷଡ଼ଙ୍ଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ରତ୍ନାକର ଟାଉନହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମହୋଦୟଙ୍କୁ ସର୍ବଶ୍ରେଷ୍ଠ ଗୁରୁ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବରହମପୁର ଡିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଶ୍ରୀକାନ୍ତ ଆଚାର୍ଯ୍ୟଙ୍କୁ ତାଙ୍କର ବିଶେଷ ପ୍ରତିଭାପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିକ୍ଷାନୁଷ୍ଠାନର ଛାତ୍ର ଜଗନ୍ନାଥ ସିଂ ମାତ୍ର ୨୪ବର୍ଷ ବୟସରେ ସରକାରୀ ଅଧ୍ୟାପକ ଚାକିରି କରିଥିବାରୁ ଅନୁଷ୍ଠାନ ତରଫରୁ ଶିକ୍ଷାସମ୍ମାନରେ ସମ୍ମାନୀତ କରାଯାଇଥିଲା ।ଏଥିସହ ଦିତ୍ତୀକୃଷ୍ଣ ମହାରଣାଙ୍କୁ ଶିକ୍ଷାସୌରଭ ସମ୍ମାନ, ଝାନ୍ସି ବେହେରାଙ୍କୁ କ୍ରୀଡାସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହ ମହାବିଦ୍ୟାଳୟ ଟପର୍ ଏବଂ ଉପଖଣ୍ଡ ସ୍ତରୀୟ ଟପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।୨୦୨୫ମସିହା ଦଶମଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମଧୁସ୍ମିତା ନାୟକ ୫୫୭ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ଅଧକ୍ଷ ତଥା ଡିଭାଇନ୍ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣକରି ବାର୍ଷିକ ଉତ୍ସବକୁ ସମାପ୍ତି କରିଥିଲେ।

# ବିଜେପିର ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଶିବିର




ବାଲେଶ୍ୱର(ସବ୍ୟୁ) :ବିରୁଆଁ ସରପଞ୍ଚ ସୁମନ୍ତ ଦାସଙ୍କ ସଂଯୋଜନା ଓ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଶିବିର ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । ମଣ୍ଡଳ ସଭାପତି ରଘୁନାଥ ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ। ମୁଖ୍ୟତଃ ତିନୋଟି ବିଷୟ ଉପରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା, ବ୍ୟକ୍ତିତ୍ୱ ଓ ଆଚାର ବ୍ୟବହାରର ପ୍ରଶିକ୍ଷକ ଭାବରେ ସତ୍ୟଜିତ ମିଶ୍ର, ବିଜେପିର ଇତିହାସ ଓ ବିକାଶ ଯାତ୍ରା ବିଷୟକ ପ୍ରଶିକ୍ଷକ ଭାବରେ ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସରକାରୀ ଯୋଜନା ଓ ଏହାର ରୂପାୟନ ପ୍ରଶିକ୍ଷକ ଭାବରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଶିବିରରେ ଯୋଗଦାନ କରିଥିବା ୨୦୦ରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ଓ ମୁଖ୍ୟବକ୍ତା ଶ୍ରୀ ବେହେରା ତାଙ୍କ ବ୍ୟକ୍ତବ୍ୟରେ ପ୍ରଶିକ୍ଷଣ ଶିବିର ଆୟୋଜକ ଓ ପରିଚାଳନାରେ ସହଯୋଗ କରିଥିବା ସମସ୍ତଙ୍କୁ ଉଚ୍ଚ ପ୍ରଶଂସିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସଂଗଠନ କେବଳ ବଳଶାଳୀ ହୁଏନାହିଁ ବରଂ ଅଧିକ ପରିପୁଷ୍ଟତା ଲାଭ କରେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବିରୁଆଁ ପଞ୍ଚାୟତ ସଭାପତି ଶୁଭ୍ରଜିତ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ଅଞ୍ଜନା ନାଥ, କାଉନସିଲର ହେମବତୀ ବେହେରା ମଞ୍ଚାସୀନ ଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୩୧)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ।। ୩୧ ।।**

(ଯଦୁକ୍ତଂ ଅର୍ଜୁନେନ 'ବେପଥୁଶ୍ଚ ଶରୀରେ ମେ'ଇତ୍ୟାଦି ତଦପି ଅଯୁକ୍ତଂ ଇତ୍ୟାହ)– ସ୍ୱଧର୍ମଂ ଅପିଚ ଅବେକ୍ଷ୍ୟ (ପର୍ଯ୍ୟାଲୋଚ୍ୟ) (ଶୋକମୋହାଦିନା) ବିକମ୍ପିତୁଂ (ବିଚଳିତୁଂ) ନ ଅର୍ହସି (ଆତ୍ମନୋ ନାଶାଭାବାତ୍ ଏବଂ ଏତେଷାଂ ହନନେଽପି ବିକମ୍ପିତୁଂ ନ ଅର୍ହସି), ହି (ଯତଃ) ଧର୍ମ୍ୟାତ୍ (ଧର୍ମାତ୍ ଅନପେତାତ୍) ଯୁଦ୍ଧାତ୍ କ୍ଷତ୍ରିୟସ୍ୟ ଅନ୍ୟତ୍ ଶ୍ରେୟଃ (ମଙ୍ଗଳଂ) ନ ବିଦ୍ୟତେ ।। ୩୧ ।।

# ଓଡ଼ିଶାରେ ଚେନ୍ନାଇର ଗଣମାଧ୍ୟମ ଦଳ

ଭାରତ ସରକାରଙ୍କ ପତ୍ର ସୂଚନା ବ୍ୟୁରୋ ଆନୁକୂଲ୍ୟରେ ଚେନ୍ନାଇ (ତାମିଲନାଡୁ) ପକ୍ଷରୁ ଏକ ପନ୍ଦରଜଣିଆ ପ୍ରତିନିଧି ଦଳ ଓଡ଼ିଶାରେ ପହଞ୍ଚି ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବା ପରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାର୍ଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ରାଜ୍ୟପାଳ ଡକ୍ଟର କମ୍ଭମପାର୍ଟି ସେମାନଙ୍କୁ ଓଡ଼ିଶା ବିଷୟରେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବାକୁ କହିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଓଡ଼ିଶାକୁ ପ୍ରଥମ ଥର ଆସିଛନ୍ତି ବୋଲି ପ୍ରକାଶ କରିଥିଲେ । ଯଦିଓ ସେମାନଙ୍କର ନେତୃତ୍ୱ ନେଇ ଚେନ୍ନାଇରୁ ଆଣିଥିବା ପିଆଇବିର ଉପ–ନିର୍ଦ୍ଦେଶକ (ତାମିଲନାଡୁ) ଶ୍ରୀମତୀ ବିଜୟଲକ୍ଷ୍ମୀ ଏହା ତାଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତ ବୋଲି କହିଥିଲେ । ଜଣେ ଗଣମାଧ୍ୟମ ପ୍ରତିନିଧି କହିଥିଲେ ଯେ ଓଡ଼ିଶା ଏକ ବାତ୍ୟାଞ୍ଚଳ ବୋଲି ଓଡ଼ିଶା ଆସିବା ପୂର୍ବରୁ ତାଙ୍କର ଧାରଣା ଥିଲା ।ମାତ୍ର ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ସେ ଆନନ୍ଦିତ ହୋଇଥିଲେ । ଓଡ଼ିଶାର ଲୋକମାନେ ତାମିଲ ଲୋକଙ୍କ ପରି ସ୍ପଷ୍ଟବାଦୀ ଓ ସରଳ ବୋଲି ଆଉ ଜଣେ ଗଣମାଧ୍ୟମ ପ୍ରତିନିଧି ପ୍ରକାଶ କରିଥିଲେ । ଜଣେ ଗଣମାଧ୍ୟମ ପ୍ରତିନିଧି କହିଥିଲେ ଯେ ଚେନ୍ନାଇର କାନ୍ଥବାଡ଼ରେ ଆମର ସିନେମା ପୋଷ୍ଟର ଭର୍ତ୍ତି ହୋଇ ଯାଇଥାଏ । କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ସେପରି ପୋଷ୍ଟର ମରା ଯାଇ ନାହିଁ । ଅବଶ୍ୟ କାନ୍ଥ ଓ ବାଡ଼ରେ ଓଡ଼ିଶାର କଳା ଓ ସଂସ୍କୃତିର ଚିତ୍ର ସ୍ଥାନ ପାଇଥିବା ସେ ପ୍ରକାଶ କରିଥିଲେ ।

ଓଡ଼ିଶାର ମୁଖ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଅପାର ଆନନ୍ଦ ଲାଭ କଲୁ ବୋଲି ଜଣେ କହିଥିଲା ବେଳେ ଆଉ ଜଣେ ତିରୁପତି ମନ୍ଦିର ପରି ପୁରୀ ମନ୍ଦିରରେ ଖୁବ୍ ଭିଡ଼ ହୋଇଥିଲା ବୋଲି ପ୍ରକାଶ କରିଥିଲେ । କୌଶଲ୍ୟାଗଙ୍ଗାଠାରେ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର, ପାରାଦୀପ ବନ୍ଦର ଓ କେତେକ ଶିଳ୍ପ ଓ ବାଣିଜ୍ୟ କେନ୍ଦ୍ର ଦେଖି ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ ବୋଲି ସେମାନେ ସେମାନଙ୍କ ଅନୁଭୂତିରୁ ପ୍ରକାଶ କରିଥିଲେ ।

**ରାଜ୍ୟପାଳ ମଧ୍ୟ ସେମାନଙ୍କୁ ସୂଚନା ଦେଇଥିଲେ ଯେ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଏବେ ଅସୁବିଧାରେ ନାହିଁ । ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏ ରାଜ୍ୟରେ କୋଇଲା, ଲୁହା ପଥର, ମାଙ୍ଗାନିଜ ପ୍ରଭୃତି ସହିତ ବିରଳ ମୃତ୍ତିକା ଓଡ଼ିଶାକୁ ଆଗକୁ ନେଇଯିବ ।**

ଏ ସବୁ ଶୁଣିବା ପରେ ରାଜ୍ୟପାଳ ଶ୍ରୀ କମ୍ଭମପାର୍ଟି ଶିଳ୍ପ, ବାଣିଜ୍ୟ ଓ ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଅଗ୍ରଗମନ କରୁଛି ବୋଲି କହିଥିଲେ । କଳା ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶା ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ତା'ର ପରମ୍ପରାକୁ ବଜାୟ ରଖି ପାରିଛି ବୋଲି ରାଜ୍ୟପାଳ କହିଥିଲେ । ଜଣେ ଗଣମାଧ୍ୟମ ପ୍ରତିନିଧି ଓଡ଼ିଶାର ଆଦିବାସୀମାନେ ଖୁବ୍ ଭଲ ବୋଲି ପ୍ରକାଶ କରିଥିଲେ । ସେ ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ ଶ୍ରୀ କମ୍ଭମପାର୍ଟି କହିଥିଲେ ଯେ ଓଡ଼ିଶାରେ ଏବେ ୬୨ ପ୍ରକାରର ଆଦିବାସୀ ବସବାସ କରୁଛନ୍ତି । ସେମାନେ ଓଡ଼ିଶାର ମୂଳ ବାସିନ୍ଦା । ଓଡ଼ିଶା ଜନସଂଖ୍ୟାର ୨୨ ପ୍ରତିଶତ ହେଉଛନ୍ତି ଆଦିବାସୀ । ନିଜ ନିଜର ଧର୍ମ ଓ ପରମ୍ପରାକୁ ନେଇ ସେମାନେ ଭିନ୍ନ ।

ରାଜ୍ୟପାଳ ମଧ୍ୟ ସେମାନଙ୍କୁ ସୂଚନା ଦେଇଥିଲେ ଯେ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଏବେ ଅସୁବିଧାରେ ନାହିଁ । ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏ ରାଜ୍ୟରେ କୋଇଲା, ଲୁହା ପଥର, ମାଙ୍ଗାନିଜ ପ୍ରଭୃତି ସହିତ ବିରଳ ମୃତ୍ତିକା ଓଡ଼ିଶାକୁ ଆଗକୁ ନେଇଯିବ । ଏବେ ସେମି କଣ୍ଡକ୍ଟର ପ୍ରଭୃତି କାରଖାନା ଓଡ଼ିଶାରେ କରାଯିବ । ଖଣି ରୟାଲିଟି ବାବଦରେ ଓଡ଼ିଶା ବର୍ଷକୁ ୧୨,୦୦୦ କୋଟି ଟଙ୍କା ପାଇଥାଏ । ଏହାଛଡା ଖଣି ଥିବା ଜିଲ୍ଲାମାନଙ୍କରେ ଜିଲ୍ଲା ଖଣିଜ ପାଣ୍ଠିକୁ ଜିଲ୍ଲା ପ୍ରଶାସନକୁ ଦିଆ ଯାଇଥାଏ । ନିକଟରେ ସେ (ରାଜ୍ୟପାଳ) କେନ୍ଦୁଝର ଜିଲ୍ଲାକୁ ଗସ୍ତ କରି ଜାଣିବାକୁ ପାଇଥିଲେ ଯେ ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପାଣ୍ଠି ବାବଦରେ ତିନି ହଜାର କୋଟି ଟଙ୍କା ପାରିଛନ୍ତି । ସେ ଜିଲ୍ଲାର ଉନ୍ନୟନ ବାବଦରେ ସେହି ଅର୍ଥ ବ୍ୟୟ କରିବେ । ଓଡ଼ିଶାରେ ଏବେ ଅର୍ଥର ଅଭାବ ନାହିଁ । କେନ୍ଦ୍ର ସରକାର ମଧ୍ୟ ଓଡ଼ିଶାକୁ ପ୍ରଭୂତ ପରିମାଣର ଅନୁଦାନ ଯୋଗାଇ ଦେଉଛନ୍ତି । ଓଡ଼ିଶାର ପାରାଦୀପ, ଧମରା ଓ ଗୋପାଳପୁର ପ୍ରଭୃତି ବନ୍ଦର ଏବେ ଖୁବ୍ ଚଳଚଞ୍ଚଳ ହୋଇଛି । ରେଳବାଇର ସ୍ୱତନ୍ତ୍ର ଦୃଷ୍ଟି ଏବେ ଓଡ଼ିଶା ଉପରେ । ଓଡ଼ିଶାର ସମସ୍ତ ୩୦ କୋଟି ଜିଲ୍ଲାରେ ରେଳବାଇ ତାହାର କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଉଛି । କଳା ଓ ପଟ୍ଟଚିତ୍ର ପ୍ରଭୃତି ଓଡ଼ିଶାର ସୁନାମକୁ ବାହାରେ ବଢାଇ ପାରିଛି । ଓଡ଼ିଶାକୁ ଗଣମାଧ୍ୟମର ପ୍ରତିନିଧିମାନେ ଆସି ଏହାର କଳା, ସୌନ୍ଦର୍ଯ୍ୟ, ଶିଳ୍ପ ଓ ବାଣିଜ୍ୟକୁ ଉପଭୋଗ କରିବାକୁ ସେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ ।

ଚେନ୍ନାଇରୁ ଆସିଥିବା ଏହି ଗଣ ଯୋଗାଯୋଗ ପ୍ରତିନିଧି ଦଳକୁ ଓଡ଼ିଶା ବିଷୟରେ ପୂର୍ବରୁ ଓଡ଼ିଶା ପି.ଆଇ.ବି.ର ଆଡିସନାଲ ଡାଇରେକ୍ଟର ଜେନେରାଲ ଅଖିଳ କୁମାର ମିଶ୍ର, ଉପ– ନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ସୂଚନା ଦେବା ପରେ ପି.ଆଇ.ବି ଭୁବନେଶ୍ୱରର ଅଫିସର ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ରାଜ୍ୟପାଳ ଡକ୍ଟର କମ୍ଭମପାର୍ଟିଙ୍କୁ ଭେଟିଥିଲେ । ସମୟର ମୁଖ୍ୟ ସମ୍ପାଦକ ବିଶେଷ ଭାବେ ନିମନ୍ତ୍ରିତ ହୋଇ ଏହି ସାକ୍ଷାତକାର ସମୟରେ ଯୋଗ ଦେଇଥିଲେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କୃଷି କ୍ଷେତ୍ରରେ ଯୁବକମାନଙ୍କ ଉଦାସୀନତା



**କିଶୋର ଚନ୍ଦ୍ର ଜେନା**

ଭାରତରେ ୫୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ବିଡ଼ମ୍ବନାର ବିଷୟ ଏହିକି ଯେ ଦେଶର ଯୁବବର୍ଗ ବର୍ତ୍ତମାନ ଏହା ଉପରୁ ମୁହଁ ମୋଡ଼ିବାରେ ଲାଗିଛନ୍ତି । ଦିନ ଥିଲା ଯେତେବେଳେ କୃଷିକ୍ଷେତ୍ରରେ ଯୁବକମାନଙ୍କର ଅଦ୍ୟମ ଉତ୍ସାହ ଥିଲା ଏବଂ ଉତ୍ସାହଭରା ସଂଗୀତର ଲହରୀ ଛୁଟି ଆସୁଥିଲା,ବର୍ତ୍ତମାନ କିନ୍ତୁ ଏହା ବିପରୀତ ଏବଂ ବୃଦ୍ଧ କୃଷକଙ୍କ ଉପରେ କୃଷି ନିର୍ଭରଶୀଳ।

ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନ ଆକଳନ ଅନୁସାରେ, ବିଶ୍ୱରେ କୃଷିକ୍ଷେତ୍ରରେ ଯୁବକମାନଙ୍କର ଅଧିକରୁ ଅଧିକ ଯୋଗଦାନର ଦ୍ୱାରା ପୃଥିବୀର ଭାଗ୍ୟ ବଦଳିପାରିବ । ଏହି ସଂଗଠନ କୃଷି ଓ ଖାଦ୍ୟ ପ୍ରଣାଳୀ ଉପରେ ଏବଂ ଏ ସନ୍ଦର୍ଭରେ ଯୁବକମାନଙ୍କର ସ୍ଥିତି ଉପରେ ଏକ ସନ୍ଦର୍ଭ ଜାରି କରାଯାଇଛି । ସନ୍ଦର୍ଭର ସାରାଂଶଟି ହେଲା ଯୁବକମାନଙ୍କର ଅଧିକରୁ ଅଧିକ ଯୋଗଦାନ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଏ କ୍ଷେତ୍ରରେ ବିଭିନ୍ନ ପ୍ରକାର କୌଶଳ ଓ ଅଭାବକୁ ମଧ୍ୟ ଏମାନେ ହିଁ ପୂରଣ କରିପାରିବେ । ଗୋଟିଏ ପକ୍ଷରେ ସଂଯୁକ୍ତ ରାଷ୍ଟ୍ରର ଯୁବକମାନଙ୍କ ଅଂଶଗ୍ରହଣ ବହୁ ପରିମାଣରେ ଉତ୍ସାହଜନକ ଥିବାବେଳେ, ଅନ୍ୟପକ୍ଷରେ ଭାରତରେ କିନ୍ତୁ ଏ କ୍ଷେତ୍ରରେ ଯୁବକମାନଙ୍କ ସମ୍ପୃକ୍ତି ଅତ୍ୟନ୍ତ ନୈରାଶ୍ୟଜନକ ଭାବେ ପ୍ରତୀୟମାନ । ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ଅଳ୍ପ ଲାଭ, କଠିନ ପରିଶ୍ରମ, ଅନିଶ୍ଚିତତା ଆୟ, ପ୍ରକୃତିର ବିଷମତା, ଜଳସ୍ରୋତର ନଅଣ୍ଟିଆ ପରିସ୍ଥିତି, ଅନୁନ୍ନତ କୃଷି ପ୍ରଣାଳୀ ଆଦି ଅନେକ ସଂକଟ ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ କୃଷିକ୍ଷେତ୍ରରେ ଏ ବିରାଟ ପରିବର୍ତ୍ତନ କେବଳ କୃଷି କ୍ଷେତ୍ରରେ ସୀମିତ ନୁହେଁ, ବରଂ ଏହା ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଅସଂଯମତା ସହିତ ସାମାଜିକ ସଂରଚନା ପାଇଁ ମଧ୍ୟ ଘୋର ବିପଦ ସଦୃଶ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯୁବକମାନେ ଏ କ୍ଷେତ ପ୍ରତି କାହିଁକି ବିମୁଖ? ଅନ୍ୟ ପ୍ରଶ୍ନଟି ହେଲା କ'ଣ ଆମେ ସେମାନଙ୍କୁ ଏ କ୍ଷେତ୍ରରୁ ଯିବାପାଇଁ ବୀତସ୍ପୃହ କରିଛୁଁ । ଏହିପରି ନାନାବିଧ ପ୍ରଶ୍ନ? କୃଷି କ୍ଷେତ୍ର ଆଜି ମଧ୍ୟ ମୌସୁମୀ ଦୟାରେ ନିର୍ଭରଶୀଳ। କେତେବେଳେ ମରୁଡ଼ି ତ କେତେବେଳେ ବନ୍ୟା ଓ କେତେବେଳେ ଅପବୃଷ୍ଟି, ଅନାବୃଷ୍ଟି, କେତେବେଳେ କୃଷି ପଦାର୍ଥର ସଂରକ୍ଷଣ ଅଭାବ ଓ କେତେବେଳେ ଅବମୂଲ୍ୟାୟନ । କୃଷକମାନେ ପ୍ରତିବର୍ଷ କୌଣସି ନା କୌଣସି ସମସ୍ୟା ଦ୍ୱାରା ଆକ୍ରାନ୍ତ । ଦିନକୁ ଦିନ କୃଷି କ୍ଷେତ୍ରରେ ଖର୍ଚ୍ଚ ବଢୁଥିଲେ ମଧ୍ୟ ବଜାରରେ ସେମାନଙ୍କୁ ଉଚିତ ଦର ମିଳୁନାହିଁ ଏବଂ ଖୁବ୍ କମ୍ ପାରିଶ୍ରମିକ ମିଳୁଥିବାରୁ ଯୁବକମାନେ ଅନ୍ୟତ୍ର ଯିବା ପାଇଁ ବାଧ୍ୟ ହେଉଛନ୍ତି । ଗ୍ରାମୀଣ ଯୁବକମାନେ ଚିନ୍ତା କରୁଛନ୍ତି ଯେ, ସେମାନେ କାହିଁକି ଏଥିପାଇଁ ଶକ୍ତି ଓ ସମୟ ଉପଯୋଗ କରିବେ । ବର୍ତ୍ତମାନ ମଧ୍ୟ ଯୁବକମାନେ ଭାବୁଛନ୍ତି ଯେ ଏ ପୁରୁଣା ଲୋକଙ୍କର କାମ କାର୍ଯ୍ୟ । ଗ୍ରାମରେ ଅନୁନ୍ନତ ଜୀବନଶୈଳୀ ଏବଂ ସହରରେ ଉନ୍ନତ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ଉନ୍ନତ ଗମନାଗମନ ସୁବିଧା ଏବଂ ଚାକଚକ୍ୟ ଜୀବନଶୈଳୀ, ବୃତ୍ତିଗତ ସୁବିଧା ମଧ୍ୟ ଏ ଦିଗରୁ ସେମାନଙ୍କ ନଜର ହଟାଉଥିବାର ମଧ୍ୟ ମୁଖ୍ୟ କାରଣ । ଜଣେ ବୃଦ୍ଧ କୃଷକ ମଧ୍ୟ ଏ କଷ୍ଟ କାମକୁ ତାଙ୍କର ସନ୍ତାନ ସନ୍ତତିଙ୍କୁ ତାଙ୍କପରି କଷ୍ଟ ଜୀବନଶୈଳୀକୁ ଆପଣାଇବାକୁ ଚାହୁଁନାହାନ୍ତି ।

ସରକାର ଦଶନ୍ଧି ଦଶନ୍ଧି ଧରି କୃଷି ଶିକ୍ଷାର ଅଭିବୃଦ୍ଧି ସହିତ ଏହାର ପ୍ରଚାର ପ୍ରସାର କରିଆସୁଛନ୍ତି । ଏଥିପାଇଁ ବଜେଟ୍‌ରେ କୃଷି ଅଭିବୃଦ୍ଧି ପାଇଁ ଅଧିକ ଖର୍ଚ୍ଚ କରାଯାଉଅଛି । ଦେଶରେ ବିଭିନ୍ନ ସ୍ଥାନରେ ୭୩ଟି କୃଷି ବିଦ୍ୟାଳୟ ଖୋଲା ଯାଇଅଛି । ପିଲାଙ୍କୁ ପଢ଼ିବା ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଅଛି ।

ଲକ୍ଷ୍ୟ ରଖା ଯାଉଛି ଛାତ୍ରମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷାପରେ କୃଷିକ୍ଷେତ୍ରରେ ସେମାନଙ୍କର ଯୋଗଦାନ ଦିଅନ୍ତୁ କିନ୍ତୁ ଦେଖାଯାଉଅଛି ଯେ ଏମାନେ ମୁଖ୍ୟତଃ ଚାକିରି ପଛରେ ଦୌଡ଼ୁଛନ୍ତି । ଏ ପ୍ରକାର ଭାବନା ମଧ୍ୟ ବଳବତ୍ତର ରହିବ ଯେତେଦିନ ପର୍ଯ୍ୟନ୍ତ କୃଷିକ୍ଷେତ୍ରରେ ବ୍ୟବସାୟିକ ବୃଦ୍ଧି ନ ଘଟିଛି । ଆହୁରି ମଧ୍ୟ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା । ଭୂମିର ବନୀକରଣ । ମହଙ୍ଗାରେ ଲିଜ୍ ନେବା ଏବଂ ଅନୁନ୍ନତ ସଂସାଧନ ଯୁବକମାନଙ୍କୁ କୃଷିରୁ ଅନ୍ତର କରୁଅଛି । କେତେକ ଯୁବକଙ୍କ ପାଖରେ ଜମି କ୍ଷେତ୍ର ନ ଥିବା ବେଳେ, ଅନେକଙ୍କ ପାଖରେ ଖୁବ୍ କମ୍ ଜମି ଯାହା କୃଷି ପାଇଁ ଅନୁପଯୁକ୍ତ ହେଉଅଛି । ସଂଯୁକ୍ତ ରାଷ୍ଟ୍ରରେ କୃଷି ଏବଂ ଖାଦ୍ୟ ସଂଗଠନ କୃଷିକୁ ଉନ୍ନତିର ସିଡ଼ି ଭାବେ ବିବେଚନା କରେ । ସଂଗଠନ ଦ୍ୱାରା ପ୍ରକାଶିତ ସଂଦର୍ଭ ଅନୁସାରେ ଦୁନିଆରେ ୧୫ରୁ ୨୪ ବର୍ଷର ଆୟୁ ମଧ୍ୟରୁ ୧.୩ ପ୍ରତିଶତ ହେଉଛନ୍ତି ଯୁବକବର୍ଗ । ସେମାନଙ୍କ ମଧ୍ୟରୁ ୮୫ ପ୍ରତିଶତ ନିମ୍ନ ଓ ନିମ୍ନମଧ୍ୟମ ଆୟ ଶ୍ରେଣୀୟ । ଯଦି ଏହି ଯୁବକମାନଙ୍କୁ ଉନ୍ନତ ଦେଶଭଳି ସମାନ ସୁଯୋଗ ଏବଂ ଉନ୍ନତ ସଂସାଧନ ଏବଂ ସମର୍ଥନ ମିଳିବ, ତେବେ ବିଶ୍ୱ ଜି.ଡି.ପି.ରେ ୧.୫ ଟ୍ରିଲିୟନ ଡଲାରର ଅତିରିକ୍ତ ବୃଦ୍ଧି ହୋଇପାରନ୍ତା । ତାହା ମଧ୍ୟରୁ ୪୫ ପ୍ରତିଶତ କେବଳ କୃଷି ଏବଂ ଖାଦ୍ୟ କ୍ଷେତ୍ରରୁ ସମ୍ଭବ ହେବ ।

ବର୍ତ୍ତମାନ ସମସ୍ତଙ୍କ ମନରେ ପ୍ରଶ୍ନ କ'ଣ କୃଷି କ୍ଷେତ୍ରରେ ଭବିଷ୍ୟତ ନାହିଁ ? ଏହାର ସରଳ ଉତ୍ତର ହେଲା କୃଷି ହେଉଛି ଆମର ଭବିଷ୍ୟତ । କିନ୍ତୁ ଆମ୍ଭର ଦାୟିତ୍ୱ ହେଉଛି ଏହାକୁ ଭବିଷ୍ୟତରେ ଯୋଗ୍ୟ କରିବାକୁ ପଡ଼ିବ । ମୁଖ୍ୟ ଆବଶ୍ୟକତା ହେଉଛି ଏହା ଲାଭକାରୀ ଏବଂ ଆକର୍ଷଣମୟ କରି ଗଢ଼ି ତୋଳିବାକୁ ପଡ଼ିବ । ଯଦି କୃଷି ଲାଭଦାୟକ ଏବଂ ଆକର୍ଷିତ ହେବ, ତେବେ ଯୁବପିଢ଼ି ନିଶ୍ଚିତ ଭାବରେ ଏ କ୍ଷେତ୍ର ପ୍ରତି ଆକର୍ଷିତ ହେବେ ।

**ଯୁବକମାନଙ୍କୁ କୃଷିକ୍ଷେତ୍ର ପ୍ରତି ଆକର୍ଷିତ କରିବାର ବିନ୍ଦୁଗୁଡ଼ିକ ହେଲା, ଡ୍ରୋନ୍, ସେନସର, ଆଧୁନିକ ଜଳ ପ୍ରବାହ, ସିଞ୍ଚନ, ଡାଟା ବିଶ୍ଳେଷଣ, ଉନ୍ନତ କୃଷି ଯନ୍ତ୍ରପାତି, ଉନ୍ନତ ଜଳ ସେଚନ ବ୍ୟବସ୍ଥା ହିଁ ନିଶ୍ଚିତ ଭାବରେ ନବାଗତ ଯୁବକମାନଙ୍କୁ ଆକର୍ଷିତ କରିବ । ଏ ପ୍ରକାର ସୁବିଧା ମଧ୍ୟ ଦେଶରେ ଅନେକ ସ୍ଥାନରେ ଲାଗୁ ହେଲାଣି ଏବଂ ସଫଳତା ମଧ୍ୟ ଦେଖିବାକୁ ମିଳିଲାଣି । କିନ୍ତୁ ଏହି ଦିଗରେ ଆଗକୁ ବଢ଼ିବାର ଅଛି ଏବଂ ଏହାର ସାମଗ୍ରୀକତା ଉପରେ ଧ୍ୟାନ ଦେବାର ଅଛି । ଏଗ୍ରି–ବିଜନେସ୍ ଏବଂ କୃଷିକ୍ଷେତ୍ର ସହିତ ଜଡ଼ିତ ନୂଆ ନୂଆ ପଦକ୍ଷେପ ମଧ୍ୟ ନୂତନ ସୁଯୋଗ ସୃଷ୍ଟି କରିପାରିବ ।**

୨୦୦୪ ମସିହାରେ ଏମ୍.ଏସ୍ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ କୃଷି ଆୟୋଗ ଏହାର ସନ୍ଦର୍ଭରେ କୃଷିକୁ ଲାଭଜନକ ତଥା ଯୁବକଙ୍କୁ ଆକର୍ଷିତ କରିବା ପାଇଁ ଜୋର୍ ଦେଇଥିଲେ । ଏହି ସନ୍ଦର୍ଭରେ ଉଲ୍ଲେଖନୀୟ ବିନ୍ଦୁଗୁଡ଼ିକ ହେଲା– ଭୂମି ସଂସ୍କାର, ଜଳସେଚନ, ଫସଲ ବୀମା, ଫସଲ ମୂଲ୍ୟ ନିର୍ଦ୍ଧାରଣ, ବିତରଣ ପ୍ରଣାଳୀ, ରୋଜଗାର ସୁଧାର ଏବଂ ଖାଦ୍ୟ ସୁରକ୍ଷା ଏବଂ ସଂରକ୍ଷଣ ଆଦି ବିଭିନ୍ନ ଦିଗ ଉପରେ ନୀତି ନିର୍ଦ୍ଧାରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ସୁପାରିସ କରାଯାଇଥିଲା । ଦୁର୍ଭାଗ୍ୟବଶତଃ ଯାହା ସୁପାରିସ କରାଯାଇଥିଲା, କାର୍ଯ୍ୟକାରିତାରେ ତା'ଠାରୁ କମ୍ ପଦକ୍ଷେପ ନିଆଯାଇଥିଲା । ଏହାକୁ ଯଦି ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇଥାଆନ୍ତା ତେବେ ବର୍ତ୍ତମାନର କୃଷିର ଚିତ୍ର କିନ୍ତୁ ସ୍ପଷ୍ଟଭାବେ ଅଲଗା ହୋଇପାରିଥାଆନ୍ତା ।

ଯୁବକମାନଙ୍କୁ କୃଷିକ୍ଷେତ୍ର ପ୍ରତି ଆକର୍ଷିତ କରିବାର ବିନ୍ଦୁଗୁଡ଼ିକ ହେଲା, ଡ୍ରୋନ୍, ସେନସର, ଆଧୁନିକ ଜଳ ପ୍ରବାହ, ସିଞ୍ଚନ, ଡାଟା ବିଶ୍ଳେଷଣ, ଉନ୍ନତ କୃଷି ଯନ୍ତ୍ରପାତି, ଉନ୍ନତ ଜଳ ସେଚନ ବ୍ୟବସ୍ଥା ହିଁ ନିଶ୍ଚିତ ଭାବରେ ନବାଗତ ଯୁବକମାନଙ୍କୁ ଆକର୍ଷିତ କରିବ । ଏ ପ୍ରକାର ସୁବିଧା ମଧ୍ୟ ଦେଶରେ ଅନେକ ସ୍ଥାନରେ ଲାଗୁ ହେଲାଣି ଏବଂ ସଫଳତା ମଧ୍ୟ ଦେଖିବାକୁ ମିଳିଲାଣି । କିନ୍ତୁ ଏହି ଦିଗରେ ଆଗକୁ ବଢ଼ିବାର ଅଛି ଏବଂ ଏହାର ସାମଗ୍ରୀକତା ଉପରେ ଧ୍ୟାନ ଦେବାର ଅଛି । ଏଗ୍ରି–ବିଜନେସ୍ ଏବଂ କୃଷିକ୍ଷେତ୍ର ସହିତ ଜଡ଼ିତ ନୂଆ ନୂଆ ପଦକ୍ଷେପ ମଧ୍ୟ ନୂତନ ସୁଯୋଗ ସୃଷ୍ଟି କରିପାରିବ । କୃଷି କେବଳ ଉତ୍ପାଦନ ନୁହେଁ, ଏହାକୁ ଉତ୍ପାଦନରୁ ଆରମ୍ଭ କରି ଯୋଗାଣ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ଯଦି ଯୁବକମାନେ ଏ ସମସ୍ତ ସୁବିଧା ସୁଯୋଗ ଦ୍ୱାରା ସଂଯୁକ୍ତ ହୋଇପାରିବେ, ତେବେ ସେମାନେ ଏହାକୁ ପେଶା ଭାବରେ ଗ୍ରହଣ କରନ୍ତେ । ଗ୍ରାମୀଣ ଯୁବକମାନେ ମଧ୍ୟ ଖାଦ୍ୟ ସଂରକ୍ଷଣର ସୁବିଧା, ମାର୍କେଟିଂର ସୁବିଧା, ପ୍ୟାକେଟିଂ, ବ୍ରାଣ୍ଡିଙ୍ଗ ଏବଂ ପ୍ରସେସିଙ୍ଗ ଆଦିର ସୁବିଧାମାନ ଉପଲବ୍ଧ କରିବେ, ତେବେ ନିଶ୍ଚିତ ଭାବରେ ଅଧିକରୁ ଅଧିକ ଯୁବ କୃଷକମାନେ ଏଥିରେ ଆକୃଷ୍ଟ ହୁଅନ୍ତେ । ଯଦି ଜିଲ୍ଲାସ୍ତରରେ କୌଶଳ ବିକାଶ କେନ୍ଦ୍ର ଏବଂ ପ୍ରଶିକ୍ଷଣ କେନ୍ଦ୍ରମାନ ଖୋଲାଯାଆନ୍ତା, ତେବେ କମ୍ ପିଢ଼ିର ଯୁବକମାନେ ଆକର୍ଷିତ ହୁଅନ୍ତେ ।

ଯୁବକମାନଙ୍କୁ କୃଷି କ୍ଷେତ୍ରପ୍ରତି ଆକୃଷ୍ଟ କରିବା ପାଇଁ, କୃଷି ଉତ୍ପାଦନର ଉଚିତ ମୂଲ୍ୟ, କୃଷି ବୀମା ଯୋଜନା ଅତ୍ୟନ୍ତ ଜରୁରୀ । ଯେପର୍ଯ୍ୟନ୍ତ ତାଙ୍କର ପାରିଶ୍ରମିକ ମୂଲ୍ୟ ନ ମିଳିବ, ସେପର୍ଯ୍ୟନ୍ତ ଏ କ୍ଷେତ୍ରକୁ କେହି ଗମ୍ଭୀରତା ବୋଲି ଧରିବେ ନାହିଁ । ଆହୁରି ମଧ୍ୟ ଗ୍ରାମରେ ଉନ୍ନତମାନର ରାସ୍ତା, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ, ଇଣ୍ଟରନେଟ୍, ବ୍ୟାଙ୍କିଂ ଗମନାଗମନ ସୁବିଧା ହେଲେ, ସେମାନେ ସହରାଭିମୁଖୀ ନ ହୋଇ ଗ୍ରାମରେ ଏହାଙ୍କୁ ପେଶା ଭାବରେ ଗ୍ରହଣ କରିବେ ।

ଆମର ଅତୀତ ପାରମ୍ପରିକ କ୍ଷେତ ଥିଲା। ବର୍ତ୍ତମାନ ମଧ୍ୟ ଏହାକୁ ଅଧିକ ଉନ୍ନତ କରିପାରିବା ଏବଂ ଭବିଷ୍ୟତରେ ମଧ୍ୟ କ୍ଷେତ ଚମକିବ । କେବଳ ଆମେ କୃଷିକୁ ଏକ ବେରୋଜଗାରମାନଙ୍କର କାମର ମାନସିକତାକୁ ଆମ୍ଭେ ମନରୁ ବହିଷ୍କାର କରିବାର ଆବଶ୍ୟକତା ଅଛି । କୃଷି କ୍ଷେତ୍ର ଦ୍ୱାରା ନୂତନତ୍ୱ ଆତ୍ମନିର୍ଭରତା ଏବଂ ରାଷ୍ଟ୍ରନିର୍ମାଣର ଅପାର ସମ୍ଭାବନା ଅଛି । ଯୁବକମାନଙ୍କୁ ଏ କ୍ଷେତ୍ରରେ ଅଧିକରୁ ଅଧିକ ସମ୍ପୃକ୍ତ କରିବା ପାଇଁ କେବଳ ସରକାରୀ ଯୋଜନାର ଉପଲବ୍ଧତା ନୁହେଁ ବରଂ ସାମାଜିକ ମାନସିକତାର ପରିବର୍ତ୍ତନ ଦ୍ୱାରା ଏହା କରାଯାଇ ପାରିବ । ଯଦି ଆମ୍ଭେ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାର ଅଛି, ତେବେ ଯୁବକଙ୍କୁ ଏ କ୍ଷେତ୍ର ପ୍ରତି ଆକୃଷ୍ଟ କରାଯିବା ନିତ୍ୟାନ୍ତ ଜରୁରୀ ।

**'ଉପାସନା' ଜଗନ୍ନାଥ ନଗର, ଭୁବନେଶ୍ୱର**
**ମୋ–୯୪୩୭୦୪୧୩୦୦**

# ଏକାକୀ ଚାଲିବାର ଆନନ୍ଦ

**ଅଖିଳ ତରାଇ**

ପ୍ରକୃତି ହେଉଛି ସବୁଠାରୁ ବଡ଼ ଶିକ୍ଷକ । କେତେବେଳେ ସମୁଦ୍ରର ଢେଉରେ ତ କେତେବେଳେ ପାହାଡ଼ର ନିଶ୍ଚଳତାରେ, ସେ ଆମକୁ ଜୀବନ ବଞ୍ଚିବାର କଳା ଶିଖାଏ । କିନ୍ତୁ ଆଇଲ୍ୟାଣ୍ଡର ସେହି ଶୀତଳ, ନିର୍ଜନ ଏବଂ ବରଫାବୃତ ପ୍ରାନ୍ତରରେ ଏକାକୀ ଚାଲୁଥିବା ପେଙ୍ଗୁଇନର ଦୃଶ୍ୟ ଯେଉଁ ଜୀବନ ଦର୍ଶନ ପ୍ରଦାନ କରେ, ତାହା ବୋଧହୁଏ ସବୁଠାରୁ ନିଆରା । ଯେତେବେଳେ ସମଗ୍ର ବିଶ୍ୱ ଭିଡ଼ ପଛରେ ଦୌଡ଼ୁଛି, ସେତେବେଳେ ସେହି କ୍ଷୁଦ୍ର ଜୀବଟି ଭିଡ଼ରୁ ପୃଥକ ହୋଇ ଏକ ଅଜଣା ପଥରେ ଏକାକୀ ସଂଘର୍ଷ କରିବାର ସାହସ ଦେଖାଏ । ଜୀବ ବିଜ୍ଞାନ ଓ ମନୋବିଜ୍ଞାନ ଅନୁଯାୟୀ, ପ୍ରାୟ ସବୁ ପ୍ରାଣୀ ଦଳଗତ ଭାବେ ରହିବାକୁ ଭଲ ପାଆନ୍ତି ।

ପେଙ୍ଗୁଇନମାନେ ପରସ୍ପର ସହ ଲାଗି ରହି ଅତ୍ୟଧିକ ଶୀତରୁ ନିଜକୁ ରକ୍ଷା କରନ୍ତି । ଏହି ଦଳଗତ ପ୍ରକ୍ରିୟା ସେମାନଙ୍କ ପାଇଁ ଏକ ସୁରକ୍ଷା କବଚ । ମଣିଷ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଆମେ ସମାଜର ନୀତିନିୟମ, ପାରମ୍ପରିକ ଚିନ୍ତାଧାରା ଏବଂ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଭିଡ଼ ମଧ୍ୟରେ ନିଜକୁ ସୁରକ୍ଷିତ ମନେକରୁଁ । ଆମେ ସେହି ରାସ୍ତାରେ ଯିବାକୁ ପସନ୍ଦ କରୁ, ଯେଉଁଠାରେ ଆଗରୁ ଅନେକ ପାଦଚିହ୍ନ ଥାଏ । ଲୋକେ କହନ୍ତି, ଯେଉଁଆଡ଼େ ସମସ୍ତେ ଯାଉଛନ୍ତି, ସେଇଆଡ଼େ ଯିବା ନିରାପଦ । କିନ୍ତୁ ସୁରକ୍ଷାର ଏହି ମୋହ ଅନେକ ସମୟରେ ଆମର ବ୍ୟକ୍ତିଗତ ପ୍ରତିଭା ଏବଂ ସ୍ୱତନ୍ତ୍ରତାକୁ ଚାପି ଦିଏ । ଭିଡ଼ରେ ରହିଲେ ମଣିଷକୁ ସାହସ ମିଳେ ସତ, କିନ୍ତୁ ନିଜର ପରିଚୟ ହଜିଯାଏ । ଭିଡ଼ କେବେ ବି ନୂଆ ଇତିହାସ ରଚନା କରେ ନାହିଁ । ଇତିହାସ କେବଳ ସେହିମାନେ ରଚନା କରନ୍ତି, ଯେଉଁମାନେ ଭିଡ଼ରୁ ବାହାରି ଶିଖରରେ ପହଞ୍ଚିବା ପାଇଁ ଏକାକୀ ଯାତ୍ରା ଆରମ୍ଭ କରନ୍ତି ।

ଆଇଲ୍ୟାଣ୍ଡର ସେହି ଏକାକୀ ପେଙ୍ଗୁଇନ୍ ଯେତେବେଳେ ନିଜର ଦଳ ଛାଡ଼ି ଶୂନ୍ୟତା ଆଡ଼କୁ ପାଦ ବଢ଼ାଏ, ସେତେବେଳେ ତା'ର କୌଣସି ସହଯୋଗୀ ନଥାନ୍ତି । ତା'ର ସଂଘର୍ଷ ସେହି ମୁହୂର୍ତ୍ତରୁ ହିଁ ଆରମ୍ଭ ହୁଏ । ସେ ଜାଣେ ଯେ ସାମ୍ନାରେ ମାଇଲ୍ ମାଇଲ୍ ବ୍ୟାପୀ ବରଫର ଚାଦର ଏବଂ ପ୍ରାଣଘାତୀ ଥଣ୍ଡା ପବନ ଅଛି । ଠିକ୍ ସେହିପରି, ଜଣେ ବ୍ୟକ୍ତି ଯେତେବେଳେ ଜୀବନରେ କିଛି ନୂଆ କରିବାକୁ ସ୍ୱପ୍ନ ଦେଖେ, ସେତେବେଳେ ପ୍ରଥମେ ତାକୁ ନିଜ ପ୍ରିୟଜନ ଓ ସମାଜର ସମାଲୋଚନା ସହ ଏକାକୀତ୍ୱର ସାମ୍ନା କରିବାକୁ ପଡ଼େ । ଲୋକେ ତାକୁ ପାଗଳ କହିପାରନ୍ତି ବା ତାର ଲକ୍ଷ୍ୟକୁ ଅସମ୍ଭବ ବୋଲି କହିପାରନ୍ତି । କିନ୍ତୁ ସେହି 'ପ୍ରଥମ ପାଦ' ହିଁ ସବୁଠାରୁ କଠିନ । ସେଠାରେ କୌଣସି ହାତଧରା ସାଥୀ ନଥାନ୍ତି, ଥାଏ କେବଳ ଅଟଳ ଆତ୍ମବିଶ୍ୱାସ । ଜଣେ ସଫଳ ମଣିଷ ଜାଣେ ଯେ, ଯେଉଁ ରାସ୍ତାରେ ସେ ଚାଲୁଛି, ସେଠାରେ ସେ ଏକାକୀ ହୋଇପାରେ, କିନ୍ତୁ ସେ ଭୁଲ୍ ନୁହେଁ ।

ବିଶ୍ୱର ବଡ଼ ବଡ଼ ସଫଳତା ପଛରେ ଏହି 'ଏକାକୀ ଚାଲିବାର ଜିଦ୍' ହିଁ ରହିଛି । ଗୌତମ ବୁଦ୍ଧ ଯେତେବେଳେ ସତ୍ୟର ସନ୍ଧାନରେ ବାହାରିଥିଲେ, ସେତେବେଳେ ସେ ରାଜପ୍ରାସାଦର ସୁରକ୍ଷା ଛାଡ଼ି ଏକାକୀ ଜଙ୍ଗଲକୁ ଯାଇଥିଲେ । ଆଇନଷ୍ଟାଇନଙ୍କ ଠାରୁ ଆରମ୍ଭ କରି ଷ୍ଟିଭ୍ ଜବ୍ସଙ୍କ ପର୍ଯ୍ୟନ୍ତ, ସମସ୍ତେ ନିଜ ନିଜ କ୍ଷେତ୍ରରେ ପ୍ରଥମେ ଏକାକୀ ହିଁ ଥିଲେ । ସେମାନେ ଭିଡ଼ର କଥା ମାନି ନଥିଲେ, ବରଂ ନିଜ ଅନ୍ତରାତ୍ମାର ସ୍ୱର ଶୁଣିଥିଲେ ।

ଯାତ୍ରା ପଥରେ ବରଫଝଡ଼ ଆସିବା ଅନିବାର୍ଯ୍ୟ । ଦୃଶ୍ୟମାନତା ଶୂନ୍ୟ ହୋଇଯାଏ । ସେହି ସମୟରେ ପେଙ୍ଗୁଇନଟି ଅଟକି ଯାଏ, ନିଜ ଶରୀରକୁ ସଙ୍କୁଚିତ କରି ଝଡ଼ ସରିବା ଯାଏ ଅପେକ୍ଷା କରେ, କିନ୍ତୁ କେବେ ବି ପଛକୁ ଫେରେ ନାହିଁ । ଏହା ହେଉଛି ସ୍ଥିତିସ୍ଥାପକତା ।

ଜୀବନରେ ମଧ୍ୟ ଏମିତି ଝଡ଼ ଆସେ– କେତେବେଳେ ଆର୍ଥିକ ସଙ୍କଟ ତ କେତେବେଳେ ମାନସିକ ଅବସାଦ । ଯେଉଁମାନେ ଭିଡ଼ରେ ଥାଆନ୍ତି, ସେମାନେ ଏଭଳି ପରିସ୍ଥିତିରେ ଅନ୍ୟ ଉପରେ ଦୋଷ ଲଦି ଦିଅନ୍ତି କିମ୍ବା ସାହାଯ୍ୟ ପାଇଁ ଚିତ୍କାର କରନ୍ତି । କିନ୍ତୁ ଏକାକୀ ସଂଘର୍ଷ କରୁଥିବା ବ୍ୟକ୍ତି ଜାଣେ ଯେ ଲଢ଼େଇଟି ତାର ନିଜର । ସେ ଝଡ଼ ସହ ଲଢ଼ିବା ଶିଖିଯାଏ ଏବଂ ଶେଷରେ ଜଣେ ଅଭିଜ୍ଞ ଯୋଦ୍ଧା ଭାବେ ଉଭା ହୁଏ । ଆମ ସମାଜରେ 'ଏକାକୀ' ଶବ୍ଦକୁ ନକାରାତ୍ମକ ଭାବେ ଗ୍ରହଣ କରାଯାଏ । ଲୋକେ ଏହାକୁ ନିଃସଙ୍ଗତା ଭାବେ ବୁଝନ୍ତି । କିନ୍ତୁ ପ୍ରକୃତରେ ଏହା ହେଉଛି ସ୍ୱାଧୀନ ଏକାକୀତ୍ୱ । ଏହା ନିଜକୁ ଆବିଷ୍କାର କରିବାର ଶ୍ରେଷ୍ଠ ସମୟ । ସେହି ପେଙ୍ଗୁଇନ୍ ନିଜର ଶକ୍ତିକୁ ସେତେବେଳେ ଚିହ୍ନିପାରେ ଯେତେବେଳେ ସେ ବିଶାଳ ବରଫ ପାହାଡ଼କୁ ଏକାକୀ ଅତିକ୍ରମ କରେ ।


ଭିଡ଼ର କୋଳାହଳରେ ଆମେ ନିଜ ସ୍ୱର ଶୁଣିପାରୁନା । ଆମେ ଅନ୍ୟର ସ୍ୱପ୍ନକୁ ନିଜର ସ୍ୱପ୍ନ ବୋଲି ଭାବି ନେଉ । ଏକାକୀ ସଂଘର୍ଷ ଆମକୁ ନିଜର ଦୁର୍ବଳତା ଏବଂ ସାମର୍ଥ୍ୟ ବିଷୟରେ ଜଣାଇଥାଏ । ଯେତେବେଳେ କେହି ପରାମର୍ଶ ଦେବାକୁ ନଥାନ୍ତି, ସେତେବେଳେ ଆମର ନିଷ୍ପତ୍ତି ନେବା କ୍ଷମତା ବୃଦ୍ଧି ପାଏ । ସ୍ୱାଧୀନ ଭାବେ ଚିନ୍ତା କରିବାର ଶକ୍ତି କେବଳ ଏକାକୀତ୍ୱରୁ ହିଁ ଆସିଥାଏ । ସେହି ପେଙ୍ଗୁଇନ୍ ଶେଷରେ ଯେତେବେଳେ ସମୁଦ୍ର କୂଳରେ ପହଞ୍ଚେ, ସେଠାରେ ପାଉଥିବା ସନ୍ତୋଷ ଅତୁଳନୀୟ । ସେହି ବିଜୟଟି କେବଳ ତାର ନିଜର । ଗୋଟିଏ କଥା ମନେ ରଖିବା ଉଚିତ– ସଫଳତାର ଶୀର୍ଷ ସବୁବେଳେ ଖାଲି ଥାଏ । ଏଭେରେଷ୍ଟ ଶିଖରରେ ହଜାର ହଜାର ଲୋକଙ୍କ ଭିଡ଼ ନଥାଏ । ସେଠାରେ ପହଞ୍ଚିବା ପାଇଁ ଶେଷ କିଛି ପାଦ ଏକାକୀ ହିଁ ଚାଲିବାକୁ ପଡ଼େ ।

ଉଭୟ ପେଙ୍ଗୁଇନ୍ ଏବଂ ସଫଳ ମଣିଷ ପାଇଁ ସେହି ଶୂନ୍ୟତା ହିଁ ସର୍ବଶ୍ରେଷ୍ଠ ଉପହାର । ସେଠାରେ ପହଞ୍ଚିବା ପରେ ପଛକୁ ଅନାଇଲେ ଜଣାପଡ଼େ ଯେ, ଯେଉଁ ବରଫଝଡ଼ ଓ ଏକାକୀତ୍ୱକୁ ଆମେ ଭୟ କରୁଥିଲେ, ତାହା ପ୍ରକୃତରେ ଆମକୁ ଗଢ଼ିବା ପାଇଁ ପ୍ରକୃତିର ଏକ ପ୍ରକ୍ରିୟା ଥିଲା ।

ଆଇଲ୍ୟାଣ୍ଡର ସେହି ପେଙ୍ଗୁଇନ୍ ଆମକୁ ମନେ ପକାଇଦିଏ ଯେ, ଜନ୍ମ ଏବଂ ମୃତ୍ୟୁ ପରି ଜୀବନର ପ୍ରକୃତ ସଂଘର୍ଷ ମଧ୍ୟ ଏକ ବ୍ୟକ୍ତିଗତ ଅନୁଭୂତି । ଭିଡ଼ ଆପଣଙ୍କୁ ସାହସ ଦେଇପାରେ, କିନ୍ତୁ ପରିଚୟ ଦେଇପାରେ ନାହିଁ । ଯଦି ଆପଣ କିଛି ବଡ଼ କରିବାକୁ ଚାହୁଁଛନ୍ତି, ତେବେ ଭିଡ଼ର ସୁରକ୍ଷିତ ଆଶ୍ରୟକୁ ତ୍ୟାଗ କରିବାକୁ ଶିଖନ୍ତୁ । ପଥ କଠିନ ହୋଇପାରେ, ବରଫର ଝଡ଼ ଆସିପାରେ, କିନ୍ତୁ ଆପଣଙ୍କ ଭିତରେ ଥିବା 'ଅଜେୟ ସଂକଳ୍ପ' ଓ ଏକାକୀ ଚାଲିବାର ସାହସ ଆପଣଙ୍କୁ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ । ସେଦିନ ସାରା ବିଶ୍ୱ ଆପଣଙ୍କ ପଛରେ ଛିଡ଼ା ହେବ, ଯେଉଁଦିନ ଆପଣ ନିଜ ପଥରେ ଏକାକୀ ବିଜୟୀ ହୋଇ ଫେରିବେ ।

**ଗଞ୍ଜାମ,**
**ମୋ–୭୭୮୭୦୦୧୦୦୧**

# ଇୟର ୱାର୍ମକୁ ନେଇ ସମସ୍ୟା



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ସାଧାରଣତଃ ଇଂରାଜୀ ଶବ୍ଦରେ 'ୱାର୍ମ' ଅର୍ଥ କୀଟକୁ ବୁଝାଏ । କିନ୍ତୁ ଆମେ ଏଠାରେ ଉଲ୍ଲେଖ କରୁଥିବା ଇୟର ୱାର୍ମ କହିଲେ ଏଠାରେ କାନ କୀଟ ନୁହେଁ ।

ଅସଲରେ ଅନେକ ସମୟରେ କାମରେ ମନ ଲଗାଇବାକୁ ଚେଷ୍ଟା କରୁଥିବାବେଳେ ମସ୍ତିଷ୍କରେ କୌଣସି ଗୀତର ଧାଡ଼ି ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ । ନଚେତ ଦିନରେ କେତେବେଳେ ଥରଟିଏ ଶୁଣିଥିବା ଗୀତର ଧୂନ ସାରାଦିନ କାନରେ ବାଜୁଥିବା ପରି ଅନୁଭବ କରିହୁଏ । ଏସବୁ ମସ୍ତିଷ୍କରେ ଘଟୁଥିବା ଘଟଣା ଯାହାକୁ 'ଇୟର ୱାର୍ମ' ବୋଲି କହନ୍ତି । ଗବେଷଣାରୁ ଜଣାଯାଇଛି, ୯୦ ପ୍ରତିଶତରୁ ଅଧିକ ଲୋକ ସପ୍ତାହକୁ ଅନ୍ତତଃ ଥରେ ଏହି ଇୟର ୱାର୍ମ ସ୍ଥିତି ଅନୁଭବ କରିଥାନ୍ତି । ତେବେ ୬୦ ପ୍ରତିଶତରୁ ଅଧିକ ଲୋକଙ୍କ ଠାରେ ଏହା ଦୈନନ୍ଦିନ ଶୁଣାଯାଇଥାଏ ।

ବିଶେଷକରି ଅଧିକ ଗୀତ ଶୁଣୁଥିବା ଲୋକେ ଏହାକୁ ବେଶୀ ଅନୁଭବ କରୁଥିବା ଜଣାଯାଇଛି । ଯେତେବେଳେ ଜଣେ ଗୀତ ଶୁଣନ୍ତି ଏବଂ ଯେଉଁ ସମୟରେ ମସ୍ତିଷ୍କରେ ଗୀତ ବାଜୁଥିବା ପରି ଲାଗେ ଉଭୟ ସମୟରେ ମସ୍ତିଷ୍କ ପ୍ରାୟ ଏକା ପ୍ରକାର କାର୍ଯ୍ୟ କରୁଥାଏ । ଏହି ସ୍ୱର ବାହାରୁ ଆସେନାହିଁ ବରଂ ମସ୍ତିଷ୍କର କଳ୍ପନାରୁ ସୃଷ୍ଟି ହୋଇଥାଏ ।

ମସ୍ତିଷ୍କର ଅଡିଟରୀ ଆସୋସିଏସନ କର୍ଟେକ୍ସ ଏ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଥାଏ । ଏହି ଭାଗଟି ସଙ୍ଗୀତ ବୁଝିବା ଏବଂ ମନେ ରଖିବାରେ ସହାୟକ ହୋଇଥାଏ । ଇୟର ୱାର୍ମ ସିଧା ମସ୍ତିଷ୍କର ୱାର୍କିଂ ମେମୋରୀରେ ପ୍ରବେଶ କରିଥାଏ । ଏହି ମେମୋରୀ ମୋବାଇଲ ନମ୍ବର ତଥା ହିସାବପତ୍ର ପରି ଚଟାପଟ ତଥ୍ୟ ମନେରଖିବାରେ ସହାୟତା କରୁଥିବାରୁ ଏଠାରେ ଗୀତ ଅଟକିଯିବା ଦ୍ୱାରା ମଣିଷ ଅନ୍ୟ ତଥ୍ୟ ଠିକ ଭାବେ ମନେ ରଖିପାରୁନଥିବା ଗବେଷଣାରୁ ଜଣାଯାଇଛି ।


ବିଶେଷଜ୍ଞଙ୍କ ମତରେ, ଚୁଇଂଗମ ଚୋବାଇବା ଦ୍ୱାରା ଗଳାର ମାଂସପେଶୀ ସକ୍ରିୟ ହୁଏ ଏବଂ ମସ୍ତିଷ୍କ ଅନ୍ତର୍ନିହିତ ସ୍ୱର ଭାଙ୍ଗିଯାଏ । ଏହା ସହିତ ଅନ୍ୟ କୌଣସି ସଙ୍ଗୀତ ଶୁଣିବା କିମ୍ବା ଅନ୍ୟ କାମରେ ଧ୍ୟାନ ଲଗାଇବା ଦ୍ୱାରା ଇୟର ୱାର୍ମର ପ୍ରଭାବରୁ ମୁକ୍ତି ପାଇପାରିବେ । ଇୟର ୱାର୍ମ କ୍ଷତିକାରକ ନୁହେଁ କିମ୍ବା ଲାଭଦାୟକ ମଧ୍ୟ ନୁହେଁ । ତେବେ ଯାହାହେଉନା କାହିଁକି ଇୟର ୱାର୍ମ ସହିତ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କର୍ଣ୍ଣ–ନାସା–ଗଳାର ଏକ ପ୍ରକାର ଭାବଗତ ସମ୍ପର୍କ ରହିଛି ।

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ୍, କଟକ,**
**ମୋ– ୯୪୩୮୨୭୬୭୬୦**

# ବଡ ଭାଇର ଶାବଳ ମାଡ଼ରେ ସାନ ଗୁରୁତର:ଅଭିଯୁକ୍ତ ଅଟକ

ନିମାପଡ଼ା,(ସବ୍ୟୁ) : ଚାରିଛକ ଥାନା କଳାପାଞ୍ଚଣ ପଞ୍ଚାୟତ ନୂଆପାଟଣା ଗ୍ରାମରେ ରବିବାର ଦିନ ପରିବାରିକ ବିବାଦକୁ ନେଇ ବଡ ଭାଇର ଶାବଳ ଆକ୍ରମଣରେ ସାନ ଭାଇ ଗୁରୁତର ଆହତ ହୋଇଛି । ଆହତ ଜଣକ ହେଲେ ବଟ କିଶୋର ସାହୁ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ନୂଆପାଟଣା ଗ୍ରାମର ବଡ ଭାଇ ବିଷ୍ଣୁ ଚରଣ ସାହୁ ନିଜ ସାନ ଭାଇ ବଟ କିଶୋର ସାହୁ ଙ୍କ ମଧ୍ୟରେ ପାରିବାରିକ ବିବାଦକୁ ନେଇ ଅନେକ ସମୟରେ କଳହ ହୋଇଥାଏ । ରବିବାର ଦିନ ବଡ ଭାଇ ବିଷ୍ଣୁ ସାନ ଭାଇ ବଟ ଙ୍କ ପତ୍ନୀ ସୁକାନ୍ତିକୁ ଗାଳିଗୁଲଜ କରିଥିଲେ । ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଦେଖି ସାନ ଭାଇ ବଟ ଏହାର ପ୍ରତିବାଦ କରିବାରୁ ବିଷ୍ଣୁ ଏକ ଶାବଳ ସାହାଯ୍ୟରେ ବଟ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ବଟ ଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଚରିଛକ ସଓ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏନେଇ ଚାରିଛକ ଥାନରେ ଅଭିଯୋଗ ହେବରୁ ପୁଲିସ କେଶ ନଂ ୨୧/୨୦୨୬ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବଡ ଭାଇ ବିଷ୍ଣୁକୁ ଥାନାରେ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି ।

# ଯୁବକଙ୍କ ମୃତ୍ୟୁକୁ ୧୬ ଦିନ ପୁରିଲା :ନ୍ୟାୟ ଦାବିରେ ରାସ୍ତା ରୋକ



କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତ ତରତୁଆ ଗ୍ରାମର ଅଧିକାରୀ ମହାରଣାଙ୍କ ପୁଅ କୃପାସିନ୍ଧୁ ମହାରଣା (୨୩) ଙ୍କର ଗତ ମାସ ୨୪ ତାରିଖରେ ସନ୍ଦେହ ଜନକ ମୃତ୍ୟୁକୁ ୧୬ ଦିନ ବିତିଥିବା ବେଳେ ଆଜି ପର୍ଯ୍ୟନ୍ତ ଗଡିଶାଗୋଦା ପୁଲିସର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ତୁରନ୍ତ ନ୍ୟାୟ ଦାବିରେ ଶତାଧିକ ଲୋକ ରାସ୍ତା ଅବରୋଧ କରିଥିବା ମୃତକଙ୍କ ବଡବାପା ଦୈତାରି ମହାରଣା ଅଭିଯୋଗ କରିଛନ୍ତି । ଉକ୍ତ ଯୁବକ ଗତ ଦୁଇ ବର୍ଷ ତଳେ କେଶରପୁର ଗ୍ରାମରେ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ । କୌଣସି କାରଣରୁ ଘର ଛାଡ଼ି ଉଭୟ ସ୍ୱାମୀ ସ୍ତ୍ରୀ ବକୁ ପେଟ୍ରୋଲ ପମ୍ପ ନିକଟରେ ଘର ଭଡ଼ା ନେଇ ରହୁଥିଲେ ।ଗତ ୨୪ ତାରିଖ ବିଳମ୍ବିତ ରାତ୍ରରେ ମୃତ ଯୁବକଙ୍କ ପତ୍ନୀ ସମ୍ପର୍କୀୟ ପିୟୁସାଙ୍କ ପୁଅକୁ ଖବର ଦେଇଥିଲେ ଯେ ସ୍ୱାମୀ ତାଙ୍କର ବିଷ ଖାଇଛନ୍ତି ।ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚିବା ପରେ ଦେଖିଲେ ଯୁବକ ଜଣକ ମୃତ ଅବସ୍ଥାରେ ଖଟ ଉପରେ ପଡ଼ିଥିଲେ । ଫ୍ୟାନରେ ଗୋଟିଏ ଗୁଗା ବନ୍ଧା ହୋଇଥିଲା ।ଯାହାକୁ ପରିବାର ଲୋକେ ସନ୍ଦେହ କରିଥିଲେ ପୁଅକୁ ହତ୍ୟା କରାଯାଇଛି । ପୁଅର ମୃତ୍ୟୁକୁ ୧୬ ଦିନ ବିତି ଯାଇଥିବା ବେଳେ କୌଣସି ନ୍ୟାୟ ନମିଳିବାରୁ ଆଜି ଅପରାହ୍ନରେ ମଇଁନ୍ଦିପୁର ଛ ପରିବାର ଲୋକେ ଓ ଗ୍ରାମବାସୀ ଟାୟାର ଜାଳି ରାସ୍ତା ରୋକ କରିଥିଲେ । ଘଟଣା ସ୍ଥଳରେ ଗଡିଶାଗୋଦା ପୁଲିସ ପହଞ୍ଚି ଲୋକଙ୍କୁ ବୁଝା ଶୁଝା କରିବା ସହ ସବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପାଇଁ ୨୦ ରୁ ୨୫ ଦିନ ଲାଗିବ ରିପୋର୍ଟ ଆସିବା ପରେ କୋଉ କାରଣରୁ ଯୁବକଙ୍କ ମୃତ୍ୟୁ ଘଟିଛି ତାହାର ତଦନ୍ତ ଅଗ୍ରଗତି ହେବ ବୋଲି ଥାନଧିକାରୀ କହିବାରୁ ରାସ୍ତା ରୋକ ହଟିଥିଲା ।

# ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବାଲେଶ୍ୱର,(ସବ୍ୟୁ) :ସିନ୍ଦୂରାସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲର ପଞ୍ଚଦଶ ବାର୍ଷିକ ଉତ୍ସବ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ "ସମ୍ବାଦ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଚିତ୍ତରଂଜନ ଚିରଞ୍ଜିତ୍ , ମୁଖ୍ୟବକ୍ତା ଭାବରେ ସୁସାହିତ୍ୟିକ ତଥା କବି ପ୍ରଶାନ୍ତ ଦାସ ଓ ଅନ୍ୟତମ ଅତିଥି ଭାବରେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇଥିଲେ । ସଂପାଦିକା ଜୟନ୍ତୀ ପାଣିଗ୍ରାହୀ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଞ୍ଚାସୀନ ଥିବାବେଳେ ସ୍କୁଲର ଅଧ୍ୟକ୍ଷା ସରୋଜିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନଙ୍କ ବକ୍ତବ୍ୟ ଶେଷରେ ନୃତ୍ୟଗୁରୁ ଅଭୟ ସାହୁ ଓ ସଂଗୀତ ଗୁରୁ ସତ୍ୟରଂଜନ ମହାନ୍ତିଙ୍କ ପରିଚାଳନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚମକପ୍ରଦ ସଂଗୀତ ପରିବେଷଣ ହୋଇଥିବାବେଳେ ନାଟିକା ବାଜିରାଉତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ଉପାଧ୍ୟକ୍ଷ ସନ୍ତୋଷକୁମାର ପଣ୍ଡା, ଶିକ୍ଷକ ରଜତ ଦାସ ଅଧିକାରୀ, ଏଚ୍ଏଚ୍ ଶ୍ରୀରାମ ଓ ସସ୍ମିତା ଆଚାର୍ଯ୍ୟ, ଜୀ ସାହିନ୍, ଅଜୟ ପ୍ରଧାନ, ପ୍ରିୟଙ୍କା ବେହେରା, ନାହିଦ୍ ସୁଲତାନା, ଭାଗ୍ୟଲକ୍ଷ୍ମୀ ବେହେରା, ମୋନାଲିସା ପଣ୍ଡା, ଜୟନ୍ତୀ ଦାଶ, ପ୍ରଣିତା ଅଗସ୍ତ୍ୟ, ଆଫିନ୍ କାଦ୍ରି, ଅମିତା ସାହା, ଅଭିମନ୍ୟୁ ପ୍ରଧାନ, ସୁବଳ କୁମାର ଦାସ, ଜ୍ଞାନ ପ୍ରକାଶ ପାଣିଗ୍ରାହୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ରଥମନ୍ଦିର ପାରିପାର୍ଶ୍ୱକ ଉନ୍ନତି କରଣ କାର୍ଯ୍ୟ ଉଦ୍‌ଘାଟିତ



ବାଲିଅନ୍ତା, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧିନସ୍ଥ ଉମାଦେଇ ବ୍ରହ୍ମପୁର ଗ୍ରାମରେ ଅବସ୍ଥିତ ପରମ ବୈଷ୍ଣବୀ ମା ଟଙ୍କପାଣି ଠାକୁରାଣୀଙ୍କ ପାରିପାର୍ଶିକ ଉନ୍ନତୀ କରଣ କାର୍ଯ୍ୟ ଓ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଜୟଦେବବିଧାୟକ ନବକିଶୋର ମଲ୍ଲିକ ଉ"ାଟନ କରିଛନ୍ତି । ଉଦଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ , ଉପଧକ୍ଷା ଇତିଶ୍ରୀ ଜେନା , ଜିଲ୍ଲା ପରିଷଦ ସଭ୍ୟା କୁନ ମୁନ ଲେଙ୍କା , ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ବିଧାୟକ ଅଧକ୍ଷତା କରି ନିର୍ବାଚନ ମାଣ୍ଡଳୀର ବିକାଶ ନିମନ୍ତେ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଅଞ୍ଚଳ ବାସୀଙ୍କୁ ଅବଗତ କରିଥିଲେ ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀକୁ ଏକ ବିକଶିତ ନିର୍ବାଚନ ମାଣ୍ଡଳୀ ରୂପେ ଗଢି ତୋଳିବା ପାଇଁ ଅଞ୍ଚଳ ବାସୀଙ୍କ ସହଯୋଗ ଲୋଡିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ଜୟକୃଷ୍ଣ ସ୍ୱାଇଁ, ବିଜେଡି ଛାତ୍ର ସଭାପତି ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ର, ମନ୍ଦିର ପରିଚାଳନା କମିଟିର ମୁଖ୍ୟ ରମେଶ ମହାପାତ୍ର, ବରିଷ୍ଠ ସେବାୟତ ନରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଜଳିଗଲା ୩ ବଖରା: ଚାଳରୁ ପଡି ବାପାର ଭାଙ୍ଗିଲା ଅଣ୍ଟା, ଦୁର୍ଘଟଣାରେପୁଅ ଗୁରୁତର

ଦଶପଲ୍ଲା,(ସବ୍ୟୁ): ବାଣୀଗୋଛା ଥାନା ତାକୁ ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଥିବାବେଳେ ଚାଳରୁ ପଡ଼ି ବାପାର ଅଣ୍ଟା ଭାଙ୍ଗିଛି । ଓ ଏହି ଘଟଣାରେ ପୁଅ ବାପାକୁ ଦେଖିବାକୁ ଆସୁଥିବା ବେଳେ ସେ ମଧ୍ୟ ଦୁର୍ଘଟଣାରେ ଗୁରୁତର ହୋଇଥିବାଜଣାପଡ଼ିଛି । ଗ୍ରାମର ଭଂଜକିଶୋର ବିନ୍ଧାଣି ପରିବାର ଘରେ ଖାଇ ବସିଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଘର ପଛପଟୁ ଏହି ନିଆ ଲାଗିଥିବା ବେଳେ ଅଗ୍ନିକାଣ୍ଡର କାରଣ ଜଣା ପଡି ନାହିଁ । ଅଗ୍ନି କାଣ୍ଡରେ ଘରେ ଥିବା ସମସ୍ତ ଆସବାପତ୍ର ଓ ଖାଦ୍ୟସାମଗ୍ରୀ ପୋଡି ପାଉଁଶ ହୋଇ ଯାଇଛି । ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲା । ମାତ୍ର ଦମକଳ ବାହିନୀ ପହଁଚିବା ପୂର୍ବରୁ ସେହି ଗ୍ରାମର କୃଷ୍ଣ ନାଏକ ନିଆଁ କୁ ଲିଭାଇବା ପାଇଁ ଘର ଉପରେ ଚଢ଼ି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଥିବା ବେଳେ ଚାଳ ଘର ଉପରୁ ପଡି ତାଙ୍କର ଅଣ୍ଟା ଭାଙ୍ଗିଯିବା ସହ ଗୋଟିଏ ହାତର ହାଡ ଫାଟି ଯାଇଛି । କୃଷ୍ଣ ଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ତାଙ୍କ ପୁଅ କେଦାର ନାଏକ ବାପାଙ୍କୁ ଦେଖା କରିବାକୁସ୍ୱାଓ୍ୱାସ୍ଥ୍ୟ କେନ୍ଦ୍ର କୁ ଆସୁଥିବା ବେଳେ ଟାକେରା ନିକଟରେ ଏକ କାର ସହ ଦୁର୍ଘଟଣା ହୋଇଥିଲା । ଏହି ଦୁର୍ଘଟଣାରେ କେଦାରଙ୍କ ଗୋଟିଏ ଗୋଡ଼ ପାଦ ଛିଣ୍ଡି ଗୁରୁତର ହୋଇ ପଡିଛି । ଉଭୟ ବାପା କୃଷ୍ଣ ଓ ପୁଅ କେଦାର କୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ସଓ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରସଯାଇଛି । ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁ କରି ଓ ୩୩ ଏକେ ୩୦୯୮ କାର କୁ ଜବତ କରିଛି । ଉଭୟ ଅଗ୍ନି ବିପନ୍ନ ପରିବାର ଓ ନିଆଁକୁ ଲିଭାଇବାକୁ ଯାଇ ଚାଳରୁ ଖସି ପଡିଥିବା କୃଷ୍ଣକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।

# ଡମଣଭୂମି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଡମଣଭୂମି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଆଲୋକ ଚକ୍ରବର୍ତ୍ତୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଶିକ୍ଷା ଗୋଷ୍ଠୀ ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ମଳିପଡା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସରପଂଚ ଶୁଭଦର୍ଶନୀ ଭୋଳ, ବିଦ୍ୟାଳୟ ପରିଚାଳନା ସଭାପତି ବିନୋଦ ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ସମାଜସେବୀ ତଥା ଆଲୁମିନା ସଭାପତି ଚିତ୍ତରଞ୍ଜନ ଭୋଳ, ସହ ପ୍ରତିଷ୍ଠାତା ସୁଦାମ ଚରଣ ଛୋଟରାୟ, ସାମ୍ବାଦିକ ରଘୁନାଥ ସାହୁ,ସି ଆର ସି ସି ପ୍ରଶାନ୍ତ କୁମାର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ଚକ୍ରବର୍ତ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ ।ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା । ଏହି ଅବସରରେ ଅତିଥିମାନେ କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ଶଙ୍କର ବସନ୍ତରାୟ, ଦେବାଶିଷ ଜେନା, ଶିକ୍ଷୟତ୍ରୀ ସ୍ନେହଲତା ଜେନା ଓ ରୂପାଲି ସୋରେନ ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଉପରେ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

କେନ୍ଦୁଝର,(ସବ୍ୟୁ) : ବିଜେପିକେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ରବିବାର କେନ୍ଦ୍ରୀୟ ବଜେଟ ଉପସ୍ଥାପନ ୨୦୨୬-୨୭ ଉପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ଉପସ୍ଥିତ ବୁଦ୍ଧିଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ମୋଦୀ ସରକାରଙ୍କ କେନ୍ଦ୍ରୀୟ ବଜେଟ ଉପସ୍ଥାପନ ୨୦୨୬-୨୭ କିଭଳି ସବୁ ବର୍ଗର ଜନତାଙ୍କ ବିକାଶ ପାଇଁ ଉଦିଷ୍ଟ ସେସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରିଥିଲେ । କାର୍ଯ୍ୟକ୍ରମ ମଧ୍ୟରେ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କ ତରଫରୁ ବଜେଟକୁ ନେଇ ବିଭିନ୍ନ ମତାମତ ଉପରେ ଗୋଟିଗୋଟି କରି ଉତ୍ତର ଦେବା ସହିତ ପ୍ରସଙ୍ଗରେ ସିଧାସଳଖ ଆଲୋଚନା କରିଥିଲେ ମନ୍ତ୍ରୀ । ଏହି ବୁଦ୍ଧିଜୀବୀ ସମ୍ମିଳନୀରେପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ,ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ ମଞ୍ଚାସିନ ହୋଇ କେନ୍ଦ୍ରୀୟ ବଜେଟ ୨୦୨୬-୨୭ କୁ ପ୍ରଶଂସା କରିଥିବା ବେଳେ ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଚମ୍ପୁଆ ବିଧାନସଭା ନେତା ମୁରଲୀ ମୋନହୋର ଶର୍ମା, ଘସିପୁରା ବିଧାନସଭା ନେତା ତଥା କେନ୍ଦ୍ରୀୟ ବଜେଟ ୨୦୨୬-୨୭ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡ଼ଃ. ଶମ୍ଭୁନାଥ ରାଉତ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ବଡ଼ବିଲ ପୌରପାଳିକାର ପୂର୍ବତନ ପୌରାଧକ୍ଷ ଦିଲ୍ଲୀପ ମିଶ୍ର,ରାଜ୍ୟ ପେନାଲିଷ୍ଟ ବିରଜା ମିଶ୍ର,ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ପ୍ରମୁଖ ମଧ ମଞ୍ଚାସିନ ହୋଇ କେନ୍ଦ୍ରୀୟ ବଜେଟକୁ ସ୍ୱାଗତ କରିଥିଲେ । ଜିଲ୍ଲା ଉପସଭାପତି ତଥା ଏହି କାର୍ଯ୍ୟକ୍ରମ ର ସହସଂଯୋଜକ ଦେବପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅନ୍ନପୂର୍ଣ୍ଣା ଗାଈ ଘିଅର ଔପଚାରିକ ଶୁଭାରମ୍ଭ

ଭୁବନେଶ୍ୱର :ସାତ ଦଶନ୍ଧିରୁ ଅଧିକ ସମୟର ଏକ ବିରାସତ ଉପରେ ନିର୍ମିତ ଉତରପୂର୍ବାଂଚଳର ପ୍ରତିଷ୍ଠିତ ଘରୋଇ ଏଫଏମସିଜି କମ୍ପାନୀ, ଅନ୍ନପୂର୍ଣ୍ଣା ଗ୍ରୁପ ଉତ୍ତରପ୍ରଦେଶ, ଦିଲ୍ଲୀ-ଏନସିଆର, ବିହାର, ଝାଡ଼ଖଣ୍ଡ ଓ ଓଡିଶା ସମେତ ଉତର ଓ ପୂର୍ବ ଭାରତୀୟ ବଜାରଗୁଡିକରେ ଏହାର ଫ୍ଲାଗସିପ ପ୍ରଡକଫ ଅନ୍ନପୂର୍ଣ୍ଣା ଗାଈ ଘିଅର ଶୁଭାରମ୍ଭ କରିଛି । ଏହି ରଣନୈତିକ ପଦକ୍ଷେପ ଅନ୍ନପୂର୍ଣ୍ଣା ଗ୍ରୁପର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି ।ଏହି ଶୁଭାରମ୍ଭ ସମ୍ପର୍କରେ ଅନ୍ନପୂର୍ଣ୍ଣା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ସୁବୀର ଘୋଷ କହିଛନ୍ତି,ଶୁଦ୍ଧତା ସବୁବେଳେ ଅନ୍ନପୂର୍ଣ୍ଣାର ମୂଳଦୁଆ ରହିଆସିଛି । ଅନ୍ନପୂର୍ଣ୍ଣା ଗାଈ ଘିଅ ଭାରତୀୟ ଘରଗୁଡିକ ପାଇଁ ପ୍ରାମାଣିକ ଓ ସାମଗ୍ରିକ ଖାଦ୍ୟ ଆଣିବା ପାଇଁ ଆମର ଦର୍ଶନର ଏକ ପ୍ରତିଫଳନ ଅଟେ ।

## ଓପୋ ରେନୋ ୧୫ସିର ଶୁଭାରମ୍ଭ

ମୁମ୍ବାଇ : ଓପୋ ଇଣ୍ଡିଆ ପକ୍ଷରୁ ଓପୋ ରେନୋ ୧୫ସି ସହିତ ଏହାର ରେନୋ ୧୫ ସିରିଜର ବିସ୍ତାର କରାଯାଇଛି । ରେନୋ ୧୫ ସି ଏକ ଅଧିକ ପହଂଚ ଯୋଗ୍ୟ ପ୍ୟାକେଜରେ ରେନୋ ସିରିଜର ମୂଳ ଶକ୍ତିକୁ ପ୍ରଦାନ କରିଛି । ଭାରତରେ କ୍ରୟ ପାଇଁ ଗତ ୫ ତାରିଖରୁ ଆଫଟରଗ୍ଲୋ ପିଙ୍କ ଓ ଟୁଇଲାଇଟ ବ୍ଲୁ କଲରରେ ଉପଲବ୍ଧ ହୋଇଯାଇଛି । ରେନୋ ୧୫ସିରେ ୮୦ୱାଟ ସୁପର ଭିଓସି ଫାଷ୍ଟ ଚାର୍ଜିଙ୍ଗ ସହିତ ଏକ ଶକ୍ତିଶାଳୀ ୭୦୦୦ମେଗାଆମ୍ପିୟର ବ୍ୟାଟେରୀ ରହିଛି । ଓପୋ ରେନୋ୧୫ ସିରିଜ ଉତ୍ସାହଜନକ ଅଫର ସହିତ ଆମାଜନ, ଫ୍ଲିପକାର୍ଟ, ମେନଲାଇନ ରିଟେଲ ଆଉଟ ଲେଟରେ ଉପଲବ୍ଧ ରହିଛି ।

**ହଜିଛି**

ମୁଁ ପୂର୍ଣ୍ଣିମା ସାହୁ, ବୟସ ୪୩ ବର୍ଷ, ସ୍ୱାମୀ: ୰ ରାଧାମାଧବ ସାହୁ, ଗ୍ରା/ପୋ/ଥାନା: ଘସିପୁରା, ଜିଲ୍ଲା: କେନ୍ଦୁଝର, ଏତଦ୍‌ଦ୍ୱାରା ଘୋଷଣା କରୁଅଛିକି, ମୋର ସ୍ୱାମୀ (ମୃତକ) ରାଧାମାଧବ ସାହୁ, ପିତା: ବଳରାମ ସାହୁ, ପ୍ଲଟ୍ ନଂ.: ୯୬/୧୧୬୯, କ୍ଷେତ୍ର: ଏକର ୦.୦୫ ଡିସିମିଲି, ମୌଜା: ଖପରାଖାଇ, ଜିଲ୍ଲା: କେନ୍ଦୁଝରରେ ଏକ ସମ୍ପତ୍ତି କ୍ରୟ କରିଥିଲେ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ - ୧୧୦୨୧୫୦୦୧୪୬, ତା.୧୬.୧୦.୨୦୨୫, ସବ୍‌ରେଜିଷ୍ଟ୍ରାର: ସାଇଁକୁଳ ଅଟେ। ତା.୦୨.୦୨.୨୦୨୬ରିଖରେ ଘରୁ ଘସିପୁରା ମାର୍କେଟକୁ ଆସୁଥିବା ସମୟରେ ଉପରୋକ୍ତ ବିକ୍ରୟ ଦଲିଲଟି କେଉଁଠାରେ ହଜିଯାଇଛି। ଅନେକ ଚେଷ୍ଟାପରେ ମଧ୍ୟ ତାହା ମିଳିପାରୁନାହିଁ। ଏହି ଦଲିଲକୁ ମୁଁ କେଉଁଠାରେ ବନ୍ଧକ ରଖିନାହିଁ କିମ୍ବା କାହାକୁ ଦେଇ ନାହିଁ। ଯଦି ଭବିଷ୍ୟତରେ ଏହା ଅସତ୍ୟ ପ୍ରମାଣିତ ହୁଏ ତେବେ ସେଥିପାଇଁ ଦାୟୀ ରହିବି। ଯଦି କେହି ଏହାକୁ ପାଆନ୍ତି ତେବେ ୟୁକୋ ବ୍ୟାଙ୍କ ଘସିପୁରା ଶାଖାରେ ଜମା କରିବେ।

**AFFIDAVIT**

By virtue of an affidavit sworn before the (Executive Magistrate), Erasama dated 05/02/2026. I, Puspalata Patra, D/o- Bai Rout, Address At- Kankardia, Po- Balitutha, Ps- Kujanga, Dist- Jagatsinghpur, Pin- 754141. Declare that I have changed my minor son's name from **ASHIRBAO PATRA** (OLD NAME) to **SRIMAN ASHIRBAD** (NEW NAME). Henceforth, he shall be known as **SRIMAN ASHIRBAD** (New Name) for all purposes.

**AFFIDAVIT**

By virtue of an affidavit in the court of Executive Magistrate, Baripada, Mayurbhanj. dated 10.12.2025. I, Santosi Behera, W/o- Late Amar Chandra Behera, Resident of At- Kamta, Po- Kuliana, Ps- Kuliana, Dist- Mayurbhanj, Pin- 757030. Declare that I have changed my name from **Shantilata Behera** to **Santosi Behera**. Henceforth, I shall be known as **Santosi Behera** for all purposes.

Sd/- Santosi Behera

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK**
**Letter No. 619 / Dt. 06.02.2026**
32001/39/2526 **GOVERNMENT OF ODISHA**
**e-Procurement Notice Bid Identification No.**
**on line SECMID- 32 /2025-26, eemidcuttack@yahoo.co.in**

| | | |
|---|---|---|
| 1. Name of work | : | Construction & Improvement of Check dams and Check Dams under MATY scheme in MI Sub-Division Athagarh, Banki and Tangi-Choudwar. |
| 2. Total Number of work | : | 08 (Eight) nos. |
| 3. Estimated cost | : | Varies from Rs. 5.49 to Rs. 43.00 lakh. |
| 4. Tender paper Cost(Online) | : | Varies from Rs.4,000/- to Rs.6,000/- |
| 5. Bid Security (Online) | : | As per DTCN |
| 6. Period of Completion | : | As per DTCN |
| 7. Availability of Bid Document , | : | From 11.02.2026, 10.00 AM to20.02.2026 5.00 PM in website (www, tendersorissa.go v. in) |
| 8. Last date & Time of receipt | : | 20.02.2026 at 5.00 PM through online Bid |
| 9. Date of opening of Technical Bid documents | : | 21.02.2026 at 11.00 A.M in the office of the SE, M.I.Division, Cuttack. |
| 10. Date of Lottery, if required | : | 06.03.2026 at 12.00 Noon in the office of the SE, M.I. Division, Cuttack |
| 11. Name and address of the OIT | : | Superintending Engineer, M.I. Division, Cuttack. P.O.- Nayabazar, Cuttack. Phone:- 0671-2443622 PINCODE:- 753004 |

Further details can be seen from the Government of Odisha Web-Site **www.tendersorissa.aov.in**
**Notes:- Corrigendum / Addendum / Modification / Additions if any, can be seen through On-line only.**

**Sd/- Superintending Erigineer**
**M.I. Division, Cuttack**

**OIPR: 32001/32121/1/25-26/0028**

**OFFICE OF THE CDM & PHO-CUM-DISTRICT MISSION DIRECTOR, GANJAM**
**DEPARTMENT OF HEALTH AND FAMILY WELFARE.**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM,**
**DISTRICT PROGRAMME MANAGEMENT UNIT**
**Tender No. 1317 Date: 30.01.2026**

**10001/26/2526** **TENDER CALL NOTICE**

Sealed Tenders are invited from the interested firms /agencies / Organization for supply of Non-Pneumatic Anti Shock Garment (NASG) to the office of under signed, last date for closing of bid is 19.02.2026 at 5.00PM.Detail term and conditions are available in the district website (https://ganiam.odisha.gov.in/Yrhe bidding documents complete in all respect should reach the District Programme Management Unit, O/O-CDM&PHO, DHH, Ganjam on or before 19.02.2026 through Speed Post /Reg.Post/ courier and super scribed as "BID DOCUMENTS FOR TENDER CALL NOTICE NO.___The bids will be opened on 20.02.2026 at 11 A.M. The Undersigned reserves the right to cancel or accept any Tender fully or partially without assigning any reason there-of.

**Chief District Medical & Public Health Officer, Ganjam**

**OIPR: 10001/10041/1/25-26/0001**

**GOVERNMENT OF ODISHA** **32001/42/2526**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
**(E-mail ID: eemirqd@ymail.com)**
**NOTICE INVITING TENDER e-Procurement Notice**
**e-Procurement Notice No. SEMIDRGD - 06/2025-26**
**Letter No. 522 Dated. 06.02.2026**

The Superintending Engineer, Minor Irrigation Division, Rayagada on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.qov.in**

| | | |
|---|---|---|
| 1. Name of the work | : | Construction of 13 Nos. of New Check Dams in dif ferent Block of Rayagada District-under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26. |
| 2. Total Number of works | : | 15 (Fifteen) Nos. |
| 3. Estimated cost | : | Approximately varies from Rs.25.33Lakh to Rs. 46.55Lakh |
| 4. Period of completion | : | As mentioned against each work in Annexure to Bid Notice |
| 5. Class of Contractor | : | As mentioned against each work in Annexure to Bid Notice |
| 6. Date and time of availability of bid documents in the portal | : | From 10:00 A.M of 10.02.2026 to 5:00 PM of 19.02.2026 |
| 7. Last date /time for receipt of bids in the portal | : | 5:00 PM on 19.02.2026 |
| 8. Date of opening of bid | : | At 11:00 AM on 20.02.2026 in website (www.tendersodisha.gov.in) |
| 9. Submission of Bids | : | Online mode |
| 10. Name of the Officer inviting: | | Superintending Engineer, Minor Irrigation Division, Rayagada |

11. Further devils can be seen from the Government of Odisha Website: **www.tendersodisha.gov.in**

**Sd/- Superintending Engineer**
**M.I. Division, Rayagada**

**OIPR: 32001/32056/1/25-26/0001**

**GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR**
**25001/43/2526** **Tel 06766-258094(0)**
**Mail: eerwl_kir@yahoo.com**
**"e" Procurement Notice for Road Works Identification No Online NCB - 18/2025-26.**

| | | |
|---|---|---|
| 1. Name of the Work | : | 11 No. Roads Work |
| 2.Total Number of Work | : | 11 No. |
| 3. Estimated Cost | : | Rs.4.98 Lakhs to 38.10 Lakhs |
| 4. Class of Contractor | : | "C"&"B" Class |
| 5. Period of Completion | : | As per annexure of e-Procurement Notice No.18 of 2025-26. |

6. Other Details

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 18 | Dt.09.02.2026 at 11.00 A.M. | Dt.14.02.2026 up to 5.00 P.M. | Dt.13.02.2026 up to 5.00 P.M. | Dt.16.0i.2026 at 11.00 A.M. |

Further details can be seen from the Website **www.tenderorissa.gov.in**

**Sd/-**
**Superintending Engineer**
**R.W. Division-I, Keonjhar**

**OIPR: 25001/25110/1/25-26/0033**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ତଃ...

ସାଇବର ଥାନା ପୋଲିସ ମାମଲା ରୁଜୁ କରିଥିଲା । ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ହୁଲୁଳି ଯାଇ ଅଭିଯୁକ୍ତ ଅରବିନ୍ଦ ପାଉଲକୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିବା ପରେ କୋର୍ଟଚାଲାଣ କରାଯାଇଛି ।

### ସଡ଼କ...

ଡି. ରାମାରାଓଙ୍କୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ କହିବା ଅନୁସାରେ ଗତକାଲି ରାତି ୧୨ଟା ସମୟରେ ଏକ ସ୍କୋର୍ପିଓ ଯୋଗେ ରୋଗୀଙ୍କ ଏବଂ ଡ୍ରାଇବର ସମେତ ୮ ଜଣ ବିଶାଖାପାଟଣା ଯାଉଥିଲେ। ଆନ୍ଧ୍ର ଟେକିଲି ନାଂଦିଗାମ ନିକଟରେ ସ୍କୋର୍ପିଓ ଇଂଜିନ ହଠାତ ବନ୍ଦ ହେବାରୁ ରାସ୍ତା ପାର୍ଶ୍ୱରେ ରଖିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ସମସ୍ତ ଗୁରୁତରଙ୍କୁ ଟେକିଲି ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ଡାଲେୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟେକିଲି ପୁଲିସ ପହଂଚି ଘଟଣାର ତଦନ୍ତ କରୁଥିବା ସୂଚନା ହସ୍ତଗତ ହୋଇଛି । ମୃତକ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲେଖାଏଁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଗଜପତିରୁ ମିଳିଥିବା ଅନ୍ୟ ଏକ ଖବରରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ଜିଲ୍ଲା ନନ୍ଦିଗ୍ରାମ ନିକଟରେ ଜାତୀୟ ରାଜପଥରେ କାର ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଅନ୍ୟ ପାଞ୍ଚ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ।ସୂଚନା ପ୍ରକାରେ, ଓଡ଼ିଶାର ସୁନାପୁରମରୁ ସାତ ଜଣ ଲୋକ ସକାଲୁ ସକାଳୁ ଏକ କାରରେ ଶ୍ରୀକାକୁଳମ ସେହିପରି କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସୁଙ୍କି-ଅମ୍ବାବାଲି ରାସ୍ତାର ପେଟୁରୁ ଛକ ନିକଟରେ ଦୁଇ ବାଇକ୍ ମୁହଁମୁହିଁ ଧକ୍କା ହୋଇଛି । ଫଳରେ ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଏବଂ ୫ ଜଣ ଆହତ ହୋଇଛନ୍ତି ।

### ରାତିରେ...

ପ୍ରତିଦିନ ପାରଦ ତଳମୁହାଁ ହେଉଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁହୀନ ପଡୁଛି । ଅତ୍ୟଧିକ ଜାଡ଼ ଥଣ୍ଡା ଯୋଗୁଁ ସକାଳ ୧୦ଟା ଯାଏଁ ଘରୁ ବାହାରିବା ମୁସ୍କିଲ୍ ହେଉଛି । ଅନ୍ୟପଟେ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ରହିଥିବା ବେଳେ ଗାଡିମୋଟର ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି ।

ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ରେକର୍ଡ ହୋଇଥିବବା ବେଳେ ରାଉରକେଲାରେ ୮.୬ ଡିଗ୍ରୀ ତାପମାତ୍ରା ରହିଛି । ସେହିପରି ସେମିଳିଗୁଡ଼ାରେ ୯.୬ ଡିଗ୍ରୀ, କିରେଇରେ ୯.୭ ଡିଗ୍ରୀ, ସୁନ୍ଦରଗଡ଼ରେ ୧୦.୮ ଡିଗ୍ରୀ, ସମ୍ବଲପୁରରେ ୧୩ ଡିଗ୍ରୀ, ଅନୁଗୁଳରେ ୧୪ ଡିଗ୍ରୀ, କଟକରେ ୧୫ ଡିଗ୍ରୀ ଓ ଭୁବନେଶ୍ୱରରେ ୧୬.୪ ଡିଗ୍ରୀ କେରର୍ଡ କରାଯାଇଛି ।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେଉଛି । ପାହାଡ଼ ତଳିଆ ଅଞ୍ଚଳରେ ଆହୁରି ଅଧିକ ଥଣ୍ଡା ଅନୁଭୂତ ହେଉଛି । ଜି.ଉଦୟଗିରିରେ ବିଗତ ୬ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି । ପ୍ରବଳ ଶୀତ ଯୋଗୁଁ ରାସ୍ତା ପାଶ୍ୱର୍ରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ, ଠେଲା ବ୍ୟବସାୟୀ, ଦିନ ମଜୁରିଆମାନେ ବେଶୀ ପ୍ରଭାବିତ ହେଉଛନ୍ତି । ଏପଟେ ଶୀତର ମଜା ନେବା ପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି । କଳିଙ୍ଗା ଘାଟି ଓ ବଟାନିକାଲ ଗାର୍ଡେନ, ହିଲଟପ, ସିର୍କି ଇକୋ ପାର୍କ, କଫିବଗିଚା ଭଳି ବହୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପିକନିକ୍‌ର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି ।

### ପାରିବାରିକ...

ପକ୍ଷରୁ କୁହା ଯାଇଛି। ଆଜି ମୃତକଙ୍କ ପରିବାର ଦେଇଥିବା ଅଭିଯୋଗକୁ ଅପରାହ୍ନ ୧ଟା ୧୦ରେ ପଞ୍ଜୀକରଣ କରାଯାଇ ଥିଲା ବେଳେ ଯୁବକ ଜଣଙ୍କ ଘରେ ପହଁଚିଲା ପରେ ବାପା ହତ୍ୟା କରିଥିବା ଥାନା ଅଧିକାରୀ କହିଛନ୍ତି। ମୃତଦେହ କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲରେ ଥିବାବେଳେ ବ୍ୟବଚ୍ଛେଦ ହୋଇ ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ

## ମାନଦଣ୍ଡ ସ୍ଥାପନ କଲା ରୟାଲ ଆର୍କେଡ, ଭୁବନେଶ୍ୱର

ଭୁବନେଶ୍ୱର, (ସବ୍ୟୁ): ରୟାଲ ଆର୍କେଡ ଆସୋସିଏସନ୍ ଅଫ ଆଲଟିଜ୍ ପକ୍ଷରୁ ୨୦୨୫-୨୬ ବର୍ଷ ନିମନ୍ତେ ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିବିଏମ୍) ୮ ଫେବୃଆରୀ, ୨୦୨୬ରେ ଅନ୍ୟତମ ପ୍ରଥମ ବ୍ୟବସାୟିକ କଂପ୍ଲେକ୍ସ ଭାବରେ ସାମୂହିକ ମାଲିକାନା, ଉତ୍ତରଦାୟିତ୍ୱ ଏବଂ ଗଣତାନ୍ତ୍ରିକ ଉପାୟରେ ପରିଚାଳନା ଲକ୍ଷ୍ୟରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ, ୨୦୨୩ ଅଧୀନରେ କାର୍ଯ୍ୟ କରୁଛି । (ସଭାପତି)ଙ୍କ ନେତୃତ୍ୱରେ ଏବଂ ତାଙ୍କ ସହିତ ଅଶୋକ ସାହୁ (ଉପସଭାପତି), ଅରୁଣ ପାତ୍ର (ସମ୍ପାଦକ), ସୁଶ୍ରୀ ସୀମା କୁମାରୀ (କୋଷାଧ୍ୟକ୍ଷ) ଏବଂ ତିନିଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲଗ୍ନଜିତ ଦାଶ, ଶ୍ରୀମତୀ ଲାବଣ୍ୟ ପଟ୍ଟନାୟକ




ରୟାଲ ଆର୍କେଡ, ରଘୁନାଥପୁର, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଓଡ଼ିଶାରେ ବ୍ୟବସାୟିକ କଂପ୍ଲେକ୍ସର ସୁସଂଗଠିତ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି । ରୟାଲ ଆର୍କେଡ ରାଜ୍ୟରେ ଏକ ଆଦ୍ୟ ଗ୍ରହଣକାରୀର ଗୁଣଗୁଡିକ ପ୍ରଦର୍ଶନ କରି ଏହି ଆସୋସିଏସନ ଏକ ସ୍ୱଚ୍ଛ, ଅନୁପାଳନକାରୀ ଏବଂ ବୃତ୍ତିଗତ ଭାବରେ ପରିଚାଳିତ ପରିଚାଳନା ବିଧିବ୍ୟବସ୍ଥା ସ୍ଥାପନ କରିଛି । ୨୦୨୪ ଏପ୍ରିଲରେ ନିର୍ବାଚିତ ଏବଂ ରଞ୍ଜନ ଷଡଙ୍ଗୀ ଓ ସଞ୍ଜୟ ଜଲାନ୍‌ଙ୍କୁ ନେଇ ଗଠିତ କାର୍ଯ୍ୟନିର୍ବାହୀ କମିଟି ତଥା ବ୍ରିଗେଡିୟର ଡି.ବି. ପାଣି (ନିରାପତ୍ତା ଓ ଶୃଙ୍ଖଳା), ସିଏ ଧନଞ୍ଜୟ ମୋହନ (ଫାଇନାନ୍ସ ଓ ଆକାଉଣ୍ଟିଂ), କ୍ୟାପଟେନ ମନୋଜ ସାହୁ (ଆଇନ)ଙ୍କ ସମର୍ଥନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା ।

## ଟ୍ରକ ସହିତ କାର ଧକ୍କା, ଅଳ୍ପକେ ବର୍ତ୍ତିଲେ ଚାଳକ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଡ଼ାଇଭର୍ସନ ନିକଟରେ ଏକ କାରକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବା ଫଳରେ କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ପ୍ରକାଶଯେ ପାଣିକୋଇଲି ପଟୁ ଏକ କାର (ଓଡ଼ି୦୫ବିବି୨୫୧୨) ଯାଜପୁର ରୋଡ଼ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ଟ୍ରକ (ଓଡ଼ି୨୨ଜେଡ଼୫୫୬୯) ଉକ୍ତ କାରକୁ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଉକ୍ତ କାରଟି ଭାରସାମ୍ୟ ହରାଇ ରାସ୍ତାର ଡ଼ିଭାଇଡ଼ର ଉପରକୁ ଚଢିଯାଇଥିଲା । ଫଳରେ କାରର ଚାଳକ ଏକ ନିଶ୍ଚିତ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ । ସ୍ଥାନୀୟ ଜନସାଧାରଣ ଦୁର୍ଘଟଣା ସ୍ଥଳରେ ପହଂଚି ଉକ୍ତ କାର ଚାଳକଙ୍କୁ ସୁରକ୍ଷିତ ଭାବେ କାର ଭିତରୁ ଉଦ୍ଧାର କରିଥିଲେ ।

### ପ୍ରୟାସ ଦ୍ୱାଦଶ ସାମୂହିକ ବିବାହ ମହୋତ୍ସବ

## ବିବାହ ବନ୍ଧନରେ ବାନ୍ଧିହେଲେ ୧୮ ଯୋଡି

ଭୁବନେଶ୍ୱର, (ସବ୍ୟୁ) : ବିବାହ ଏକ ସାମାଜିକ ସ୍ୱୀକୃତି, ପରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା ଆଦି ସାମାଜିକ ପ୍ରତିବନ୍ଧକ କାରଣ, ମୁଖ୍ୟତଃ ବିବାହ କାର୍ଯ୍ୟ ସମ୍ପନ୍ନ ଓ ବୈବାହିକ ଜୀବନ ଅତିବାହିତରେ ମୁଖ୍ୟ ପ୍ରତିବନ୍ଧକ । ଏହାର ପ୍ରତିକାର ସ୍ୱରୂପ ନବଦମ୍ପତିଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜିଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା 'ପ୍ରୟାସ ସାମୂହିକ ବିବାହ'ର ଧ୍ୟେୟ । ଦୀର୍ଘ ୧୧ ବର୍ଷ ମଧ୍ୟରେ ପ୍ରାୟ ୨୯୫ ଗୋଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରି ସାରିଛି ପ୍ରୟାସ । ଚଳିତ ବର୍ଷ ୧୮ ଯୋଡ଼ି ନବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସମାଜର ସବୁ ବର୍ଗ, ଗୋଷ୍ଠୀ, ଜାତି, ବିଧବା, ଅର୍କମଣ୍ୟ ଓ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ 'ପ୍ରୟାସ' ପକ୍ଷରୁ ପ୍ରୟାସ କରାଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ସନ୍ଧ୍ୟାରେ ମଙ୍ଗନି, ମେହେନ୍ଦି ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆବେଦନ କରିଥିବା ବରବଧୂ ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ହୋଇଥିଲେ । ପୂର୍ବାହ୍ନ ୧୧ ଘଟିବାରେ ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୧୮ ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ । ବରବଧୂଙ୍କୁ ଆଶୀର୍ବାଦ କରିବାକୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ । ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଜେପି



ନେତା ଗୋଲକ ମହାପାତ୍ର, ସମାଜସେବୀ ନମ୍ରତା ଚଢ଼ା, କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ ପ୍ରୟାସର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଯୁବ ମାରୱାଡି ସଂଗଠନ ଓଡ଼ିଶା ଯୁବା ସେବା ସମିତି ଓ ମାରୱାଡି ମହିଳା ସମିତି ପକ୍ଷରୁ ସାମୂହିକ ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା । ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁରେଶ କୁମାର ପତ୍ରି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, ପ୍ରେମ ଅଗ୍ରୱାଲ, ଜସ୍ମିନ୍ ମହାନ୍ତି, ମମତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପ୍ରୟାସର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ଅନୁରୋଧ କରିଛନ୍ତି । ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

### ଅରୁନ୍ଧତୀ ଜୁଏଲର୍ସର ଭ୍ୟାଲେଣ୍ଟାଇନ୍ ଓ ବିବାହ ଋତୁ ପାଇଁ

## ନୂତନ ଅଭିନ୍ନିକା କଲେକ୍ସନର ଉନ୍ମୋଚନ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ସର୍ବବୃହତ୍ତ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ', ସର୍ବଦା ଓଡିଶାବାସୀଙ୍କ ପସନ୍ଦ ଓ ଚାହିଦାକୁ ଗୁରୁତ୍ୱ ଦେଇ ମନପସନ୍ଦର ସୁନାଗହଣା ସୁଲଭ ଗଢା ମଜୁରୀ ସହ ଭେଟିଦେଇ ଆସିଛି । ଆଗକୁ ଭ୍ୟାଲେଣ୍ଟାଇନ ସପ୍ତାହ ଓ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସର କଟକ ସ୍ଥିତ କ୍ୟାଣ୍ଟନମେଣ୍ଟ ଶାଖାରେ ଏକ ନୂଆ କଲେକ୍ସନ ଅଭିନ୍ନିକା ଗହଣାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅରୁନ୍ଧତୀ ଜୁଏଲର୍ସ ଦ୍ୱାରା ପ୍ରସ୍ତୁତ ଅଭିନ୍ନିକା ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ । ଜୀବନର ପ୍ରତ୍ୟେକ ସୁନ୍ଦର ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି । ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ଏକ ସୁନ୍ଦର ମିଶ୍ରଣ ସହ ଏଥିରେ ଉଭୟ ସୁନା ଏବଂ ହୀରା ଗହଣାର ହଜାରରୁ




ଉର୍ଦ୍ଧ୍ୱର୍ କଲେକ୍ସନ ମଧ୍ୟ ରହିଛି । ଏହି ଉତ୍ସବ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ଓ ଅବିଶ୍ୱସନୀୟ ଅଫର ମଧ୍ୟ ଘୋଷଣା କରାଯାଇଛି । ଏଥିରେ ସୁନା ଗହଣାର ଗଢା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବା ବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଭଳି ସର୍ବଶ୍ରେଷ୍ଠ ଅଫର ପ୍ରଦାନ କରାଯାଉଛି । ଡାଇମଣ୍ଡ ନୋକ୍ ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ, ଏହାର ହୀରା ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଉପଲବ୍ଧ ରହିଛି । ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୧.୪୯ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ, ବିଭିନ୍ନ ସୁନ୍ଦର ସୁନ୍ଦର କାନଫୁଲ ଓ ମୁଦି ମଧ୍ୟ ମାତ୍ର ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି । ଅରୁନ୍ଧତୀର ଅନ୍ୟାନ୍ୟ ଜୁଏଲାରୀ କଲେକ୍ସନ ପରି ସର୍ବୋତ୍ତମ କାରିଗରୀରେ ତିଆରି ଏହି ଅଭିନ୍ନିକା କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ । ଯେଉଁଠାରେ ଗ୍ରାହକମାନେ ନିଜ ମନପସନ୍ଦର ଗହଣା କିଣିବା ସହ ଏହି ସର୍ବଶ୍ରେଷ୍ଠ ଅଫରର ସୁଯୋଗ ପାଇ ପାରିବେ ।

## ବାଇକରୁ ଖସିପଡ଼ି ଯୁବକ ଆହତ

ପାଣିକୋଇଲି, (ସବ୍ୟୁ) : କୋରାଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଆଲିଆ ଛକ ନିକଟରେ ଏକ ବାଇକରୁ ଖସି ପଡି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ପ୍ରକାଶଯେ ଦୁଇ ଜଣ ବାଇକ ଆରୋହୀ ଯାଜପୁର ରୋଡ଼ରୁ ଭଦ୍ରକ ବାସୁଦେବପୁରକୁ ଯାଉଥିବା ବେଳେ କୌଣସି କାରଣରୁ ପଛରେ ବସିଥିବା ଉକ୍ତ ଆରୋହୀ ଜଣକୁ ବାଇକରୁ ଖସି ପଡ଼ି ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଜନସାଧାରଣ ତାଙ୍କୁ ସ୍ଥାନୀୟ ଏକ ବେସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରାଇ ପ୍ରାଥମିକ ଚିକିତ୍ସା କରାଇଥିଲେ ।

### ଭୁବନେଶ୍ୱରରେ ବଲିଉଡ ଷ୍ଟାର ମନୋଜ ପାହୱା ଏବଂ କୁମୁଦ ମିଶ୍ର

## ଫିଲ୍ମ 'ଅଶି' ଚଳଚ୍ଚିତ୍ରର ପ୍ରଚାର

ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ହିନ୍ଦୀ ଚଳଚ୍ଚିତ୍ର 'ଅଶି'ର ପ୍ରଚାର ଅଭିଯାନର ଏକ ଅଂଶ ଭାବରେ, ଜଣାଶୁଣା ଅଭିନେତା ମନୋଜ ପାହୱା ଏବଂ କୁମୁଦ ମିଶ୍ର ଭୁବନେଶ୍ୱର ଗସ୍ତ କରିଛନ୍ତି। ସେମାନେ ଏଠାରେ ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ତଥା ଡିଜିଟାଲ୍ ଇନଫ୍ଲୁଏନ୍ସରମାନଙ୍କ ସହ ମିଶିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମ 'ମଡର୍ଣ୍ଣ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଏମଆଇଟିଏମ) ପରିଦର୍ଶନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଅଭିନେତାମାନେ ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ସିନେମା, କାହାଣୀ କହିବାର ଶୈଳୀ ଏବଂ ବର୍ତ୍ତମାନ ସମୟରେ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଚଳଚ୍ଚିତ୍ରର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନଙ୍କଠାରୁ ଏହାକୁ ବେଶ୍ ଭଲ ପ୍ରତିକ୍ରିୟା ମିଳିଛି । ପରେ ମହାରାଜା ହଲ୍‌ରେ 'ଅଶି'ର ଏକ



ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଥିଲା ଏବଂ ଏହା ପରେ ଗଣମାଧ୍ୟମ ସହ ଏକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅଭିନେତାମାନେ ଚଳଚ୍ଚିତ୍ର, ସେମାନଙ୍କ ଚରିତ୍ର ଏବଂ 'ଅଶି' ପରଦାକୁ ଆଣୁଥିବା ଶକ୍ତିଶାଳୀ କାହାଣୀ ବିଷୟରେ ବିସ୍ତୃତ ଭାବରେ କହିଥିଲେ । ଚଳଚ୍ଚିତ୍ର ବିଷୟରେ କହିବାକୁ ଯାଇ ମନୋଜ ପାହୱା କହିଛନ୍ତି, "ଅଶି କେବଳ ଏକ ଚଳଚ୍ଚିତ୍ର ନୁହେଁ, ଏହା ଆମ ସମାଜର ଏକ ପ୍ରତିଛବି । ଏହା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି ଏବଂ ଆମକୁ କିଛି ଅସହଜ ସତ୍ୟକୁ ସଚ୍ଚୋଟତାର ସହ ଦେଖିବାକୁ ଅନୁରୋଧ କରିଛି । ଏଭଳି କାହାଣୀର ଅଂଶ ହେବା ଅତ୍ୟନ୍ତ ସନ୍ତୋଷଜନକ ଅଟେ । ଆହୁରି ମଧ୍ୟ ଅଭିନେତା କୁମୁଦ ମିଶ୍ର କହିଛନ୍ତି, "ଏହି ଚଳଚ୍ଚିତ୍ରଟି ସାହସିକ, ପ୍ରାସଙ୍ଗିକ ଏବଂ ଭାବପ୍ରବଣ ଅଟେ । ଅଶି ଏମିତି କିଛି ପ୍ରସଙ୍ଗ ବିଷୟରେ କଥା କୁହେ ଯାହା ପ୍ରାୟତଃ ଶୁଣାଯାଏ ନାହିଁ ଏବଂ ସିନେମାରେ ସେହି ସ୍ୱରକୁ ଜୋରଦାର କରିବାର ଶକ୍ତି ଅଛି । ଆମେ ଆଶା କରୁଛୁ ଦର୍ଶକମାନେ ଏହାର ବାର୍ତ୍ତା ସହିତ ନିଜକୁ ଯୋଡିପାରିବେ ।

## ୫୦,୦୦୦ ଗାଡ଼ି ବିକ୍ରିର ମାଇଲଖୁଣ୍ଟ ଅତିକ୍ରମ କଲା ସ୍କୋଡା କାଇଲାକ୍

ଭୁବନେଶ୍ୱର (ସବ୍ୟୁ): ମସିହାରେ ଏହାର ସର୍ବାଧିକ ସଫଳ ବିକ୍ରି ଏବଂ ନୂତନ କୁଶକ୍‌ର ର ବଜାର ପ୍ରବେଶ ପରେ ସ୍କୋଡା ଅଟୋ ଇଣ୍ଡିଆ ଏହାର ଉତ୍ପାଦଗୁଡ଼ିକର ସମ୍ପ୍ରସାରଣ ସହ ନିଜର ଅଭିବୃଦ୍ଧିର ଗତିକୁ ବଜାୟ ରଖିଛି । ୟୁରୋପୀୟ ଟେକ୍ନୋଲୋଜିକୁ ଭାରତୀୟ ସଡ଼କରେ ଲୋକପ୍ରିୟ କରିବା ପାଇଁ ବ୍ରାଣ୍ଡ ତା'ର ରଣନୀତିକୁ ଆହୁରି ଆଗକୁ ନେଇଛି । ଏହି କ୍ରମରେ କମ୍ପାନୀ ନିଜର ସବୁଠାରୁ ଅଧିକ ବିକ୍ରି ହେଉଥିବା କାର୍ କାଇଲାକ୍‌ର ନୂଆ ଭାରିଆଣ୍ଟଗୁଡ଼ିକୁ ବଜାରକୁ ଆଣି ଗ୍ରାହକମାନଙ୍କୁ ଅଧିକ ପ୍ରକାର, ଅଧିକ ବିକଳ୍ପ ଏବଂ ଉତ୍ତମ ମୂଲ୍ୟ ପ୍ରଦାନ କରିଛି । ଭାରତରେ ସ୍କୋଡା ଅଟୋର ସଫଳତା କାହାଣୀରେ କାଇଲାକ୍ ଏବେ ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଛି । ବଜାରକୁ ଆସିବା ପରଠାରୁ ୫୦,୦୦୦ରୁ ଅଧିକ ୟୁନିଟ୍ ବିକ୍ରି ହୋଇଥିବା କାଇଲାକ୍ ଭାରତରେ ସ୍କୋଡା ଅଟୋ ଭାରତକୁ ଆସିବାର ୨୫ ବର୍ଷରେ କମ୍ପାନୀର ସର୍ବକାଳୀନ ଶ୍ରେଷ୍ଠ ବିକ୍ରି ପ୍ରଦର୍ଶନରେ ମୁଖ୍ୟ ଅବଦାନ ଦେଇଛି । ସୁରକ୍ଷା, ଡ୍ରାଇଭିଂ ଡାଇନାମିକ୍ସ, ଟେକ୍ନୋଲୋଜି ଏବଂ ମୂଲ୍ୟର ସମନ୍ୱୟ କାଇଲାକ୍‌କୁ ଗ୍ରାହକମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତ କରିପାରିଛି, ଯାହା ଏହାକୁ ସବ୍-୪ଏମ୍ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରତିଷ୍ଠିତ କରିଛି । କାଇଲାକ୍‌ର ପ୍ରଥମ ବାର୍ଷିକୀ ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା କହିଛନ୍ତି, "କାଇଲାକ୍ ହେଉଛି ଭାରତ ପ୍ରତି ଆମର ଦୀର୍ଘକାଳୀନ ପ୍ରତିବଦ୍ଧତାର ଏକ ଦୃଢ଼ ପ୍ରମାଣ ଏବଂ ଏହା ମାଧ୍ୟମରେ ଆମେ ବଜାରର ସବୁଠାରୁ ପ୍ରତିଯୋଗିତାମୂଳକ ସେଗ୍‌ମେଣ୍ଟରେ ପ୍ରବେଶ କରିଛୁ । ୫୦,୦୦୦ ବିକ୍ରିର ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ଆମ ପାଇଁ ପ୍ରକୃତରେ ଏକ ଗୌରବର ବିଷୟ ଏବଂ ଏହା ସ୍କୋଡା ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ବିଶ୍ୱାସ ବଢ଼ିବାକୁ ପ୍ରତିଫଳିତ କରୁଛି ।

## କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ ଦୀର୍ଘସୂତ୍ରୀ ସମ୍ପତ୍ତି ସୃଷ୍ଟିରେ ୧୫ ବର୍ଷ ପୂରଣ କଲା

ଭୁବନେଶ୍ୱର (ସବ୍ୟୁ): କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍‌ଏଏମ୍‌ସି")/"କୋଟକ ମ୍ୟୁଚୁଆଲ ଫଣ୍ଡ") କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡର ଉଲ୍ଲେଖନୀୟ ୧୫ବର୍ଷ ସମ୍ପର୍କରେ ଘୋଷଣା କରିଛି । ଏହି ସ୍କିମ୍ ଏହାର ଆରମ୍ଭ ଦିନଠାରୁ ୧୬.୫୯% ପ୍ରଦାନ କରିଛି ଏବଂ ବହୁଧା ବଜାର ପରିବେଶରେ ଏକ ମଜଭୁତ ଦୀର୍ଘସୂତ୍ରୀ ପ୍ରଦର୍ଶନ ରେକର୍ଡ ନିର୍ମାଣ କରିଛି । ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କହିଥିଲେ, "କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ ୧୫ବର୍ଷ ପୂରଣ କରିବା ଆମମାନଙ୍କ ପାଇଁ ଏବଂ ଏହି ଫଣ୍ଡ ପ୍ରତି ପ୍ରତିବଦ୍ଧ ରହିଥିବା ପୁଞ୍ଜିନିବେଶକମାନଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଛି । ଫ୍ଲେକ୍ସିକ୍ୟାପ୍ ଏକ ବିଭାଗ ଭାବରେ ନିରନ୍ତର ଗୁରୁତ୍ୱପୂର୍ଣ୍ଣ ହୋଇ ରହିଆସିଛି, କାରଣ ଏହା ପୁଞ୍ଜିନିବେଶକଙ୍କୁ ସମସ୍ତ ବିଭାଗରେ ଭାରତର ଅଭିବୃଦ୍ଧି କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରୁଥିବାବେଳେ ବଜାର ପୁଞ୍ଜିକରଣ ଆବଣ୍ଟନ ନିଷ୍ପତ୍ତିଗୁଡିକ ଏକ ଅଭିଜ୍ଞ ପୁଞ୍ଜିନିବେଶକାରୀ ଟିମ୍ ଉପରେ ଛାଡିଦେଉଛି ।" ୨୦୨୫ ଡିସେମ୍ବର ୩୧ ତାରିଖ ସୁଦ୍ଧା କୋଟକ ଫ୍ଲେକ୍ସିକ୍ୟାପ୍ ଫଣ୍ଡ ଡାଇରେକ୍ଟ ପ୍ଲାନ୍- ଗ୍ରୋଥ ଅପ୍‌ସନ ୧୦ବର୍ଷ ମଧ୍ୟରେ ୧୫.୭୦% ସିଏଜିଆର୍ ଏବଂ ୫ ବର୍ଷରେ ୧୬.୮୭% ସିଏଜିଆର୍ ସୃଷ୍ଟି କରିଛି ।

## ତାପସ ମହାନ୍ତି ହେଲେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ

କଟକ, (ସ୍ୱପ୍ର): ସିଏମସିରେ ବିଜେଡି ସାଧାରଣ ସମ୍ପାଦକ ପଦରେ ଥିବା ବରିଷ୍ଠ ବିଜେଡି ନେତା ତାପସ ମହାନ୍ତି ଏବେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି । ଦୀର୍ଘ ଦିନ ଧରି ବିଜେଡି ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟକରି ଶେଷରେ ରାଜ୍ୟ ମୁଖୀଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଡେରିରେ ହେଲେବି ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ କଟକ ଜିଲ୍ଲାର ସାଧାରଣ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ କରିଛନ୍ତି । ଶ୍ରୀ ମହାନ୍ତି ଦୀର୍ଘ ୧୪ ବର୍ଷ ଧରି କଟକ ମହାନଗରର ସାଧାରଣ ସମ୍ପାଦକ ପଦରେ ରହି ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଦଳପତିଙ୍କ ଆସ୍ଥା ଜିତିଛନ୍ତି । ଫଳରେ ତାଙ୍କୁ ଏବେ



ମିଳିଛି କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପଦ । ଶ୍ରୀ ମହାନ୍ତି ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହଯୋଗୀ ଭାବେ କଟକରେ ବେଶ୍ ପରିଚିତ । ତାଙ୍କୁ ଏହି ପଦ ମିଳିବାପରେ ଚୌଦ୍ୱାର-କଟକ ନିର୍ବଚନମଣ୍ଡଳୀ ଓ ତମାମ କଟକରେ ବିଜେଡି ଶିବିରରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ଶ୍ରୀ ମହାନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ, ରାଜନୈତିକ ପରାମର୍ଶଦାତା ଡ଼ଃ ସନ୍ତୃପ୍ତ ମିଶ୍ର, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ ବିଶ୍ୱାଳ ଏବଂ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ସଫଳତାର ଶୀର୍ଷରେ ପହଞ୍ଚାଇବା କାର୍ଯ୍ୟ କରିବି ବୋଲି ଶ୍ରୀ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## କିଷ୍ଟରେ ୫ ଦିନିଆ ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଉଦ୍‌ଯାପିତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ କୋଣାର୍କ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ନ୍ୟାସ୍‌ନାଲ



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଙ୍ଗ ଆଣ୍ଡ ରିସର୍ଚ୍ଚ, କୋଲକାତା ସହ ଯୁଗ୍ମ ଭାବେ ଏନ୍‌ବିଏ କ୍ରେଡିଟେସନ୍ ଥ୍ରୁ ଆଉଟକମ୍ ବେସ୍ ଏଜୁକେସନ ବିଷୟରେ ୫ ଦିନିଆ ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଓଡିଶା ବିଧାନସଭାର ପୂର୍ବତନ ସଚିବ ଦଶରଥୀ ଶତପଥୀ, ସମ୍ମାନିତ ଅତିଥି ଓଏଏସ୍‌ଏସ୍‌ଏଜି ଶୁକାନ୍ତ କୁମାର ପ୍ରଧାନ, କିଷ୍ଟର ଡିନ୍ ପ୍ରଫେସର୍ ଡ. ଏସ୍. ଏନ୍ ପଟ୍ଟନାୟକ, ପ୍ରିନ୍ସିପାଲ ପ୍ରଫେସର୍ ଡ. ପି.ଏସ୍ ଖୁଡିଆ ଓ ଏସ୍‌ଡବ୍ଲ୍ୟୁଓ ଇଂ ଅନିଲ ପାଣିଗ୍ରାହୀଙ୍କ ସହ ବହୁ ପଦାଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଏବିଏ ମାନଦଣ୍ଡ ଅନୁସାରେ ଆଉଟକମ୍ ବେସ୍ ଶିକ୍ଷା ପ୍ରଣାଳୀରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି କରିବା । ପା ଦିନ ଧରି ଏନ୍‌ବିଏ ଡକ୍ୟୁମେ ସନ୍, ପ୍ରୋଗ୍ରାମ ଆଉଟକମ୍, କୋର୍ସ ଆଉଟକମ୍ ମ୍ୟାପିଂ, ମୂଲ୍ୟାଙ୍କନ ପ୍ରଣାଳୀ ଏବଂ ଏକ୍ରେଡିଟେସନ୍ ସମ୍ବନ୍ଧୀୟ ବିଭିନ୍ନ ପ୍ରୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସିଏସ୍‌ଇଆର୍ ର ସିନିୟର ପ୍ରିନ୍ସିପାଲ ସାଇଣ୍ଟ ପ୍ରଫେସର ଡ. ଶିସିର ମନ୍ତ୍ରୀ ଏବଂ ମୁଖ୍ୟବକ୍ତା ଭାବେ ରିସୋର୍ସ ପର୍ସନ ପ୍ରଫେସର ଡ. ଆର୍ ସୁନ୍ଦରାଓ ଯୋଗଦାନ କରି ଆଉଟ୍‌କମ୍ ବେସ୍ ଶିକ୍ଷାର ଗୁରୁତ୍ୱ ଓ ଗୁଣାତ୍ମକ ଟେକ୍ନିକାଲ ଶିକ୍ଷାରେ ଏହାର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଏହି ୱାର୍କସପ୍‌ରେ ଅଂଶଗ୍ରହୀ ଶିକ୍ଷକମାନେ ନୂତନ ଅଭିଜ୍ଞତା ଅର୍ଜନ କରିଛନ୍ତି ।

## ଏଜିଏଲ୍ କୁ ଅଧିଗ୍ରହଣ କଲା ଆଇଜିଆଇ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ବିଶ୍ୱସ୍ତ ସ୍ୱାଧୀନ ହୀରା ଗ୍ରେଡିଂ ଏବଂ ପ୍ରମାଣପତ୍ର ସଂଗଠନ ମଧ୍ୟରୁ ଗୋଟିଏ, ଇଂଟରନ୍ୟାସନାଲ୍ ଜେମୋଲୋଜିକାଲ୍ ଇନଷ୍ଟିଚ୍ୟୁଟ୍ (ଆଇଜିଆଇ), ଆଜି ରଙ୍ଗୀନ-ଜେମଷ୍ଟୋନ୍ ବିଶ୍ଳେଷଣ ଏବଂ ଉତ୍ପତ୍ତି ରିପୋର୍ଟିଂରେ ଏକ ବିଶ୍ୱସ୍ତରୀୟ ଲିଡର ଆମେରିକାନ୍ ଜେମୋଲୋଜିକାଲ୍ ଲାବୋରେଟୋରୀ (ଏଜିଏଲ୍) ର ଅଧିଗ୍ରହଣ ଘୋଷଣା କରିଛି । ଏହି କାରବାର ରଙ୍ଗୀନ ରତ୍ନପଥରରେ ଗଭୀରତମ ବୈଜ୍ଞାନିକ ବିଶେଷଜ୍ଞତା ସହିତ ଅତୁଳନୀୟ ବିଶ୍ୱସ୍ତରୀୟ ସ୍କେଲ ଏବଂ ଭିତିଭୂମିକୁ ଏକତ୍ରିତ କରେ, ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ପ୍ରମାଣପତ୍ର ଏବଂ ବିଶ୍ୱାସର ଅଗ୍ରଭାଗରେ ମିଳିତ ଗୋଷ୍ଠୀକୁ ସ୍ଥାନିତ କରେ । ଏହି ଅଧିଗ୍ରହଣ ଏକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ପ୍ଲାଟଫର୍ମ ସୃଷ୍ଟି କରେ ଯାହା ଆଇଜିଆଇ ର ଶିଳ୍ପ-ଅଗ୍ରଣୀ ସ୍କେଲ, ଭିତିଭୂମି ଏବଂ ବଜାର ପହଂଚକୁ ଏଜିଏଲ୍ ର ଗଭୀର ବୈଜ୍ଞାନିକ ବିଶେଷଜ୍ଞତା ଏବଂ ରଙ୍ଗୀନ ରତ୍ନପଥରରେ ଅଗ୍ରଣୀ ନେତୃତ୍ୱ ସହିତ ମିଶ୍ରଣ କରେ । ଏକତ୍ର, ଆଇଜିଆଇ ଏବଂ ଏଜିଏଲ୍ ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ବର୍ଦ୍ଧିତ ବିଶ୍ୱାସ, ସ୍ୱଚ୍ଛତା ଏବଂ ନବସୃଜନ ପ୍ରଦାନ କରିବ, ଯେତେବେଳେ ଉଭୟ ସଂଗଠନକୁ ଆଧାର କରୁଥିବା ବୈଜ୍ଞାନିକ ସ୍ୱାଧୀନତା ଏବଂ ଅଖଣ୍ଡତାକୁ ସଂରକ୍ଷଣ କରିବ ।

## ଧର୍ମପରାୟଣା ସରସ୍ୱତୀ ଦାସଙ୍କ ପରଲୋକ

କଟକ, (ସ୍ୱପ୍ର): ଧର୍ମପରାୟଣା ମହିଳା ସରସ୍ୱତୀ ଦାସଙ୍କ ଶନିବାର ତାଙ୍କ କଟକ ଅନ୍ଦରପୁର ଦୁଲ୍ଲାଦେଇ ରୋଡ ସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ ଜଣେ ମିଷ୍ଟଭାସୀ, ଧର୍ମପରାୟଣା ମହିଳାଭାବେ ସମଗ୍ର ଅଞ୍ଚଳରେ ଜଣାଶୁଣା ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ଗତ କିଛି ଧରି ସାମାନ୍ୟ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ । ମତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ନଗେନ ଦାସ, ଗଗନ ଦାସ, ବୋହୁ ଦେବସ୍ମିତା ମହାନ୍ତି, ରୋଜାଲିନ ଦାସ, ଦିଅର ବିନୟ କୁମାର ଦାସ, ନାତି, ନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ପରଲୋକଗତ ଖବର ପ୍ରଘଟ ହେବା ପରେ ସ୍ୱର୍ଗତା ଦାସଙ୍କ



ବାସଭବନରେ ବହୁ ଲୋକଙ୍କ ଭିଡ ଜମିଥିଲା । ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ୫୩ ନମ୍ବର ଓ୍ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ଦୁଲ୍ଲାଦେଇ ଡେଭଲପମେଣ୍ଟ କମିଟି ସଭାପତି ଭାଗ୍ୟଧର ବ୍ରହ୍ମା, ସମ୍ପାଦକ ପ୍ରଣାକୃଷ୍ଣ ଜେନା, ସାହୀଅଧିକାରୀ ପ୍ରମୋଦ କୁମାର ଭୋଳ, ବିନୋଦ ଦାସ ପ୍ରମୁଖ ପହଞ୍ଚି ତାଙ୍କ ମରାଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ତାଙ୍କୁ ଏକ ସୁସଜ୍ଜିତ ଗାଡିରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ନଗେନ ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଜୁନ୍ ସୁଦ୍ଧା ଯୁଦ୍ଧ ଶେଷ କରିବାକୁ ଚାହୁଁଛି ଆମେରିକା

କିବ୍ : ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ଆମେରିକା ୟୁକ୍ରେନ ଓ ରୁଷକୁ ଯୁଦ୍ଧ ସମାପ୍ତ କରିବା ପାଇଁ ଜୁନ୍ ମାସର ନୂତନ ସମୟସୀମା ଦେଇଛି। ଜେଲେନସ୍କିଙ୍କ ଅନୁଯାୟୀ, ଆମେରିକା ପ୍ରଶାସନ ଚାହୁଁଛି ଯେ, ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ହେଉ। ସେ ଏହା ମଧ୍ୟ କହିଛନ୍ତି, ଆସନ୍ତା ସପ୍ତାହରେ ଦୁଇ ଦେଶକୁ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଡକାଯାଇଛି। ଜେଲେନସ୍କି ଗଣମାଧ୍ୟମକୁ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଜୁନ୍ ସୁଦ୍ଧା ଏକ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ୟୁକ୍ରେନ ଓ ରୁଷ ଉଭୟଙ୍କୁ ଚାପ ପକାଇବେ। ଆମେରିକା ଚାହୁଁଛି ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେଉ। ଟ୍ରମ୍ପ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ ସମୟସୀମା ଚାହାନ୍ତି। ଯଦି ଜୁନ୍ ସୁଦ୍ଧା କୌଣସି



ଚୁକ୍ତିନାମାରେ ନପହଞ୍ଚା ଯାଏ, ତେବେ ଆମେରିକା ଉଭୟ ପକ୍ଷ ଉପରେ ଆହୁରି ଚାପ ପକାଇପାରେ

ଜେଲେନସ୍କି ମନେ ପକାଇ ଦେଇଛନ୍ତି, ରାଷ୍ଟ୍ରପତି ହେବା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ କହିଥିଲେ, ସେ ୨୪ଘଣ୍ଟା ମଧ୍ୟରେ ଯୁଦ୍ଧ ସମାପ୍ତ କରିବେ। ପରେ ୟୁକ୍ରେନ ପାଇଁ ତାଙ୍କର ସ୍ୱତନ୍ତ୍ର ଦୂତ କିଥ୍ କେଲୋଗ୍ କହିଥିଲେ, ଟ୍ରମ୍ପଙ୍କ ଶପଥ ଗ୍ରହଣର ୧୦୦ ଦିନ ମଧ୍ୟରେ ଏକ ଚୁକ୍ତି ହୋଇପାରେ। ମାତ୍ର ଏହି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ପରବର୍ତ୍ତୀ ସମୟରେ ଆମେରିକା ଗତ ବର୍ଷ ଅଗଷ୍ଟରେ ଏକ ନୂତନ ସମୟସୀମା ସ୍ଥିର କରିଥିଲା, କିନ୍ତୁ ତାହା ମଧ୍ୟ କୌଣସି ଫଳାଫଳ ବିନା ଶେଷ ହୋଇଯାଇଥିଲା। ଡିସେମ୍ବରରେ, ଟ୍ରମ୍ପ ଦାବି କରିଥିଲେ, ଏକ ଶାନ୍ତି ଚୁକ୍ତିନାମା ପ୍ରାୟ ୯୫% ପ୍ରସ୍ତୁତ, ତଥାପି ଯୁଦ୍ଧ ଜାରି ରହିଛି।

ଚଳିତ ସପ୍ତାହରେ, ଆବୁଧାବିରେ ଆମେରିକା ନେତୃତ୍ୱରେ ଦୁଇ ଦିନିଆ ଶାନ୍ତି ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ବୈଠକ କୌଣସି ବଡ଼ ଫଳାଫଳ ଦେଇ ନଥିଲେ ମଧ୍ୟ, ୟୁକ୍ରେନର ରାଷ୍ଟ୍ରପତି କାର୍ଯ୍ୟାଳୟର ମୁଖ୍ୟ କିରିଲୋ ବୁଡାନୋଭ କହିଥିଲେ, ତ୍ରିପାକ୍ଷିକ ଆଲୋଚନା ସକାରାତ୍ମକ ଥିଲା। ଜେଲେନସ୍କି କହିଛନ୍ତି. ଟ୍ରମ୍ପ ପ୍ରଶାସନ ଏବେ ଆମେରିକାରେ ପରବର୍ତ୍ତୀ ଶାନ୍ତି ଆଲୋଚନା କରିବାକୁ ପ୍ରସ୍ତାବ ଦେଉଛି।

ଏହି ବୈଠକ ଆସନ୍ତା ସପ୍ତାହରେ ମିଆମିରେ ହୋଇପାରେ। ସେ ଏଥିରେ ଯୋଗଦେବା ପାଇଁ ଆମେରିକା ଯିବେ। ଜେଲେନସ୍କି ଏହା ମଧ୍ୟ ସଙ୍କେତ ଦେଇଛନ୍ତି ଯେ, ଜୁନ୍ ମାସର ସମୟସୀମା ଟ୍ରମ୍ପଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅଭିଯାନ ସହିତ ଜଡିତ ହୋଇପାରେ। ସେ କହିଛନ୍ତି, ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଆମେରିକା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ରୁଷ ପ୍ରକୃତରେ ଯୁଦ୍ଧ ସମାପ୍ତ କରିବାକୁ ଚାହୁଁଛି, ତେବେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଜରୁରୀ ବୋଲି ସେ କହିଛନ୍ତି।

# ଘରୋଇ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ

ବେଙ୍ଗାଲୁରୁ: ପୁଣି ଏକ ବିମାନ ଦୁର୍ଘଟଣା ସାମ୍ନାକୁ ଆସିଛି । କର୍ଣ୍ଣାଟକର ବିଜୟପୁରାରେ ଏକ ଘରୋଇ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି । ରବିବାର ବିଜୟପୁରା ଜିଲ୍ଲାର ବାଲେଶ୍ୱର ତାଲୁକାର ମଙ୍ଗଲୋର ଗାଁରେ ଏହି ଘଟଣା ଘଟିଛି । ଆହତମାନଙ୍କୁ କ୍ୟାପ୍ଟେନ୍ ଏବଂ ତାଲିମପ୍ରାପ୍ତ ପାଇଲଟ୍ ଭାବରେ ଚିହ୍ନଟ କରାଯାଇଛି ।

ବର୍ତ୍ତମାନ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ବିଷୟରେ ସୂଚନା ପାଇବା ପରେ ବାଲେଶ୍ୱର ପୋଲିସର ଏକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣାଟି ବାଲେଶ୍ୱର ପୋଲିସ ଷ୍ଟେସନର କ୍ଷେତ୍ରାଧିକାର ମଧ୍ୟରେ ଘଟିଛି । ତାଲିମ ବିମାନ ଦୁର୍ଘଟଣାର କାରଣ ସମ୍ପର୍କରେ ଅଧିକ ସୂଚନା ଅପେକ୍ଷା କରାଯାଇଛି ।

ଘଟଣାର ତଦନ୍ତ କରୁଥିବା ପୋଲିସ ଅଧିକାରୀ କହିଛନ୍ତି,



“ଏହା ରେଡ୍ ବାର୍ଡ ଆଭିଏସନ୍ ମାଲିକାନାରେ ଥିବା ଏକ ଘରୋଇ ବିମାନ । ଏହା କଲବୁର୍ଗିରୁ ବେଲଗାଭି ଯାଉଥିବା ବେଳେ ଏହାର ଇଞ୍ଜିନରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲା ଏବଂ ଏହା ହଠାତ୍ ଦୁର୍ଘଟଣାଗ୍ରସ୍ତ ହେଲା । ପୋଲିସ କହିଛି ଯେ ଇଞ୍ଜିନ୍ ଫେଲ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ତଥାପି, ଘଟଣାର ତଦନ୍ତ କରାଯାଉଛି ।

# ୨୮ କିଲୋମିଟର ସମୁଦ୍ର କରିଡର ନିର୍ମାଣ କଲା ଚୀନ

ବେଜିଂ: ଚୀନ୍ ସମୁଦ୍ର ମଝିରେ ଏକ ଅଦ୍ଭୁତ ଉଦାହରଣ ଉପସ୍ଥାପନ କରି ଆଧୁନିକ ସାମୁଦ୍ରିକ ଇଞ୍ଜିନିୟରିଂ ପ୍ରକଳ୍ପ ତାଲିକାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି କରିଡରକୁ ଗ୍ରେଟର ବେ ଏରିଆରେ ଆଞ୍ଚଳିକ ସଂଯୋଗ ଭିତ୍ତିଭୂମିକୁ ବିକଶିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ୨୮ କିଲୋମିଟର ଲମ୍ବା ସେନଜେନ-ଝୋଙ୍ଗସାନ ଲିଙ୍କ୍ ଏବେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ଅନ୍ତର୍ଭୁକ୍ତ ୬.୮ କିଲୋମିଟର ଲମ୍ବା ଜଳମଗ୍ନ ସୁଡ଼ଙ୍ଗ ରହିଛି। ଚୀନ୍ ଦ୍ୱାରା ଉନ୍ମୋଚିତ ଏହି କରିଡର କେବଳ ଲମ୍ବା ନୁହେଁ ବରଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଉନ୍ନତ ବୋଲି ବିବେଚନା କରାଯାଉଛି। ଏହି ସେତୁରେ କୃତ୍ରିମ ଦ୍ୱୀପପୁଞ୍ଜ ଏବଂ ପାଣି ତଳେ ସୁଡ଼ଙ୍ଗର ଏକ ଅନନ୍ୟ ମିଶ୍ରଣ ରହିଛି। ଏହି ବିଶାଳ ଭିତ୍ତିଭୂମି ଦୁଇଟି ପ୍ରମୁଖ ସହର ମଧ୍ୟରେ ଦୂରତା ଓ ସମୟକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି। କରିଡରର ସବୁଠାରୁ ବଡ଼ ସଫଳତା ହେଉଛି ଏହା ଦୁଇ ଘଣ୍ଟାର ଯାତ୍ରାକୁ ୨୦ ମିନିଟକୁ



ହ୍ରାସ କରିଛି। ଏହା ବ୍ୟବସାୟିକ କାର୍ଯ୍ୟକଳାପକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ସମୁଦ୍ର ସଂଯୋଗ ଏବେ ସମଗ୍ର ଅଞ୍ଚଳର ଆର୍ଥିକ ପ୍ରଗତି ଓ ପରିବହନ ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ପାଲଟିଛି। ପ୍ରକଳ୍ପର ଡିଜାଇନ୍ ଆକାଶରୁ ସମୁଦ୍ର ଉପରେ ଉଡୁଥିବା ଏକ ବିଶାଳ ପକ୍ଷୀ ଅବା ଏକ ଚିଲ ପରି ଦେଖାଯାଉଛି। ଏହାକୁ ନୂଆ ଇଞ୍ଜିନିୟରିଂ ମାନଦଣ୍ଡ ଅନୁଯାୟୀ ନିର୍ମାଣ କରାଯାଇଛି। ଏହା ଭୟଙ୍କର ସମୁଦ୍ର ଝଡ଼ ଓ ବଡ଼ ଜୁଆର ସହ୍ୟ କରିପାରିବ। ସୁରକ୍ଷା ଓ ସୁଗମ ଟ୍ରାଫିକ୍ ଚଳାଚଳକୁ ସୁନିଶ୍ଚିତ କରିବା ପାଇଁ, ଏହି ଲିଙ୍କ୍ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇଛି। ସମୁଦ୍ର ତଳ ସୁଡ଼ଙ୍ଗଗୁଡ଼ିକର ଦୈନନ୍ଦିନ ଯାଞ୍ଚ କରିବା ପାଇଁ ଉନ୍ନତ ରୋବୋଟ ନିୟୋଜିତ କରାଯାଇଛି। ଚ୍ୟାଲେଞ୍ଜିଂ ପ୍ରକଳ୍ପକୁ ନିର୍ମାଣ କରିବା ପାଇଁ ଚୀନ୍କୁ ୧୪ ବର୍ଷରୁ ଅଧିକ ସମୟ ଲାଗିଥିଲା । ଏହି ସମୟ ମଧ୍ୟରେ ୧୫,୦୦୦ ରୁ ଅଧିକ ଶ୍ରମିକ ଏହି ଇଞ୍ଜିନିୟରିଂ ଆଶ୍ଚର୍ଯ୍ୟକୁ ବାସ୍ତବରେ ପରିଣତ କରିବା ପାଇଁ ଦିନରାତି ପରିଶ୍ରମ କରିଥିଲେ। ଏଥିରେ ଅନେକ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ସମ୍ପୂର୍ଣ୍ଣ ଲିଙ୍କ୍ଟି ପ୍ରାୟ ୧୩୭,୦୦୦ ବର୍ଗ ମିଟରର ଏକ ବିସ୍ତୃତ କ୍ଷେତ୍ରରେ ନିର୍ମାଣ କରାଯାଇଛି। ଏହା ପ୍ରାୟ ୧୯ଟି ଫୁଟବଲ୍ ପଡ଼ିଆ ସହିତ ସମାନ। ଲିଙ୍ଗ୍ଡିଙ୍ଗୟାଙ୍ଗର ଜଳରାଶିରେ ଅବସ୍ଥିତ ଚୀନ୍ର ପଶ୍ଚିମ କୃତ୍ରିମ ଦ୍ୱୀପ ଏବେ ଉପସାଗର ଅଞ୍ଚଳରେ ଏକ ନୂତନ ସାମୁଦ୍ରିକ ଲ୍ୟାଣ୍ଡମାର୍କ ପାଲଟିଛି। ଏହା ସ୍ଥାନୀୟ ଅର୍ଥବ୍ୟବସ୍ଥାର ବିକାଶ ପାଇଁ ନୂଆ ବାଟ ଫିଟାଇଛି।

## ଡାକ୍ତରଙ୍କୁ ନୂଆ ଦାୟିତ୍ୱ

ଯୋଧପୁର: ରାଜସ୍ଥାନର ଯୋଧପୁର ଏବଂ ଜୈସଲମେରରେ ଡାକ୍ତରମାନଙ୍କୁ ବର୍ତ୍ତମାନ ରୋଗୀଙ୍କର ଚିକିତ୍ସା କରିବା ସହ ବୁଲା କୁକୁରଙ୍କୁ ମଧ୍ୟ ହସ୍ପିଟାଲ ପରିସରରୁ ଘଉଡ଼ାଇବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ହସ୍ପିଟାଲ ଡାକ୍ତରମାନଙ୍କୁ ନୋଡାଲ ଅଧିକାରୀ ଭାବରେ ନିଯୁକ୍ତ ମଧ୍ୟ କରାଯାଇଛି।

# ଏପଷ୍ଟାଇନ ଲିଙ୍କରେ ଧର୍ମଗୁରୁ ଦଲାଇ ଲାମାଙ୍କ ନାଁ

ନୂଆଦିଲ୍ଲୀ: ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ନାଁ ଏବେ ଏପଷ୍ଟାଇନ ଫାଇଲ୍ସରେ ପ୍ରକାଶ ପାଇଛି। ଯାହା ଆମେରିକା ସମେତ ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରୁଛି। ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ଜାରି ଏପଷ୍ଟାଇନ ଫାଇଲ୍ସ ଦଲିଲରେ ଦଲାଇ ଲାମାଙ୍କ ନାମ ୧୬୯ ଥର ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ପରେ ସୋସିଆଲ ମିଡିଆ ମଧ୍ୟ ସରଗରମ ହୋଇପଡ଼ିଛି। ଯାହାକୁ ନେଇ ପ୍ରେସ ବିବୃତ୍ତି ଜାରି କରି ସ୍ପଷ୍ଟୀକରଣ ରଖିଛନ୍ତି ଦଲାଇଲାମା।

ଏପଷ୍ଟାଇନ ଫାଇଲ୍ସରେ ତାଙ୍କ ନାମ ପ୍ରକାଶିତ ହେବା ପରେ ଦଲାଇଲାମା ଏକ ପ୍ରେସ ନୋଟ୍ ଜାରି କରି କହିଛନ୍ତି ଯେ “ସାମ୍ପ୍ରତିକ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ ଧର୍ମଗୁରୁ ଦଲାଇଲାମାଙ୍କୁ ଜେଫ୍ରି ଏପଷ୍ଟାଇନଙ୍କ ସହିତ ଯୋଡ଼ିବାକୁ ଚେଷ୍ଟା କରୁଛି। ଆମେ ସ୍ପଷ୍ଟ କରୁଛୁ ଯେ ସେ କେବେ ଜେଫ୍ରି ଏପଷ୍ଟାଇନଙ୍କୁ ଭେଟି ନାହାଁନ୍ତି କିମ୍ବା ତାଙ୍କ ପକ୍ଷରୁ ଭେଟିବା କିମ୍ବା ଯୋଗାଯୋଗ କରିବା ପାଇଁ କାହାକୁ ଅନୁମତି ଦେଇନାହାଁନ୍ତି।” ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ପ୍ରକାଶିତ ଦଲିଲରେ ୧୬୯ ଥର ଦଲାଇଲାମାଙ୍କ ନାଁ ଉଠିଛି। ଯାହାକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା। ଯାହାପରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ତୁରନ୍ତ ଏକ ପ୍ରେସ୍ ବିବୃତ୍ତି ଜାରି କରି ଏପଷ୍ଟାଇନ୍ ଫାଇଲରେ ଥିବା ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ଖଣ୍ଡନ କରିଥିଲା।

# ମୃତ ଇନିସପେକ୍ଟରଙ୍କ ପୁଅକୁ ମିଳିବ ଚାକିରି, ଆହତଙ୍କୁ ୧ଲକ୍ଷ ଟଙ୍କା

ଫରିଦାବାଦ: ହରିୟାଣାର ଫରିଦାବାଦରେ ଚାଲିଥିବା ପ୍ରସିଦ୍ଧ ସୂରଜକୁଣ୍ଡ ମେଳାରେ ଶନିବାର ଭୀଷଣ ଦୁର୍ଘଟଣା ଘଟିଥିଲା। ମେଳାରେ ଲାଗିଥିବା ଡ୍ରାଗନ ଝୁଲା ଭାଙ୍ଗିପଡିବାରୁ ଜଣେ ପୋଲିସ ଇନିସପେକ୍ଟରଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୩ ଜଣ ଆହତ ହୋଇଥିଲେ। ହରିୟାଣା ସରକାରଙ୍କ ମନ୍ତ୍ରୀ ରାଜେସ ନାଗର ରବିବାର ମେଳା ସ୍ଥଳ ପରିଦର୍ଶନ କରିବା ସହ ମୃତାହତଙ୍କ ନିମନ୍ତେ କ୍ଷତିପୂରଣ ଘୋଷଣା କରିଛନ୍ତି। ନାଗର କହିଛନ୍ତି ଯେ ସରକାର ଆହତମାନଙ୍କର ଚିକିତ୍ସା ବାବଦ ବ୍ୟୟ ବହନ କରିବେ। ଏହା ଛଡା ପ୍ରତି ଆହତଙ୍କୁ ନଗଦ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଇନିସପେକ୍ଟରଙ୍କ ପରିବାର ପ୍ରତି ମଧ୍ୟ ମନ୍ତ୍ରୀ ସହାନୁଭୂତି ଦେଖାଇଛନ୍ତି, କହିଛନ୍ତି ତାଙ୍କ ପରିବାରର ଜଣକୁ ସରକାରୀ ଚାକିରୀ ଓ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ମାମଲାର ତଦନ୍ତ ପାଇଁ ଯାଞ୍ଚ କମିଟି ଗଠନ କରାଯାଇଛି। ଏହି ଯାଞ୍ଚରେ ଯିଏ ବି ଦୋଷୀ ଜଣାପଡିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଝୁଲା ଦୁର୍ଘଟଣା ନେଇ ଏସପି ଦିନେଶ କୁମାର ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଦୁର୍ଘଟଣା ସନ୍ଧ୍ୟା ୬ଟାରୁ ୬ଟା ୧୫ ମଧ୍ୟରେ ହୋଇଥିଲା। ଦୁର୍ଘଟଣା କାଳରେ ଝୁଲାରେ ୧୨-୧୩ ଜଣ ଲୋକ ଥିଲେ। ଅଚାନକ ଝୁଲାର ଗୋଟିଏ ଅଂଶ ଭାଙ୍ଗିପଡିଥିଲା। ଏହି ଦୁର୍ଘଟଣା ଘଟିବାମାତ୍ରେ ଘଟଣାସ୍ଥଳରେ ଡ୍ୟୁଟିରେ ଥିବା ଇନିସପେକ୍ଟର, ଦୁଇଜଣ ଏଏସଆଇ, ଜଣେ ସାମରିକ କର୍ମଚାରୀ ଓ ୨ ଜଣ ମହିଳା ତୁରନ୍ତ ଉଦ୍ଧାର କାର୍ଯ୍ୟ ଚଳାଇବା ପାଇଁ ଝୁଲାକୁ ଚଢି ଯାଇଥିଲେ।

# ୭୫ ବର୍ଷ, ଇସ୍ତଫା, ଅବସର ନେଇ ମୋହନ ଭାଗବତଙ୍କ ବଡ଼ ମନ୍ତବ୍ୟ

ନୂଆଦିଲ୍ଲୀ: ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ପୁଣି ଥରେ ୭୫ ବର୍ଷ ବୟସ ଓ ଅବସର ସମ୍ପର୍କରେ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ପାଳନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଯଦି ଆରଏସ୍ଏସ୍ ତାଙ୍କୁ ପଦ ଛାଡିବାକୁ କୁହେ ତେବେ ସେ ଇସ୍ତଫା ଦେବେ। ସଂଗଠନ ନିଜେ ତାଙ୍କୁ ବୟସ ସତ୍ତ୍ୱେ କାମ ଜାରି ରଖିବାକୁ କହିଛି। ଏହି ଅବସରରେ, ସେ ଆଉ ଏକ ବକ୍ତବ୍ୟ ଦେଇଥିଲେ ଯାହାକୁ ଏକ ସରଳ ବାର୍ତ୍ତା ଅପେକ୍ଷା ଏକ ବଡ଼ ବାର୍ତ୍ତା ଭାବରେ ଦେଖାଯାଉଛି। ମୋହନ ଭାଗବତ କହିଛନ୍ତି ଯେ, ଆର୍ଏସ୍ଏସ୍ ମୁଖ୍ୟ ପଦ ପାଇଁ କୌଣସି ନିର୍ବାଚନ ହୁଏ ନାହିଁ। ତାଙ୍କୁ ଆଞ୍ଚଳିକ ଓ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିଯୁକ୍ତ କରାଯାଏ। ତଥାପି, ସାଧାରଣତଃ ସଂଘରେ ଏହା ବିଶ୍ୱାସ କରାଯାଏ ଯେ, ୭୫ ବର୍ଷ ବୟସ ପରେ, କୌଣସି ପଦବୀରେ ନ ରହି କାମ କରିବା ଉଚିତ। ଆର୍ଏସ୍ଏସ୍ ମୁଖ୍ୟଙ୍କ ଏହି ବକ୍ତବ୍ୟ ଆଉ ଏକ ବିତର୍କ ସୃଷ୍ଟି କରିବାର ସମ୍ଭାବନା ରହିଛି। ସେ କହିଛନ୍ତି, ମୁଁ ୭୫ ବର୍ଷ ବୟସରେ ପହଞ୍ଚିଛି। ମୁଁ ସଂଘକୁ ଏହା ବିଷୟରେ ଜଣାଇଥିଲି। କିନ୍ତୁ ସଂଗଠନ ମୋତେ କାମ ଜାରି ରଖିବାକୁ



କହିଥିଲା। ତେଣୁ, ଯେତେବେଳେ ବି ଆର୍ଏସ୍ଏସ୍ ମୋତେ ପଦ ଛାଡିବାକୁ କହିବ, ମୁଁ ଇସ୍ତଫା ଦେବି। ତଥାପି, କାର୍ଯ୍ୟରୁ ଅବସର କେବେ ବି ନିଆଯିବ ନାହିଁ। ସମସ୍ୟା ଉପରେ ଚିନ୍ତା କରିବା ପରିବର୍ତ୍ତେ, ଆମକୁ ସମାଧାନ ଖୋଜିବା ଉପରେ ଧ୍ୟାନ ଦେବା ଉଚିତ। ସଂଘ ଏହାର ସ୍ୱେଚ୍ଛାସେବକମାନଙ୍କୁ ରକ୍ତର ଶେଷ ବିନ୍ଦୁ ପର୍ଯ୍ୟନ୍ତ କାମ କରାଇଥାଏ। ଆର୍ଏସ୍ଏସ୍ର ଇତିହାସରେ ଏପରି ପରିସ୍ଥିତି କେବେ ଆସିନାହିଁ ଯେଉଁଠାରେ କାହାକୁ ଅବସର ନେବାକୁ ପଡିଛି। ଆମେ ଆମର ପ୍ରଚାରରେ ପଛରେ ପଡ଼ିଯାଇଛୁ। ଅତ୍ୟଧିକ ପ୍ରଚାର ପ୍ରସିଦ୍ଧି ଆଣିଥାଏ, କିନ୍ତୁ ଏହା ଅହଂକାର ମଧ୍ୟ ସୃଷ୍ଟି କରେ। ଏହାକୁ ଏଡାଇବା ଗୁରୁତ୍ୱପୂର୍ଣ୍ଣ। ପ୍ରଚାର ବର୍ଷା ପରି ହେବା ଉଚିତ। ସମୟ ଓ ପରିମାଣ ଉଭୟରେ ଉପଯୁକ୍ତ ହେବା ଜରୁରୀ। ଆର୍ଏସ୍ଏସ୍ର କାମ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା, ନିର୍ବାଚନ ପ୍ରଚାର ନୁହେଁ।

# କାର ଭିତରେ ୩ ମୃତଦେହ

ନୂଆଦିଲ୍ଲୀ: ଦିଲ୍ଲୀର ପିରାଗାଡ଼ୀ ଫ୍ଲାଏଓଭର ନିକଟରେ ଏକ କାରରୁ ୩ ମୃତଦେହ ମିଳିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଏବଂ ଦୁଇଜଣ ପୁରୁଷ ଅଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ମୃତଦେହରେ କୌଣସି କ୍ଷତଚିହ୍ନ ନାହିଁ । ବିଷକ୍ରିୟା ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

ପୋଲିସ ମୃତଦେହଗୁଡ଼ିକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣାଟି ଦିଲ୍ଲୀର ପିରାଗାଢୀ ଫ୍ଲାଏଓଭର ନିକଟ ଘଟିଛି । ଏକ କାର ଭିତରେ ତିନି ଜଣଙ୍କ ମୃତଦେହ ମିଳିଛି । ମୃତକଙ୍କ ବୟସ ୪୦ରୁ ୬୦ ବର୍ଷ ମଧ୍ୟରେ ହେବ । ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଖୋଲି ଭିତରେ ସମସ୍ତ ତିନି ମୃତଦେହ ପାଇଥିଲା। ପୋଲିସର କହିବା ଅନୁଯାୟୀ, ମୃତକଙ୍କ ଶରୀରରେ କୌଣସି ଆଘାତ କିମ୍ବା ସଂଘର୍ଷର ଚିହ୍ନ ମିଳିନାହିଁ । ତେବେ ମୃତ୍ୟୁର କାରଣ ବିଷକ୍ରିୟା ହୋଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ପୋଲିସ ଏକ ଫୋରେନସିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଯାଞ୍ଚ କରି କାରରୁ ନମୁନା ସଂଗ୍ରହ କରିଛି । ପୋଲିସ ବିଶ୍ୱାସ କରୁଛି ଯେ, ଏହା ଏକ ଗଣ ଆତ୍ମହତ୍ୟା ମାମଲା ହୋଇପାରେ । ତଥାପି କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତ ଦିଗ ଉପରେ ତଦନ୍ତ କରାଯାଉଛି। ମୃତକଙ୍କ ପରିଚୟ ଜାଣିବା ଏବଂ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବା ପାଇଁ ପ୍ରୟାସ ଚାଲିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ଘଟଣା ପୂର୍ବରୁ କାରରେ କିଏ ଥିଲେ ଏବଂ ସେମାନେ କେଉଁଠାରୁ ଆସିଥିଲେ ତାହା ଜାଣିବା ପାଇଁ ପୋଲିସ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ଏହି ଘଟଣା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

# ଭାରତୀୟ ବାୟୁସେନାରେ ସାମିଲ ହେବ ୧୧୪ ନୂଆ ରାଫେଲ

ନୂଆଦିଲ୍ଲୀ: ଭାରତ ଏହାର ସୁରକ୍ଷା ଏବଂ ବାୟୁସେନାର ଶକ୍ତିକୁ ଆହୁରି ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କିଣିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ଏହି ପ୍ରସ୍ତାବ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବାୟୁସେନା ମଧ୍ୟରେ ନିରନ୍ତର ଆଲୋଚନା ହେଉଛି। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭାରତ ଗସ୍ତ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (DAC) ର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ୧୧୪ ଟି ରାଫେଲ ବିମାନ କ୍ରୟ ଉପରେ ସର୍ବସମ୍ମତି ହେବାର ସମ୍ଭାବନା ଅଛି।

ଅନେକ ପୁରୁଣା ଭାରତୀୟ ବାୟୁସେନା ବିମାନକୁ ଡିକମିସନ କରାଯାଉଛି। ଏହା ସ୍କ୍ୱାର୍ଡନ ସଂଖ୍ୟା ହ୍ରାସ କରୁଛି। ଫଳସ୍ୱରୂପ, ବାୟୁସେନାକୁ ଆଧୁନିକ ଏବଂ ନିର୍ଭରଯୋଗ୍ୟ ଲଢୁଆ ବିମାନ ଆବଶ୍ୟକ। ରାଫେଲ ଏକ ବହୁ-ଭୂମିକା ଯୁଦ୍ଧ ବିମାନ ଯାହା ସମସ୍ତ ପାଣିପାଗ ପରିସ୍ଥିତିରେ ଉଡ଼ିପାରିବ ଏବଂ ଶତ୍ରୁ ଲକ୍ଷ୍ୟସ୍ଥଳ ବିରୁଦ୍ଧରେ ସଠିକ୍ ଆକ୍ରମଣ




କରିପାରିବ। ଭାରତ ପୂର୍ବରୁ ଫ୍ରାନ୍ସରୁ ୩୬ ଟି ରାଫେଲ ଯୁଦ୍ଧ ବିମାନ କିଣିସାରିଛି। ଏହି ବିମାନଗୁଡ଼ିକ IAFରେ ଯୋଗ ଦେବା ପରେ ସେମାନଙ୍କର କ୍ଷମତା ପ୍ରମାଣିତ କରିଛନ୍ତି ଏବଂ ଦେଶର ପ୍ରମୁଖ ସୀମା ନିକଟରେ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ, ୧୧୪ଟି ନୂତନ ରାଫେଲର ଆଗମନ ବାୟୁସେନାକୁ ଆହୁରି ମଜବୁତ କରିବ।

ଏହି ପ୍ରସ୍ତାବର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ମେକ୍ ଇନ୍ ଇଣ୍ଡିଆ ଉପରେ ଗୁରୁତ୍ୱ। ଯୋଜନା ଅନୁଯାୟୀ, କିଛି ବିମାନ ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରେ, ଯେତେବେଳେ ଅଧିକାଂଶ ଭାରତରେ ନିର୍ମିତ ହେବ। ଏହା ଦେଶର ପ୍ରତିରକ୍ଷା ଶିଳ୍ପକୁ ମଜବୁତ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରତିରକ୍ଷା ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଫେଲର ଉନ୍ନତ ପ୍ରଯୁକ୍ତିବିଦ୍ୟା, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଆଧୁନିକ ରାଡାର ସିଷ୍ଟମ ଭାରତକୁ ଏକ ରଣନୈତିକ ଧାର ଦେବ। ଏହା ଚୀନ୍ ଏବଂ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିପାରେ। ବର୍ତ୍ତମାନ, ପ୍ରସ୍ତାବଟି ଅନୁମୋଦନର ବିଭିନ୍ନ ପର୍ଯ୍ୟାୟରେ ଅଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ଏହାକୁ ଅନୁମୋଦନ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ସରକାରୀ ଓକିଲଙ୍କ ଫି ବୃଦ୍ଧି

ନୂଆଦିଲ୍ଲୀ: କେନ୍ଦ୍ର ସରକାର କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ସରକାରୀ ଓକିଲଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇଛନ୍ତି। ପାଖାପାଖି ୧୧ ବର୍ଷ ପରେ କେନ୍ଦ୍ରୀୟ ଆଇନ ମନ୍ତ୍ରାଳୟ ସରକାରୀ ଓକିଲଙ୍କ ଫି ବୃଦ୍ଧି ନିମନ୍ତେ ପଦକ୍ଷେପ ନେଇଛି। ମୁଦ୍ରାସ୍ଫୀତି ଓ ଆଇନ ସେବାର ବ୍ୟୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସଂଶୋଧନ ଆବଶ୍ୟକ ଥିଲା। ଆଇନ ମନ୍ତ୍ରାଳୟ ଦ୍ୱାରା ୫ ଫେବୃଆରୀରେ ଜାରି ନୂଆ ଅଧିସୂଚନା ସରକାରୀ ଓକିଲଙ୍କ ମଧ୍ୟରେ ଖୁସିର ଲହର ଖେଳାଇ ଦେଇଛି। ଏହି ନିଷ୍ପତ୍ତି ଭବିଷ୍ୟତରେ ଆଇନସେବାକୁ ଅଧିକ ପ୍ରଭାବୀ ଓ ନ୍ୟାୟସଙ୍ଗତ କରିବାରେ ସହାୟକ ହେବ। ଅକ୍ଟୋବର ୨୦୧୫ ପରେ ସରକାରୀ ଓକିଲଙ୍କ ଫିରେ କୌଣସି ପରିବର୍ତ୍ତନ ହୋଇ ନଥିଲା। ଏହି ୧୧ ବର୍ଷରେ ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଓ ମୁଦ୍ରାସ୍ଫୀତି ସରକାରୀ ଓକିଲଙ୍କ ପେଷାଦାର ବ୍ୟୟକୁ ବଢାଇ ଦେଇଥିଲା। ସଂଶୋଧିତ ଶୁଳ୍କ ବୃଦ୍ଧି ଲାଗୁ ହେବା ପରେ ସରକାରୀ ଓକିଲଙ୍କୁ ସେମାନଙ୍କ କଠିନ ପରିଶ୍ରମର ଉଚିତ ମୂଲ୍ୟ ମିଳିବ। ସରକାରୀ ଓକିଲଙ୍କ ଫି ସଂରଚନା ଅନୁସାରେ ଗ୍ରୁପ ‘ଏ’ ଓକିଲଙ୍କୁ ଏବେ ନିୟମିତ ଅପିଲ ଓ ଡିଫେଣ୍ଡେଡ ପିଟିସନର ଚୂଡ଼ାନ୍ତ ଶୁଣାଣି ନିମନ୍ତେ ପ୍ରତି ମୋକଦ୍ଦମା



ଦୈନିକ ୨୧,୬୦୦ ଟଙ୍କା ଦିଆଯିବ। ପୂର୍ବରୁ ଏହି ରାଶି ୧୩,୫୦୦ ଟଙ୍କା ଥିଲା। ଏହାର ଅର୍ଥ ସରକାର ବରିଷ୍ଠ ଓକିଲଙ୍କ ଅନୁଭବ ଓ ବିଶେଷଜ୍ଞତାକୁ ସମ୍ମାନ କରି ଶୁଳ୍କରେ ଉଲ୍ଲେଖନୀୟ ବୃଦ୍ଧି କରିଛନ୍ତି।ଏହି ଶୁଳ୍କ ବୃଦ୍ଧିରେ ସରକାର ମଧ୍ୟମ ଓ କନିଷ୍ଠ ଓକିଲଙ୍କୁ ମଧ୍ୟ ଧ୍ୟାନରେ ରଖିଛନ୍ତି। ଗ୍ରୁପ ‘ବି’ ଓ ‘ସି’ଶ୍ରେଣୀର ଓକିଲଙ୍କ ଫି ୯୦୦୦ ଟଙ୍କାରୁ ବଢାଇ ପ୍ରତି ମୋକଦ୍ଦମା ପ୍ରତି ଦିନ ୧୪,୪୦୦ ଟଙ୍କା କରାଯାଇଛି। ଏହି ବୃଦ୍ଧି ଯୁବ ଓକିଲଙ୍କୁ ପ୍ରୋତ୍ସାହିତ କରିବ। କେବଳ କୋର୍ଟ ଶୁଣାଣି ନୁହେଁ କେନ୍ଦ୍ରୀୟ ମନ୍ତ୍ରାଳୟ ସହିତ ଗୁରୁତ୍ୱପୂର୍ଣ୍ଣ ଆଇନ ପରାମର୍ଶ ବୈଠକ ଫି ମଧ୍ୟ ବୃଦ୍ଧି କରାଯାଇଛି। ଯଦି କୌଣସି ସରକାରୀ ଓକିଲ ମୁଖ୍ୟାଳୟରୁ ଦୂରରେ କୌଣସି ଅନ୍ୟ ସହରର କୋର୍ଟରେ ଶୁଣାଣି କରିବାକୁ ଯାଆନ୍ତି ଏଥି ପାଇଁ ତାଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ଓ ପୈଠ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଓକିଲଙ୍କୁ ପ୍ରଶାସନିକ ଓ ପରାମର୍ଶ ସମ୍ପର୍କିତ କାର୍ଯ୍ୟ ନିମନ୍ତେ ଭଲ ପାରିତୋଷିକ ମିଳିବ।

# ଭାରତ- ଆମେରିକାର ‘ସୁପର୍ ଡିଲ୍’ରେ ବାଂଲାଦେଶ ହେବ ବର୍ବାଦ୍

ନୂଆଦିଲ୍ଲୀ: ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ଟ୍ରେଡ ଡିଲ୍ ଏବେ ଏସିଆ ମାର୍କେଟରେ ହଇଚଇ ସୃଷ୍ଟି କରିଛି। ଏ ଖବର ଭାରତ ପାଇଁ ଖୁସି ଆଣିଥିବା ବେଳେ, ପଡ଼ୋଶୀ ଦେଶ ବାଂଲାଦେଶ ପାଇଁ କିନ୍ତୁ ସୃଷ୍ଟି କରିଛି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଆମେରିକା ଭାରତୀୟ ପୋଷାକ ଏବଂ ବୟନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ (ଟାରିଫ୍) ଅଧାରୁ ଅଧିକ ହ୍ରାସ କରିଛି। ପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୫୦% ଟିକସ ଲାଗୁଥିଲା, ଏବେ ଏହାକୁ ମାତ୍ର ୧୮% ହ୍ରାସ କରାଯାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକାର ଏହି ଏକକ ନିଷ୍ପତ୍ତି ବାଂଲାଦେଶ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ପାଇଁ ଯଥେଷ୍ଟ। କାରଣ ବୟନ ଶିଳ୍ପ ଦେଶର ଆୟର ମୁଖ୍ୟ ଉତ୍ସ। ଏହି ଚୁକ୍ତିର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଅନ୍ୟ ଦେଶର



ବସ୍ତ୍ର ତୁଳନାରେ ଭାରତୀୟ ବସ୍ତ୍ର ଏବେ ଆମେରିକାରେ ସବୁଠାରୁ ଶସ୍ତା ହେବ। ପରିସଂଖ୍ୟାନକୁ ଦେଖିଲେ, ନୂତନ ଶୁଳ୍କ ବ୍ୟବସ୍ଥା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଲାଭ ଦେବ। ଭାରତୀୟ ସାମଗ୍ରୀ ଉପରେ ଏବେ ୧୮% ଟିକସ ଲାଗୁ ହେବ, ଯାହା ବାଂଲାଦେଶୀ ସାମଗ୍ରୀ ଉପରେ ୨୦%, ଭିଏତନାମୀୟ ସାମଗ୍ରୀ ଉପରେ ୨୦% ଏବଂ ଚୀନ୍ ସାମଗ୍ରୀ ଉପରେ ୩୦% ଟିକସ ଲାଗୁ ହେବ। ୧୯% ସହିତ ପାକିସ୍ତାନ ମଧ୍ୟ ଭାରତଠାରୁ ପଛରେ ପଡ଼ିଯାଇଛି।

ବୟନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ବିଶ୍ୱର ପ୍ରମୁଖ କ୍ରେତାମାନେ ଭାରତରୁ କମ୍ ଟିକସରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ। ଫଳରେ ସେମାନେ ସେମାନେ ବାଂଲାଦେଶ କିମ୍ବା ଚୀନରୁ ସାମଗ୍ରୀ କିଣା କମ୍ କରିବେ। ଯାହାର ସିଧାସଳଖ ଫାଇଦା ପାଇବେ ଭାରତୀୟ ରପ୍ତାନିକାରୀ। ଏମିତିରେ ଏହା ବାଂଲାଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ହୋଇପାରେ। କାରଣ ପୂର୍ବରୁ ୟୁରୋପୀୟ ସଂଘ ସହିତ ଭାରତର ଚୁକ୍ତି ଯୋଗୁ ବାଂଲାଦେଶ ଚାପରେ ଥିଲା। ସୂଚନାଥାଉକି, ଆମେରିକା ବିଶ୍ୱର ସବୁଠାରୁ ବଡ଼ ବଜାର। ଏହାର କପଡ଼ା ମାର୍କେଟ ପ୍ରାୟ ୧୧୮ ବିଲିୟନ ଡଲାରର। ହେଲେ ଅଧିକ ଟିକସ ଯୋଗୁ ଭାରତ ଏପର୍ଯ୍ୟନ୍ତ ଏହି ବଜାରରେ ନିଜର ଶକ୍ତି ପୂର୍ଣ୍ଣ ଭାବରେ ପ୍ରଦର୍ଶନ କରିପାରିନଥିଲା ।ତଥାପି, ୱାଶିଂଟନ ସହିତ ଏହି ଡିଲ୍ ଭାରତ ପାଇଁ ଦ୍ୱାର ଖୋଲିଛି। ଭାରତ ପୂର୍ବରୁ ପ୍ରାୟ ୧୦.୫ ବିଲିୟନ ଡଲାର ମୂଲ୍ୟର କପଡ଼ା ଆମେରିକାକୁ ରପ୍ତାନି କରୁଛି। କିନ୍ତୁ ଏବେ ଛାଡ଼ ପରେ ଏହି ସଂଖ୍ୟା ବହୁ ଗୁଣ ବୃଦ୍ଧି ପାଇବାର ଆଶା କରାଯାଉଛି। ସରକାର ୨୦୩୦ ସୁଦ୍ଧା ୧୦୦ ବିଲିୟନ ଡଲାର ରପ୍ତାନି ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହି ଚୁକ୍ତି ମଧ୍ୟ ଲକ୍ଷ୍ୟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ଟି-୨୦ ବିଶ୍ୱକପ୍

# ନେପାଳ ଲଢ଼ିଲା, ଇଂଲଣ୍ଡ ଜିତିଲା

ୱାଙ୍ଖଡେ, ୮।୨ (ଏଜେନ୍ସି) : ଆଇସିସି ଟି-୨୦ ବିଶ୍ୱକପର ପଞ୍ଚମ ମ୍ୟାଚରେ ଇଂଲଣ୍ଡକୁ କଡା ଟକ୍କର ଦେଇଛି ନେପାଳ। ୱାଙ୍ଖଡେରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ୪ ରନ୍‌ରେ ଜିତି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ଇଂଲଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୪ ରନ କରିଥିଲା। ନେପାଳ ଏପରି ବ୍ୟାଟିଂ କଲା ଯେ ଇଂଲଣ୍ଡର ହୃଦସ୍ପନ୍ଦନ ବଢ଼ିଯାଇଥିଲା। ନେପାଳ ମାତ୍ର ୪ ରନ୍ ପାଇଁ ବିଜୟ ଲକ୍ଷ୍ୟଠୁ ପଛରେ ରହିଯାଇଥିଲା। ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୦ ରନ କରିଥିଲା ନେପାଳ। ମଧ୍ୟ ଭାଗରେ ଲୋକେଶ ବାମ୍ ୨୦ ବଲରୁ ୩୯ ରନ କରି ନେପାଳ ପାଇଁ ବିଜୟ ଆଶା ଆଣିଦେଇଥିଲେ। ୱିଲଜ୍ୟାକଙ୍କୁ ୩୯ ରନ ସହ ୧ ୱିକେଟ ପାଇଁ ପ୍ଲେୟାର ଅପ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଏହି ମ୍ୟାଚରେ ଇଂଲଣ୍ଡ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳୀୟ ସ୍କୋର ୫ ରନ ବେଳେ ଫିଲ ସଲ୍ଟ ବ୍ୟକ୍ତିଗତ ୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଜୋସ୍ ବଟଲର ୧୭ ବଲରୁ ୨୬, ଜାକବ ବେଥେଲ ୩୫ ବଲରୁ ୫୫, ଅଧିନାୟକ ହ୍ୟାରି ବ୍ରୁକ୍ ୩୨ ବଲରୁ ୫୩ ତଥା ୱିଲ ଜ୍ୟାକ ୧୮ ବଲରୁ ଅପରାଜିତ ୩୯ ରନ କରିବାରୁ ଇଂଲଣ୍ଡ ୨୦ ଓଭରେ ୭ ୱିକେଟ ହରାଇ ୧୮୪ ରନ କରିଥିଲା। ବୋଲିଂରେ ନେପାଳର ଦିପେନ୍ଦର ସିଂ ଓ ନନ୍ଦନ ଯାଦବ ଦୁଇଟି ଲେଖାଏଁ, ସେର ମଲ୍ଲ ଓ ସନ୍ଦୀପ ଲାମିଚାନେ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।







ଇଂଲଣ୍ଡ ୨୦ ଓଭରରେ ୧୮୪/୭ ରନ କରି ନେପାଳକୁ ବଡ ଟାର୍ଗେଟ ଦେଇଥିଲା।

୧୮୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ଦଳ ଭଲ ଆରମ୍ଭ କରିଥିଲା। ପ୍ରଥମ ୱିକେଟ୍ ପାଇଁ କୁଶଳ ବୁରଟେଲ ଓ ଆସିଫ ସେଖଙ୍କ ମଧ୍ୟରେ ୩୭ ରନ୍‌ର ପାର୍ଟନରସିପ୍ ହୋଇଥିଲା। ଆସିଫ ସେଖ ୯ ବଲରୁ ୭ ରନ କରି ଡାଓସନ୍‌ଙ୍କ ଶିକାର ହୋଇଥିଲେ। କିନ୍ତୁ କୁଶଳ ୧୭ ବଲରୁ ୪ ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୨୯ ରନ୍ କରିଥିଲେ। ଅଧିନାୟକ ରୋହିତ ପୌଡେଲ ୩୪ ବଲରୁ ୩୯, ଦିପେନ୍ଦ୍ର ସିଂ ଆଇରୀ ୨୯ ବଲରୁ ୪୪, ଆରିଫ ସେଖ୍ ୮ ବଲରୁ ୧୦ ଏବଂ ଲୋକେଶ ବାମ୍ ୨୦ ବଲରୁ ଅପରାଜିତ ୩୯ ରନ କରି ନେପାଳକୁ ବିଜୟର ଅତି ନିକଟତର କରାଯାଇଥିଲେ। ଇଂଲଣ୍ଡର ଲିୟାମ ଡାଓସନଙ୍କୁ ଦୁଇଟି, ଲୁକ ଉଡ, ଜୋଫ୍ରା ଆର୍ଚର , ୱିଲ ଜ୍ୟାକ୍ସ ଓ ସାମ କୁରନ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଗ୍ରୁପ ସିରେ ସ୍ଥାନ ପାଇଥିବା ଇଂଲଣ୍ଡ ଗୋଟିଏ ବିଜୟ ସହ ୨ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।

## ମହେଶ, ହସରଙ୍ଗାଙ୍କ ଘାତକ ବୋଲିଂ, ଶ୍ରୀଲଙ୍କା ବିଜୟୀ

କଲମ୍ବୋ, ୮।୨ (ଏଜେନ୍ସି) : ଟି -୨୦ ବିଶ୍ୱକପ୍ ଗ୍ରୁପ୍ ବି ର ଏକ ମ୍ୟାଚରେ ଆୟୋଜକ ଶ୍ରୀଲଙ୍କା ୨୦ ରନରେ ଆୟରଲ୍ୟାଣ୍ଡକୁ ହରାଇଛି। ମହେଶ ଥେକସାନା ଓ ୱାନିନ୍ଦୁ ସହରଙ୍ଗାଙ୍କ ଘାତକ ବୋଲିଂ ଯୋଗୁଁ ଶ୍ରୀଲଙ୍କାର ବିଜୟ ଆଶା ପୂରଣ ହୋଇଛି। ଏହି ମ୍ୟାଚରେ ଶ୍ରୀଲଙ୍କା ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା। ଜବାବ୍‌ରେ ଆୟରଲ୍ୟାଣ୍ଡ ୧୯.୫ ଓଭରରେ ୧୪୩ ରନ କରି ଅଲଆଉଟ୍ ହୋଇଥିଲା ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ ଓପନର ପାଥୁମ ନିଶାଙ୍କ ୨୪, କାମିଲ ମିଶ୍ରା ୧୪, କୁଶଳ ମେଣ୍ଡିଜ୍ ଅପରାଜିତ ୫୬ , ଦୁନିଥ ୱାଲାଗେ ୧୦, କାମେନ୍ଦୁ ମେଣ୍ଡିସ୍ ୪୪ ରନ କରିଥିଲେ । ତେଣୁ ଶ୍ରୀଲଙ୍କା ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୩ ରନ୍‌ର ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଥିଲା। ଆୟରଲ୍ୟାଣ୍ଡର ବ୍ୟାରି ମ୍ୟାକ୍‌କାର୍ଥି ଓ ଜର୍ଜ ଡକରିଲ୍ ପ୍ରତ୍ୟେକ ଦୁଇଟି କରି ୱିକେଟ୍ ଅକ୍ତିଆର କରିଥିଲେ।

୧୬୪ ରନର ବିଜୟ ଲକ୍ଷ୍ୟକୁ ଆୟରଲ୍ୟାଣ୍ଡ ସହଜରେ ହାସଲ କରିନେବ ବୋଲି ଲାଗୁଥିଲା। କିନ୍ତୁ ଶ୍ରୀଲଙ୍କାର ଶାଣିତ ବୋଲିଂ ଯୋଗୁଁ ଆୟରଲ୍ୟାଣ୍ଡ ବିଜୟ ଲକ୍ଷ୍ୟଠାରୁ ୨୦ ରନ ପଛରେ ରହିଯାଇଥିଲା। ଅଧିନାୟକ ପଲ ଷ୍ଟିରଲିନ୍ ୬, ରୋଜ୍ ଆଦିର ୩୪, ହ୍ୟାରି ଟେକଟର ୪୦, ଲୋରକେନ୍ ଟୁକ୍କର ୨୧, କର୍ଟିସ କ୍ୟାମ୍ଫର ୧୩ ଏବଂ ମାର୍କ ଆଦିର ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଦଳ ୧୯.୫ ଓଭରରେ ୧୪୩ ରନରେ ସୀମିତ ରହିଥିଲା। ଶ୍ରୀଲଙ୍କାର ମହେଶ ଥେକସାନା ଓ ୱାନିନ୍ଦୁ ହସରଙ୍ଗା ୩ ଟି କରି, ମାଥିସା ପଥିରାନା ୨ ଟି, ଦୁଷ୍ମନ୍ତ ଚାମିରା ଏବଂ ଦୁନିଥ ୱାଲାଗେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

## ଆଜିର ମ୍ୟାଚ

- ଇଟାଲୀ - ସ୍କଟଲ୍ୟାଣ୍ଡ
- ସ୍ଥାନ- ଇଡେନ ଗାର୍ଡେନ
- ସମୟ- ସକାଳ ୧୧.୧୫
- ପ୍ରସାରଣ - ଷ୍ଟାର ନେଟୱାର୍କ

- ଓମାନ - ଜିମ୍ବାୱେ
- ସ୍ଥାନ- କଲମ୍ବୋ
- ସମୟ - ଅପରାହ୍ନ ୩.୧୫

- କାନାଡା - ଦ. ଆଫ୍ରିକା
- ସ୍ଥାନ - ଅହମ୍ମଦାବାଦ
- ସମୟ - ରାତି ୭ .୧୫

## ଆଫଗାନିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ଚେନ୍ନାଇ, ୮।୨ (ଏଜେନ୍ସି) : ଗ୍ରୁପ୍ ଡିର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ୱିକେଟର ଧରାସାୟୀ କରିଛି ନ୍ୟୁଜିଲାଣ୍ଡ। ଏହି ମ୍ୟାଚରେ ଆଫଗାନିସ୍ତାନ ୨୦ ଓଭରରେ ୬ ୱିକେଟ ହରାଇ ୧୮୨ ରନ କରିଥିଲା। ଜବାବ୍‌ରେ ନ୍ୟୁଜିଲାଣ୍ଡ ସେଇଫର୍ଟଙ୍କ ୬୫ ଓ ଡାର୍ଲି ମିଚେଲଙ୍କ ଦ୍ରୁତ ୨୫ ରନ ସହାୟତାରେ ୧୩ଟି ବଲ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ୪୨ ବଲରୁ ୬୫ ଏବଂ ଦୁଇଟି ଉଚ୍ଚକୋଟିର କ୍ୟାଚ୍ ପାଇଁ ନ୍ୟୁଜିଲାଣ୍ଡର ଟିମ ସେଫର୍ଟଙ୍କୁ ପ୍ଲେୟାର ଅପ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଆଫଗାନିସ୍ତାନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟି - ୨୦ ରେ ଭଲ ଲୟ ଥିବା ଆଫଗାନିସ୍ତାର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ପ୍ରଥମ ୱିକେଟ ପାଇଁ ରହମନୁଲ୍ଲା ଗୁରବାଜ ଓ ଇବ୍ରାହିମ ଜଦ୍ରାନଙ୍କ ମଧ୍ୟରେ ୩୫ ରନର ପାର୍ଟନରସିପ୍ ହୋଇଥିଲା। ଇବ୍ରାହିମ ଜଦ୍ରାନ ୧୦ ରନ କରି ପାଭିଲିୟନ ଫେରିଥିଲେ। ଫର୍ଗୁସନ ଓପନିଂଯୋଡି ଭାଙ୍ଗି ସଫଳ ହୋଇଥିଲେ। ରହମନୁଲ୍ଲା ୨୨ ବଲରୁ ୨୭ ରନ କରି ଆଉଟ ହୋଇଥିବା ବେଳେ ଗୁଲବଦିନ ନବି ୩୫ ବଲରୁ ୬୩ ରନ କରିବାରୁ ଆଫଗାନିସ୍ତାନ ବଡ ସ୍କୋର ଆଡେ ମୁହାଁଇଥିଲା। ମଧ୍ୟମକ୍ରମରେ ସେଦିକଉଲା ଅଟଳ ୨୯ ରନ୍, ଡାରୱିସ୍ ରସୋଲି ୨୦, ଅଜମତୁଲ୍ଲା ଓମାରଜାଇ ୧୪ ଏବଂ ଅଭିଜ୍ଞ ମହମ୍ମଦ ନବି ୭ ବଲରୁ ୧୦ ରନ୍ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୨ ରନ୍‌ରେ ପହଞ୍ଚିଥିଲା। ବୋଲିଂରେ ନ୍ୟୁଜିଲାଣ୍ଡର ଲୋକି ଫର୍ଗୁସନଙ୍କୁ ସର୍ବାଧିକ ଦୁଇଟି, ମ୍ୟାଟ୍ ହେନରୀ, ଜାକବ ଡୁଫି ଓ ରଚିନ ରବିନ୍ଦ୍ର ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

୧୮୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ। ଅବଶ୍ୟ ଦଳୀୟ ସ୍କୋର ୧୪ ରନ ବେଳେ ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା ନ୍ୟୁଜିଲାଣ୍ଡ। କିନ୍ତୁ ଓପନର ଟିମ ସେଫର୍ଟ ଓ ଗ୍ଲେନ୍ ଫିଲିପ୍ସ ତୃତୀୟ ୱିକେଟ୍ ପାଇଁ ୭୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ସେଫର୍ଟ ୪୨ ବଲରୁ ୭ ଟି ଚୌକା ଓ ୩ ଟି ଛକା ସହାୟତାରେ ୬୫ ରନ୍ କରିଥିବା ବେଳେ ଫିଲିପ୍ସ ୨୫ ବଲରୁ ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୪୨ ରନ କରିଥିଲେ। ଏମାନଙ୍କ ବ୍ୟତୀତ ମାର୍କ ଚାପମ୍ୟାନ ୧୭ ବଲରୁ ୨୮, ଡାର୍ଲି ମିଚେଲ ୧୪ ବଲରୁ ୨୫ ଏବଂ ଅଧିନାୟକ ମିଚେଲ ସାଣ୍ଟନର ୮ ବଲରୁ ୧୭ ରନ କରି ମ୍ୟାଚ ଶେଷ କରିଥିଲେ। ନ୍ୟୁଜିଲାଣ୍ଡ ୧୩ଟି ବଲ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ଆଫଗାନିସ୍ତାନ ଦଳ ମୁଜିବ ଉର୍ ରହମାନ ସର୍ବାଧିକ ଦୁଇ ୱିକେଟ୍ ସଫଳତା ପାଇଥିଲେ। ଅଜମ ତୁଲା ଓମାରଜାଇ , ରସିଦ ଖାନ୍ ଓ ମହମ୍ମଦ ନବିଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା। ଗ୍ରୁପ୍ ଡିରେ ନ୍ୟୁଜିଲାଣ୍ଡ ଗୋଟିଏ ମ୍ୟାଚ ଖେଳି ୨ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି।

## ଡିଯୁ ଫ୍ରେଣ୍ଡସ କ୍ଲବର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଚଣ୍ଡିଖୋଲ,୮/୨(ସବ୍ୟୁ) : ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ଖେଳ ପଡିଆରେ ୧୧ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଉଦଘାଟିତ ହୋଇଯାଇଛି। ଡିଯୁ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସୁଙ୍ଗୁଡା ସରପଞ୍ଚ ଆଞ୍ଜୁଲତା ସ୍ୱାଇଁ ଓ ସମିତି ସଭ୍ୟା ସିଂଗ୍ଧାରାଣୀ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ କଟକର ଜୁଭେନାଇଲ କ୍ଲବ ଓ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁଭେନାଇଲ କ୍ଲବ ଟସ ଜିତି



ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୫ ଓଭର ଖେଳରେ ୧୩୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବାଦଲ ମଲ୍ଲିକ ସର୍ବାଧିକ ୪୬ ରନ କରିଥିଲେ। ଏହାର ଜବାବରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଙ୍ଗ କରି ୧୯ ଓଭରରେ ୧୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ସିଦ୍ଧାର୍ଥ ବେହେରା ୫୮ରନ ସଂଗ୍ରହ କରିଥିଲା ବେଳେ ବିଶ୍ୱଜିତ ମଲ୍ଲିକ ପାଞ୍ଚ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଦିଲ୍ଲୀପକୁମାର ସାମଲ ଟ୍ରଫି ପ୍ରଦାନ କରିଥିଲେ। ଅଶ୍ୱଜିତ ରାଉତ ଓ ଯତିନ୍ଦ୍ର ନାୟକ ଖେଳକୁ ପରିଚାଳନା କରିଥିଲେ। ଫ୍ରେଣ୍ଡସ କ୍ଲବର ସଭାପତି ଦେବରଞ୍ଜନ ସ୍ୱାଇଁ ଓ ସମ୍ପାଦକ ଦେବେନ୍ଦ୍ର ବଳ ଉତ୍ସବ ପରିଚାଳନା କରିଥିଲ। ଆସନ୍ତା କାଲିର ମ୍ୟାଚ ୟୁନିୟନ ସ୍ପୋର୍ଟିଙ୍ଗ, କଟକ ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ଖେଳାଯିବ ବୋଲି ସୂଚନା ମିଳିଛି।

### ୫୧ ତମ ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦଯାପିତ

## ମୟୂରଭଞ୍ଜ ଚାମ୍ପିଅନ, ନବରଙ୍ଗପୁର ରନର୍ସଅପ

ଭୁବନେଶ୍ୱର, ୮।୨(ସବ୍ୟୁ) : କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅବକାରୀ ସିପାହୀ, ଦିଲିପ କୁମାର ସାମନ୍ତ ଦଶ ପଏଣ୍ଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅବକାରୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟରତ ଅବକାରୀ ସିପାହୀ ରୋଜାଲିନ୍ ବେହେରା ଦଶ ପଏଣ୍ଟ ପାଇ ମହିଳା ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମୟୂରଭଞ୍ଜ ଅବକାରୀ ଜିଲ୍ଲା ୩୧ ପଏଣ୍ଟ ପାଇ ରାଜ୍ୟ ସ୍ତରୀୟ ଚମ୍ପିଆନ ହୋଇଥିବା ବେଳେ ନବରଙ୍ଗପୁର ଅବକାରୀ ଜିଲ୍ଲା ୨୦ ପଏଣ୍ଟ ପାଇ ରନର୍ସ ଅପ ହୋଇଛି। ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସବିସିଏଲର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ, ଓଡିଶା, ପି. ଅନ୍ୱେଷା ରେଡ୍ଡି, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ଦାସ ପଟ୍ଟନାୟକ ଏବଂ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶୁଶ୍ରୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଉପସ୍ଥିତ ଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଓଏସବିସିଏଲ୍‌ର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟକି ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଇଆଇ ଓ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ୧୬ଟି ବିଭାଗରେ ଏବଂ ୧୮୧ ଜଣ ମହିଳା ପ୍ରତିଯୋଗୀ ୧୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ଶଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା।

# ତମାଣ୍ଡୋ ପ୍ରିମିୟର ଲିଗ

## ଉଦ୍‌ଘାଟନୀ ମ୍ୟାଚରେ ଆଦିତ୍ୟ ଏକ୍ସଆଇ ବିଜୟୀ



ଭୁବନେଶ୍ୱର,୮ ।୨(ସବ୍ୟୁ) : ତମାଣ୍ଡୋ ଖେଳ ପଡିଆରେ ଆରମ୍ଭ ହୋଇଛି ତମାଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଉଦଘାଟନୀ ମ୍ୟାଚରେ ଆଦିତ୍ୟ ଏକ୍ସଆଇ ଓ ଏମଏମସିସି ସମ୍ବଲପୁର ପରସ୍ପରକୁ ଭେଟିଥିଲେ। ଏହି ଉଦ୍ଘାଟନି ମ୍ୟାଚରେ ଆଦିତ୍ୟ ଏକ୍ସଆଇ ୭ ୱିକେଟରେ ଏମଏମସିସି ସମ୍ବଲପୁର ପରାସ୍ତ କରିଛି। ଆଦିତ୍ୟ ଏକ୍ସଆଇ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଣ୍ଡା ୫୫ଟି ବଲ ଖେଳି ଧୁଆଁଧାର ୧୪ ଛକା,୫ ଚୌକା ବଳରେ ୧୨୦ ରନ୍ କରିଥିବା ବେଳେ ବିବେକ କୁମାର ୩୪ ବଲ ଖେଳି ୭ ଚୌକା, ୭ ଛକା ବଳରେ ୭୪ ରନ୍ ସଂଗ୍ରହ କରି ଦଳକୁ ମଜଭୁତ ସ୍ଥିତିକୁ ଆଣିଥିଲେ। ଆଦିତ୍ୟ ଏକ୍ସଆଇ ପକ୍ଷରୁ ସାନ୍ତାନୁ ୩ ଓଭର ବୋଲିଂ କରି ୧୯ ରନ ଦେଇ ଦୁଇଟି ଉଇକେଟ ନେଇଥିଲେ। ଖେଳର ଦ୍ବିତୀୟ ଇନିଙ୍ଗସରେ ଆଦିତ୍ୟ ଏକ୍ସଆଇ ୨୩୭ ରନର ବିଜୟ ଲକ୍ଷ ନେଇ ୧୬.୫ ଓଭରରେ ୩ ୱିକେଟ ହରାଇ ୨୪୧ ରନ କରି ସହଜ ବିଜୟ ହାସଲ କରିଥିଲେ। ଆଦିତ୍ୟ ଏକ୍ସଆଇ ପକ୍ଷରୁ ମରୋଜୁ ପ୍ରଶାନ୍ତ ୪୭ ଟି ବଲ ଖେଳି ଧୁଆଁଧାର ବ୍ୟାଟିଂ କରି ୧୪ ଛକା ,୭ ଚୌକା ବଳରେ ୧୨୬ ରନ କରିଥିବା ବେଳେ ଅମିତ ରାଠୋଡ ୨୫ ବଲରେ ୩୮ ରନ କରି ଦଳକୁ ସହଜ ବିଜୟ ଆଡକୁ ଟାଣି ନେଇଥିଲେ। ସମ୍ବଲପୁର ଦଳ ପକ୍ଷରୁ ଖେଳାଳି ମାନେ ଆକ୍ରମଣାତ୍ମକ ଢଙ୍ଗରେ ବୋଲିଂ କରିଥିଲେ ଆଦିତ୍ୟ ଏକ୍ସଆଇ ବ୍ୟାଟ୍ସମ୍ୟାନଙ୍କୁ ଧରାସାଇ କରିବାରେ ବିଫଳ ହୋଇଥିଲେ। ଆଦିତ୍ୟ ଏକ୍ସଆଇ ଦଳର ମରୋଜୁ ପ୍ରଶାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଟମାଣ୍ଡୋ କ୍ରିକେଟ କ୍ଲବ ସଭାପତି ଆଶିଷ କୁମାର ପଟ୍ଟନାୟକ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ବିଶ୍ୱଜିତ ଅଧିକାରୀ ଓ ଅବଦୁଲ ରହିମ ଖାଁନ। ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନି ଉତ୍ସବରେ ଓଡିଶାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ , ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ଓ ଉତ୍ତର ବିଧାୟକ ଅନନ୍ତ ନାରାୟଣ ଜେନା, ଶ୍ରୁସାନ୍ତ ରାଉତ, ଜଟଣୀର ପୂର୍ବତନ ବିଧାୟକ ଶୁରେସ କୁମାର ରାଉତରାୟ , ବିଜେପି ନେତା ବିଶ୍ୱ ରଞ୍ଜନ ବଡ଼ଜେନା, ୬୫ ନମ୍ବର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## କିଟ୍‌ରେ ଜାତୀୟ ସବଜୁନିୟର ଭଲିବଲ ଚାମ୍ପିଅନସିପ୍ ଚୟନ ଶିବିର

ଭୁବନେଶ୍ୱର, ୮।୨(ସବ୍ୟୁ) : ଓଡିଶା ଭଲିବଲ ଆସୋସିଏସନ ପକ୍ଷରୁ କିଟ୍ କ୍ୟାମ୍ପସ ୧୩ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ରାଜ୍ୟ ସବଜୁନିୟର ଭଲିବଲ ଟିମ୍ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨ ଶହରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୪୬ତମ ଜାତୀୟ ସବଜୁନିୟର ଭଲିବଲ ଚାମ୍ପିଅନସିପ୍ ଫେବୃଆରୀ ୨୪ ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ବନ୍ଦେଲରେ ଆୟୋଜିତ ହେବ। ବାଳକ ବର୍ଗରେ ୨୦ ଓ ବାଳିକା ବର୍ଗରେ ୨୦ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି।




ଏହି ପ୍ରତିଯୋଗୀମାନେ କିଟ୍‌ରେ ପ୍ରଶିକ୍ଷଣ ନେବେ। ଏମାନଙ୍କ ମଧ୍ୟରୁ ଜାତୀୟ ପ୍ରତିଯୋଗିତା ପାଇଁ ୧୪ ଜଣିଆ ଦଳ ଚୟନ ହେବ। ଏହି ଶିବିରକୁ ଅଭିଜ୍ଞ କୋଚ୍ ଓ ଅଫିସିଆଲ ପରିଚାଳନା କରିଥିଲେ। ଲୋତକ ବିନ୍ଦୁ ଦାସ, କୋଚ ସୁଧାଂଶୁ ଭୂଷଣ ମିଶ୍ର, ଅନ୍ତର୍ଜାତୀୟ ରେଫରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଓଡିଶା ଭଲିବଲ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାସ ଉପସ୍ଥିତ ଥିଲେ। ଓଡିଶା ଭଲିବଲ ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

ରଣଜୀ ଟ୍ରଫି

# ରଣଜୀ ଟ୍ରଫି

# ସେମିରେ ଉତ୍ତରାଖଣ୍ଡ

ଜାମଶେଦପୁର, ୮।୨(ଏଜେନ୍ସି) : ରଣଜୀ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲରେ ଝାଡଖଣ୍ଡକୁ ଇନିଂସ ଓ ୬ ରନ୍ ବ୍ୟବଧାନରେ ଧରାସାୟୀ କରି ଉତ୍ତରାଖଣ୍ଡ ପ୍ରଥମ ଦଳ ଭାବେ ଚଳିତ ସଂସ୍କରଣର ସେମି ଫାଇନାଲରେ ପ୍ରବେଶ କରିଛି। ଜାମଶେଦପୁର ରେ ଖେଳାଯାଇଥିବା ଏହି ମ୍ୟାଚରେ ଝାଡଖଣ୍ଡ ପ୍ରଥମ ଇନିଂସରେ ୨୩୫ ରନ୍ କରିଥିଲା। ଜବାବ୍‌ରେ ଉତ୍ତରାଖଣ୍ଡ ପ୍ରଥମ ଇନିଂସରେ ୩୭୧ ରନ୍ କରି ଆଗୁଆ ହୋଇଥିଲା। ଦ୍ୱିତୀୟ ଇନିଂସରେ ଝାଡଖଣ୍ଡ ବିପର୍ଯ୍ୟର ସମ୍ମୁଖୀନ ହୋଇ ୧୩୦ ରନରେ ଅଲଆଉଟ୍ ହେବାରୁ ଉତ୍ତରାଖଣ୍ଡ ବଡ ବିଜୟ ହାସଲ କରିଛି। ଦୁଇଟି ଇନିଂସରେ ୮ ୱିକେଟ୍ ଅକ୍ତିଆର କରିଥିବା ମୟଙ୍କ ମିଶ୍ରାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

### ବିଜୟଠୁ ୨୧୨ ପଛରେ କର୍ଣ୍ଣାଟକ

ମୁମ୍ବାଇ ବିପକ୍ଷ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକର ସ୍ଥିତି ମଜଭୁତ ରହିଛି। ମ୍ୟାଚ ଜିତିବା ପାଇଁ କର୍ଣ୍ଣାଟକକୁ ଆଉ ୨୧୨ ରନ୍‌ର ଆବଶ୍ୟକତା ରହିଛି। ମୁମ୍ବାଇ ପ୍ରଥମ ପାଳିରେ ୧୨୦ ରନ୍ ଓ ଦ୍ୱିତୀୟ ପାଳିରେ ୩୭୭ ରନ୍ କରିଥିଲା। କର୍ଣ୍ଣାଟକ ପ୍ରଥମ ପାଳିରେ ୧୭୩ ରନ୍ କରିଥିଲା। ତେଣୁ କର୍ଣ୍ଣାଟକ ସମ୍ମୁଖରେ ୩୨୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଲକ୍ଷ୍ୟକୁ ପିଛା କରି କର୍ଣ୍ଣାଟକ ଭଲ ଆରମ୍ଭ କରିଛି। ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା କର୍ଣ୍ଣାଟକ ୨୯ ଓଭରରେ ୨ ୱିକେଟ୍ ହରାଇ ୧୧୩ ରନ୍ କରିଛି। ଲୋକେଶ ରାହୁଲ ୯୪ ବଲରୁ ୬୦ ରନ୍ ଓ କରୁଣ ନାଏର ୨୨ ବଲରୁ ୯ ରନ୍ କରି ଅପରାଜିତ ଅଛନ୍ତି। ଅଧିନାୟକ ଦେବଦୂତ୍ତ ପଡିକାଲ ୩୯ ଓ ମୟଙ୍କ ଅଗ୍ରୱାଲ ୩ ରନ୍ କରି ଆଉଟ୍ ହୋଇଛନ୍ତି। ମ୍ୟାଚରେ ଆଉ ଦୁଇଦିନ ଖେଳ ବାକି ଥିବା ବେଳେ କର୍ଣ୍ଣାଟକକୁ ଜିତିବା ପାଇଁ ୨୧୨ ରନ୍‌ର ଆବଶ୍ୟକତା ରହିଛି।

### ବିଜୟ ଲାଗି ମଧ୍ୟପ୍ରଦେଶର ସଂଘର୍ଷ

ରଣଜୀ ଟ୍ରଫିର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିଛି ଜାମ୍ମୁକାଶ୍ମିର। ୩ ଦିନ ମଧ୍ୟରେ ମ୍ୟାଚର ରୋଚକତା ବଢିଯାଇଛି। ସ୍ଥିତି ଏବେ ଜମ୍ମୁ କାଶ୍ମିର ସପକ୍ଷରେ ରହିଛି। ଅବଶ୍ୟ ମଧ୍ୟପ୍ରଦେଶକୁ ଜିତିବା ପାଇଁ ୨୦୪ ରନ୍‌ର ଆବଶ୍ୟକତା ଥିଲେ ମଧ୍ୟ ଦଳ ୫ ୱିକେଟ୍ ହରାଇ ସାରିଛି। ତେଣୁ ଜମ୍ମୁ କାଶିର ଦଳ ଚତୁର୍ଥ ଦିନ ଅବଶିଷ୍ଟ ୫ ୱିକେଟ୍ ଅକ୍ତିଆର କରି ସେମିଫାଇନାଲ ଯୋଗ୍ୟତା ହାତେଇବାକୁ ଚେଷ୍ଟା କରିବ। ଏହି ମ୍ୟାଚରେ ଜମ୍ମୁ କାଶ୍ମିର ପ୍ରଥମ ଇନିଂସରେ ୧୯୪ ଓ ଦ୍ୱିତୀୟ ଇନିଂସରେ ୨୪୮ ରନ କରିଥିଲା। ମଧ୍ୟପ୍ରଦେଶ ପ୍ରଥମ ଇନିଂସରେ ୧୫୨ ଓ ଦ୍ୱିତୀୟ ଇନିଂସରେ ୨୮ ଓଭରରେ ୫ ୱିକେଟ ହରାଇ ୮୭ ରନ୍ କରିଛି। ଶୁଭମ୍ ଶର୍ମା ୧୧ ଓ ଭେଙ୍କଟେଶ ଆୟର ୭ ରନ୍ କରି ଅପରାଜିତ ଅଛନ୍ତି।




### ବେଙ୍ଗଲ ଇନିଂସ ଅଗ୍ରଣୀ

ସୁଦୀପ କୁମାର ଗୋସ୍ୱାମୀଙ୍କ ଅପରାଜିତ ୨୧୬ ରନ୍ ବଳରେ ବେଙ୍ଗଲ ଦଳ ଆନ୍ଧ୍ର ବିପକ୍ଷରେ ବଡ ସ୍କୋର କରିଛି। ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବେଙ୍ଗଲ ଅସମାପ୍ତ ପ୍ରଥମ ପାଳିରେ ୪୧୮ / ୬ ରନ୍ କରିଛି। ଆନ୍ଧ୍ର ପ୍ରଥମ ପାଳିରେ ୨୯୫ ରନ କରିଥିଲା। ତେଣୁ ବେଙ୍ଗଲ ୧୨୩ ରନ୍‌ର ମହତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ବେଙ୍ଗଲ ପକ୍ଷରୁ ସୁଦୀପ କୁମାର ୪୫୧ ବଲର ସମ୍ମୁଖୀନ ହୋଇ ୨୭ ଚୌକା ସହାୟତାରେ ଅପରାଜିତ ୨୧୬ ରନ କରିଛନ୍ତି। ସୁମନ୍ତ ଗୁପ୍ତା ୮୧ ଏବଂ ହବିବ୍ ଗାନ୍ଧି ଅପରାଜିତ ୪୫ ରନ୍ କରିଛନ୍ତି। ଆନ୍ଧ୍ରର କେ ଭି ଶସିକାନ୍ତ ଓ ସୌରଭ କୁମାର ଦୁଇଟି ଲେଖାଏଁ ତଥା ନୀତିଶ କୁମାର ରେଡ୍ଡୀ ଓ ତ୍ରିପୁରନ ବିଜୟ ଗୋଟିଏ କରି ୱିକେଟ୍ ନେଇଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି